

ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ପଦକୁ ରାହୁଲଙ୍କ ପ୍ରତ୍ୟାଖ୍ୟାନ

ପୃଷ୍ଠା ୭

ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 348 | ଭାଗ ୩୨ | ସଂଖ୍ୟା ୩୪୮ | Bhubaneswar | Thursday 13 March 2025 | Page 8 Rs. 4.00 | ● ଭୁବନେଶ୍ୱର ଗୁରୁବାର ୧୩ ମାର୍ଚ୍ଚ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

ଏପ୍ରିଲ ୧ରୁ ଆମର ଏଠି 'ଆୟୁଷ୍ମାନ'



- ଆରମ୍ଭ ହେବ ପିଏମଜେଏୱାଇ-ଜିଜେଏୱାଇ ସଂଯୁକ୍ତ ଯୋଜନା
- ଉଭୟ ଯୋଜନା ପାଇଁ ଗୋଟିଏ କାର୍ଡ
- ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ମଧ୍ୟ ହେବ ଶୁଭାରମ୍ଭ
- ବୟୋବନ୍ଦନା ଯୋଜନା ପାଇଁ ମିଳିବ ସ୍ୱତନ୍ତ୍ର କାର୍ଡ
- ୭୦ ବର୍ଷରୁ ଅଧିକ ସମସ୍ତେ ପାଇବେ ଚିକିତ୍ସା ସୁବିଧା
- ଉପକୃତ ହେବେ ୩ କୋଟି ୫୨ ଲକ୍ଷ ହିତାଧିକାରୀ

ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ରାଜ୍ୟରେ କାର୍ଯ୍ୟକାରୀ ହେବ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ପିଏମ୍ଜେଏୱାଇ) ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜିଜେଏୱାଇ)। ଆସନ୍ତା ଏପ୍ରିଲ ପହିଲାରେ ସାରା ରାଜ୍ୟରେ ଏହି ଯୋଜନାର ଶୁଭାରମ୍ଭ ହେବ। ଏହା ସହିତ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ମଧ୍ୟ ଉକ୍ତଦିନ ଶୁଭାରମ୍ଭ ହେବ। ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଯୋଜନାର ଶୁଭାରମ୍ଭ ପାଇଁ ରାଜ୍ୟର ସମସ୍ତ ୧୪୩୮ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟକ୍ରମ ଆୟୋଜିତ ହେବ। ଯୋଜନାର ପ୍ରଚାର ଓ ପ୍ରସାର ପାଇଁ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରାଯିବ। ସୂଚନାଯୋଗ୍ୟ ଯେ ଆୟୁଷ୍ମାନ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓଡ଼ିଶାରେ କାର୍ଯ୍ୟକାରୀ ହେବା ପାଇଁ ଗତ ୧୩ ତାରିଖରେ ନୂଆଦିଲ୍ଲୀଠାରେ ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହିତ ରାଜ୍ୟ ସରକାର ଏକ ବୁଝାମଣା ସ୍ୱାକ୍ଷର କରିଥିଲେ।

ବୈଠକର ତଥ୍ୟ ଅନୁଯାୟୀ, ଉଭୟ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୧ କୋଟି ୩ ଲକ୍ଷରୁ ଉର୍ଦ୍ଧ୍ୱ ପରିବାର ଉପକୃତ ହେବେ। ବ୍ୟକ୍ତିଗତ ଭାବେ ୩ କୋଟି ଦ୍ପୃଷ୍ଠା-୬

୪୦ ଡିଗ୍ରୀ ଡେଇଁଲା ତାପମାତ୍ରା

ବୌଦ୍ଧ ଉତ୍ତପ୍ତତମ, ବଲାଙ୍ଗୀରରେ ୩୯.୯ ଡିଗ୍ରୀ



ହୋଲିରେ ହନ୍ତସନ୍ତ କରିବ ହିଟ୍ ୱେଭ୍

ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ଆରମ୍ଭ ହୋଇଯାଇଛି ହୋଲି ଧୂମ୍। ବର୍ଷକୁ ଥରେ ପରସ୍ପର ଦେହରେ ରଙ୍ଗ ଲଗାଇ ହୋଲିର ଶୁଭକାମନା ଦେବାକୁ ସମସ୍ତେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। କିନ୍ତୁ ହୋଲି ମଜାକୁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ତାତି ନଷ୍ଟ କରିବାର ଆଶଙ୍କା ବ୍ୟକ୍ତ କରିଛି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି)। ଆସନ୍ତା ଶନିବାର ହୋଲି ପଡୁଥିବା ବେଳେ ଉକ୍ତଦିନ ରାଜ୍ୟରେ ଅପେକ୍ଷାକୃତ ଅଧିକ ଗରମ ଅନୁଭୂତ ହେବ। ତେଣୁ ଉକ୍ତଦିନ ସମସ୍ତେ ଖରାର ପ୍ରଭାବରୁ ନିଜକୁ ରକ୍ଷା କରିବା ସକାଶେ ଆଇଏମ୍ଡି ପକ୍ଷରୁ ସତର୍କ କରାଇ ଦିଆଯାଇଛି। ସେହିପରି ଆଜି ରାଜ୍ୟରେ ପ୍ରଥମ ଥର ପାଇଁ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ଦିନକ ତଳେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଥିବା ବେଳେ ଆଜି ଏହା ସତ୍ୟ ହୋଇଛି। ବୌଦ୍ଧରେ ଆଜି ଦିନବେଳା ତାପମାତ୍ରା ୪୦.୫ ଡିଗ୍ରୀ ରେକର୍ଡ କରାଯାଇଥିବା ଆଇଏମ୍ଡି ପକ୍ଷରୁ କୁହାଯାଇଛି। ସେହିପରି ବଲାଙ୍ଗିରରେ ଦ୍ୱିତୀୟ ସର୍ବାଧିକ ତାପମାତ୍ରା ୩୯.୯ ଡିଗ୍ରୀ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ୩୯.୪ ଡିଗ୍ରୀ ରହିଥିବା ଜଣାପଡ଼ିଛି।

ଏହାଛଡ଼ା ହୀରାକୁଦରେ ପାରଦ ୩୮.୭ ଡିଗ୍ରୀ ସେଲସିୟସକୁ ବୃଦ୍ଧି ପାଇଥିବା ବେଳେ ରାଉରକେଲାରେ ୩୮.୪ ଡିଗ୍ରୀ, ଭଦ୍ରକ ଜିଲାର ଚାନ୍ଦବାଲିରେ ୩୭.୬ ଡିଗ୍ରୀ, ଦ୍ପୃଷ୍ଠା-୬

ମୋବାଇଲ୍ ମନା ନେଇ ସାମ୍ବାଦିକଙ୍କ ଧାରଣା

ବାଚସ୍ପତିଙ୍କ ହସ୍ତକ୍ଷେପରେ ସମାଧାନ



ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ବିଧାନସଭା ପ୍ରେସ୍ ଗ୍ୟାଲେରୀରେ ବସୁଥିବା ସାମ୍ବାଦିକମାନଙ୍କୁ ଆଜି ମୋବାଇଲ୍ ନେବାକୁ ବାରଣ କରାଯାଇଥିଲା। ତେଣୁ ଏହାକୁ ବିରୋଧ କରି ସାମ୍ବାଦିକମାନେ ଗାନ୍ଧୀ ମୂର୍ତ୍ତି ତଳେ ଧାରଣାରେ ବସିଥିଲେ। ଗୃହରେ ଗତକାଲିର ଘଟଣା ପରେ ସାମ୍ବାଦିକଙ୍କ ପାଇଁ ଏହି କଟକଣାକୁ ବିରୋଧ କରି ସାମ୍ବାଦିକମାନେ ପ୍ରେସ୍ ଗ୍ୟାଲେରୀକୁ ଯାଇନଥିଲେ। ତେବେ ପରେ ବାଚସ୍ପତି ସୁରମା ପାଢ଼ୀ ଏଥିରେ ହସ୍ତକ୍ଷେପ କରିବା ପରେ ସମସ୍ୟାର ସମାଧାନ ହୋଇଛି।

ଗତକାଲି ବିଧାନସଭାରେ ଶାସକ ଓ ବିରୋଧୀ କଂଗ୍ରେସ ବିଧାୟକ ହାତାହାତି ହୋଇଥିବା ବେଳେ ପରିସ୍ଥିତି ଅଣାୟତ୍ତ ହୋଇଥିଲା। ବିଧାନସଭା ଇତିହାସ ସହ କଳଙ୍କିତ ଅଧ୍ୟାୟ ଯୋଡ଼ିହୋଇଥିଲା। କାରଣ ବିଧାନସଭାରେ ଘଟିଥିବା ହିଂସାତ୍ମକ ଆଚରଣ ସବୁ ସୀମା ସରହଦ ଟପିଯାଇଥିଲା। ଗଣତନ୍ତ୍ର ମନ୍ଦିରରେ ବିଧାୟକମାନଙ୍କ ଏଭଳି ବିଶୃଙ୍ଖଳିତ ଆଚରଣ ରେକର୍ଡ ହେଲା ଓ ପରେ ଏହି ଘଟଣାର ଭିଡିଓ ଗଣମାଧ୍ୟମ ଓ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ଦ୍ପୃଷ୍ଠା-୬

ବିଏଲ୍ଏର ଟ୍ରେନ୍ ହାଇଜାକ୍ ଘଟଣା

୨୭ ଆତଙ୍କୀ ନିହତ, ୧୫୫ ଯାତ୍ରୀ ଉଦ୍ଧାର



ଇସଲାମାବାଦ,୧୨।୩: ଗତକାଲି ବାଲୁଚ ଲିବରେସନ ଆର୍ମି (ବିଏଲ୍ଏ) ର ସଦସ୍ୟମାନେ ବେଲୁଚିସ୍ତାନରେ ଏକ ଟ୍ରେନ ହାଇଜାକ୍ କରିବା ସହ ପାଖାପାଖି ୨ ଶହ ଯାତ୍ରୀଙ୍କୁ ମୁୱଜାମିନ୍ ରଖିଥିଲେ। ଉକ୍ତ ଜାଫର୍ ଏକ୍ସପ୍ରେସ୍‌ରେ ଫସିଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରିବା ସକାଶେ ଆଜି ପାକିସ୍ତାନ ଆର୍ମି ପକ୍ଷରୁ ଏନ୍‌କାଉଣ୍ଟର୍ ଜାରି ରହିଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ୧୫୫ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି।

ସାମ୍ନାକୁ ଆସିଲା ଅପହରଣ ସମୟର ଭିଡିଓ

ଅଡିଓରେ ଲୋକଙ୍କୁ ହାତ ମିଳାଇବାକୁ ନିବେଦନ

୨୦୦ କଫିନ୍ ପଠାଇଲା ପାକିସ୍ତାନ

ଏଥିସହ ଏହି ଏନ୍‌କାଉଣ୍ଟର୍‌ରେ ବିଏଲ୍ଏର ୨୭ ଜଣ ଆତଙ୍କୀ ନିହତ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ଅପହରଣ ସମୟର ଛାତିଧରା ଭିଡିଓ ଆଜି ସାମ୍ନାକୁ ଆସିଛି। ବିଏଲ୍ଏ ପକ୍ଷରୁ ଏହାକୁ ଜାରି କରାଯାଇଛି, ଯେଉଁଥିରେ ଆତଙ୍କୀମାନେ ଘଟାଇଥିବା ବିସ୍ଫୋରଣର ଦୃଶ୍ୟ ରହିଛି। ଆଜି ଲଗାତାର ଦ୍ୱିତୀୟ ଦିନ ପାଇଁ ପାକିସ୍ତାନ ଆର୍ମି ଓ ବିଏଲ୍ଏର ଆତଙ୍କୀଙ୍କ ମଧ୍ୟରେ ଏନକାଉଣ୍ଟର ଜାରି ରହିଛି। ଏଥିସହ ଅବଶିଷ୍ଟ ଦ୍ପୃଷ୍ଠା-୬

ସତୀ ଦେଖେଇ ହେଉଛନ୍ତି ବିଜୁ ବିରୋଧୀ

ଖନିମାରିଗଲା ବିଜେଡି ନେତାଙ୍କ ପାଟି



ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ବିଜୁ ପଟ୍ଟନାୟକଙ୍କୁ ନେଇ ବିଜେଡିରେ ରାଜନୀତି କରୁଥିବା ନେତାଙ୍କ ମୁହଁ ବନ୍ଦ କରିଦେଲେ ବିଜେପି ବିଧାୟକ ବାବୁ ସିଂ। ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଓ ବିଜୁବାବୁଙ୍କ ମଧ୍ୟରେ ଥିବା ସମ୍ପର୍କର ଗୁମର ଖୋଲିଦେଲେ। ବିଜୁଙ୍କୁ ନେଇ ବିଜେପିକୁ ଆକ୍ଷେପ କରୁଥିବା ନେତାମାନେ କ'ଣ କହିବେ, କେମିତି ବାବୁ ସିଂଙ୍କୁ ଜବାବ ଦେବେ ଭାବିପାରିଲେ ନାହିଁ। ଯେଉଁମାନେ ବି କହିଲେ ନବୀନ ପଟ୍ଟନାୟକ ଓ ବିଜୁବାବୁଙ୍କ ସମ୍ପର୍କ ପ୍ରସଙ୍ଗରେ ସେମାନଙ୍କ ପାଟି ଖନି ମାରିଗଲା। ମୃତ୍ୟୁ ପରେ ବିଜୁବାବୁଙ୍କ ଅନ୍ତିମ ସଂସ୍କାର ବେଳେ ନବୀନବାବୁ କେଉଁଠି ଥିଲେ ବୋଲି ପ୍ରଶ୍ନ କରିଥିଲେ ବାବୁ। ଯେତେବେଳେ ବିଜୁବାବୁଙ୍କ ଜୁଇ ଜଳୁଥିଲା, ସେତେବେଳେ ନବୀନ ଓ ତାଙ୍କ ଭାଇ ଦାବି କରୁଥିବା ରାଜନେତାଙ୍କ ହୋଟେଲ ବସି ଆମିଷ ଖାଉଥିଲେ। ଏକଥାକୁ ବିଜେଡି ନେତା ଅସ୍ୱୀକାର କରିପାରିବେ କି ବୋଲି ସେ ପ୍ରଶ୍ନ କରିଥିଲେ। କେବଳ ସେତିକି ନୁହେଁ, ବିଜୁବାବୁ ବଞ୍ଚିଥିବା ବେଳେ ନବୀନ ଲୁଚିକି ନବୀନ ନିବାସ ଆସୁଥିଲେ। ବିଜୁବାବୁଙ୍କୁ ସିଧା ସିଧା ଭେଟିବାକୁ ତାଙ୍କର ସାହସ ନଥିଲା। ପୂର୍ବରୁ ନବୀନ ନିବାସ ଭିତରେ ଏକ ଛୋଟ ପାଣିକୁଣ୍ଡ କରି ସେଠାରେ ମାଛ ଛାଡ଼ିଥିଲେ ବିଜୁବାବୁ। ସବୁଦିନେ ସେହି ମାଛଙ୍କୁ ସେ ଖାଇବାକୁ ଦେଉଥିଲେ। ବିଜୁଙ୍କ ଅନ୍ତେ ନବୀନ ପଟ୍ଟନାୟକ ନବୀନ ନିବାସ ଆସିବା ପରେ ଦ୍ପୃଷ୍ଠା-୬

ହଟିଲା ଅନ୍ତରୀଣ ସୁରକ୍ଷା


ବଢ଼ିଲା ରାଜାଙ୍କ ଗିରଫ ଭୟ



ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): କୋଟି କୋଟି ଟଙ୍କାର ଦୁର୍ନୀତିରେ ଫସିଥିବା ବିଜେଡି ନେତା ରାଜା ଚକ୍ରଙ୍କ ଗିରଫଦାରୀ ଭୟ ବଢ଼ିଛି। କାରଣ ଆଜି ରାଜାଙ୍କ ଅନ୍ତରୀଣ ଜାମିନ୍ ଜାମିନ୍‌କୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏଥିସହ ରାଜାଙ୍କ ୪ ସହଯୋଗୀଙ୍କ ଆଗୁଆ ଜାମିନ୍ ଆବେଦନକୁ ଖାରଜ କରିଦିଆଯାଇଛି। ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି କୋଅପରେଟିଭ ସୋସାଇଟି କେଳେଙ୍କାରୀ ମାମଲାରେ ରାଜାଙ୍କ ସହ ଜଡ଼ିତ ବିଭିନ୍ନ ସ୍ଥାନରେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ ଘନ ଘନ ଚଢ଼ାଉ କରାଯାଇଥିଲା। ଦୁଇ ଦିନ ତଳେ ଦ୍ପୃଷ୍ଠା-୬

ସେଟିଂ ମାଷ୍ଟର ଇନ୍ସପେକ୍ଟର

ମୁଁ ମନ୍ତ୍ରୀଙ୍କ ସମ୍ପର୍କୀୟ



ରାଜଧାନୀ ରସ। ଯିଏ ପିଇଲା, ସିଏ ରହିଲା। କ୍ୟାପିଟାଲ ମାୟାରେ ସମସ୍ତେ ବାୟା। ଯିଏ ଯୋଉଠୁ ଆସୁ ନା କାହିଁକି ଭୁବନେଶ୍ୱରରେ ଥରେ ରହିଲେ, ସହଜରେ ଆଉ ଯିବାର ନାଁ ଧରେନାହିଁ। ଠିକ ସେମିତି ଜଣେ ଇନ୍ସପେକ୍ଟରଙ୍କୁ ଏବେ ବାୟା କରିଛି ଭୁବନେଶ୍ୱର। ଅବଶ୍ୟ ରାଜଧାନୀରେ ସେ ବେଶିଦିନ ରହିନାହାନ୍ତି। କିନ୍ତୁ ଆଗକୁ ଗାଦି ମାଡ଼ି ବସିବା ପାଇଁ ସେ ନିଜକୁ ଜଣେ ମନ୍ତ୍ରୀଙ୍କ ସମ୍ପର୍କୀୟ ବୋଲି କହି ଜାଲ ପକାଇବା ଆରମ୍ଭ କରିଛନ୍ତି। ଆଗରୁ ରାଜଧାନୀର ଏକ ଥାନାରେ ଥିଲେ ସୁଦ୍ଧା ତାଙ୍କ ଜାଲରେ ଖାଲି କୁଆଡ଼େ କେରାଞ୍ଚି ପଡୁଥିଲେ। ଏବେ ତାଙ୍କର ବଦଳି ହୋଇଛି ଭାକୁର ସାଲୁବାଲୁ ହେଉଥିବା ଥାନାକୁ। ନୂଆ ଥାନା ଏରିଆରେ ପୁଳା ପୁଳା ବାର, ଡ୍ୟାନ୍ସ ବାର ଆଉ ପବ୍।ଏ ହାଛଡା ଜମିବାଡ଼ି ସମ୍ପର୍କିତ କେସ୍ ପାଇଁ ଏହି ଥାନାର ବେଶ ସୁନାମ ବି ରହିଛି। ପୂର୍ବ ଆଇଆଇସିଙ୍କ ଜିଲ୍ଲା ବାହାରକୁ ବଦଳି ହେବା ପରେ ନେତା ମନ୍ତ୍ରୀଙ୍କ ନାଁ କହି କ୍ରିମ ଖାଇବାକୁ ଆସିଥିଲେ ଆଇଆଇସି। ଏପରିକି ଜଣେ ମନ୍ତ୍ରୀଙ୍କ ସମ୍ପର୍କୀୟ ବୋଲି ନିଜକୁ କହି ବିଭାଗ ଭିତରେ ଆଧିପତ୍ୟ ବିସ୍ତାର କରିବାକୁ ଲାଗିଥିଲେ। ହେଲେ ନୂଆ ଡିସିପି ଆସିବା ପରେ ଶୁଣାଯାଉଛି ତେଲମରାଙ୍କ ପାଇଁ ଭୁବନେଶ୍ୱରରେ ସ୍ଥାନ ନାହିଁ। ପାର୍ଟି ଲାଇନ କହି ଗାଦି ଦ୍ପୃଷ୍ଠା-୬

ମରିସସ୍‌ରେ ଖୋଲିଲା ଅଟଳ ବିହାରୀ ପ୍ରଶାସନିକ ଉତ୍କର୍ଷ କେନ୍ଦ୍ର



୨୦୧୭ରେ ଦୁଇ ଦେଶ ମଧ୍ୟରେ ହୋଇଥିଲା ବୁଝାମଣା

ମୋଦିଙ୍କୁ ମରିସସ୍‌ର ସର୍ବୋଚ୍ଚ ନାଗରିକ ପୁରସ୍କାର

ପୋର୍ଟ ଲୁଇସ୍,୧୨।୩: ସମ୍ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମରିସସ୍ ଗସ୍ତରେ ଥିବା ବେଳେ ସେଠାରେ ଆଜି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଓ ମରିସସ୍ ପ୍ରଧାନମନ୍ତ୍ରୀ ନବୀନଚନ୍ଦ୍ର ରାମଗୁଲାମ ମରିସସ୍‌ର ରେଡୁଇଟ୍‌ଠାରେ ଅଟଳ ବିହାରୀ ବାଜପେୟୀ ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ସର୍ଭିସ୍ ଆଣ୍ଡ ଇନୋଭେସନ୍‌କୁ ମିଳିତ ଭାବେ ଉଦଘାଟନ କରିଛନ୍ତି। ଏହି ପ୍ରତିଷ୍ଠାନ ଭାରତ-ମରିସସ୍ ବିକାଶ ଭାଗିଦାରୀ ଅଧୀନରେ କାର୍ଯ୍ୟକାରୀ ହୋଇଥିବା ଐତିହାସିକ ପ୍ରକଳ୍ପ ମରିସସରେ ଦକ୍ଷତା ବିକାଶ କ୍ଷେତ୍ରରେ ଭାରତୀୟ ପ୍ରତିବଦ୍ଧତାର ସବୁଠାରୁ ବଡ଼ ପ୍ରମାଣ ସାବ୍ୟସ୍ତ ହୋଇଛି। ଏହି ପ୍ରତିଷ୍ଠାନ ମୁଖ୍ୟତଃ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ସହଯୋଗ କରିବ। ଗତ ୨୦୧୭ରେ ଦୁଇ ଦେଶ ମଧ୍ୟରେ ହୋଇଥିବା ଏକ ବୁଝାମଣାପତ୍ର ଅଧୀନରେ ୪.୭୪ ନିୟୁତ ୟୁଏସ ଡଲାର ଅନୁଦାନ ମାଧ୍ୟମରେ ଏହି ଦ୍ପୃଷ୍ଠା-୬

SIKSHA 'O' ANUSANDHAN

SAAT-2025

Empowering students for a brighter future

CORE B.TECH PROGRAMMES
- Civil Engineering
- Electrical Engineering
- Mechanical Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

କଂଗ୍ରେସକୁ ଆଶାବାଡ଼ି କରୁଛି ବିଜେଡି

ଉପରେ ପଡ଼ି ସମର୍ଥନ ଦେଉଛି

ଆଗକୁ କାନ୍ଧରେ ରଖିବ ବନ୍ଧୁକ



ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ରାଜ୍ୟ କଂଗ୍ରେସକୁ ବିଜେଡି ଏବେ ଆଶାବାଡ଼ି କରୁଛି। ବିଜେପିକୁ ଏକାକୀ ମୁକାବିଲା କରିବା ଦଳ ପକ୍ଷରେ କଷ୍ଟକର ହେଉଥିବାରୁ ଏବେ କଂଗ୍ରେସକୁ ଆଗରେ ରଖି ଲଢ଼ିବାକୁ ନୂଆ ରଣନୀତି ଆପଣେଇଛି ବିଜେଡି। ଉପର ମହଲରୁ ଏନେଇ ସବୁଜ ସଙ୍କେତ ପାଇଲା ପରେ ବିଧାନସଭାରେ କଂଗ୍ରେସ ବିଧାୟକ ତାରାଙ୍କ ନିଲମ୍ବନକୁ ଜୋରଦାର ବିରୋଧ କରିଛି ଦଳ।

ଚଳିତ ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ଦୁଇ ବିରୋଧୀଦଳ କଂଗ୍ରେସ ଓ ବିଜେଡି ଦୁଇ ଦିଗକୁ ମୁହଁ କରି ଲଢୁଥିଲେ। ବିଜେଡି ଗୃହ ମଧ୍ୟଭାଗକୁ ଆସି ରେଳବାଇ ଭଳି ପ୍ରସଙ୍ଗକୁ ବିରୋଧ କରୁଥିବା ବେଳେ କଂଗ୍ରେସ ନେତାମାନେ ବସି ଏହାର ପୂରା ମଜା ଉଠାଉଥିଲେ। ସେହିଭଳି କଂଗ୍ରେସର ପୋଲାଭରମ ପ୍ରସଙ୍ଗରେ ବିଜେଡି ଯେଭଳି ସାଥ୍ ଦେବା କଥା, ତାହା ଦେଇନଥିଲା। ଦୁଇ ଦଳର ଏଭଳି ରଣନୀତି ଶାସକଦଳକୁ ବେଶ୍ ସୁହାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ବି ସ୍ଥିତି ସମାନ ଥିଲା। ପ୍ରଥମରୁ ବିଜେଡି ବିଜୁ ପ୍ରସଙ୍ଗ ଓ କଂଗ୍ରେସ ମହିଳା ସୁରକ୍ଷାକୁ ନେଇ ଗୃହକୁ ସରଗରମ କରୁଥିଲା। ବାଚସ୍ପତି ତାଙ୍କ ଆସନକୁ ଆସିବା ପୂର୍ବରୁ କିଏ ଆସି ଗୃହ ମଧ୍ୟରେ ପ୍ରଥମେ ହଙ୍ଗୋଳ କରିବ, ତାହାକୁ ନେଇ ପ୍ରତିଯୋଗିତା ଲାଗିଥିଲା। ହେଲେ ଗୃହରେ ଧସ୍ତାଧସ୍ତି ଓ ତାରାଙ୍କ ନିଲମ୍ବନ ପରେ ସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଛି। ବିଜେଡି ଏବେ ତାରାଙ୍କ ନିଲମ୍ବନ ପରେ ତା'ର ରଣନୀତିରେ ପରବର୍ତ୍ତନ କରିଛି।

କଂଗ୍ରେସକୁ ଆଶାବାଡ଼ି କରିବା ପଛରେ ବିଜେଡିର ଦୀର୍ଘମିଆଦୀ ଯୋଜନା ରହିଥିବା ଆଲୋଚନା ହେଉଛି। ଗୋଟିଏ ପଟେ ବିଜେଡି ମାମଲତକାରଙ୍କ ସହଯୋଗୀଙ୍କ ଉପରେ ଚଢ଼ାଉ ଜୋରଦାର ହେଉଥିବା ବେଳେ ଅନ୍ୟପଟେ କଂଗ୍ରେସ ଧିରେ ଧିରେ ଆଗକୁ ବଢୁଛି। କଂଗ୍ରେସର ନଜର ଏବେ ବିଜେଡି ଭୋଟ ବ୍ୟାଙ୍କ୍ ଉପରେ। ବିଜେଡିର ଯେଉଁ ଅସନ୍ତୁଷ୍ଟମାନେ ବିଜେପିକୁ ଯାଉନାହାନ୍ତି, ସେମାନଙ୍କୁ ନିଜ ପଟକୁ ଆଣିବା ପାଇଁ କଂଗ୍ରେସ ରଣନୀତି ତୟାର୍ କରୁଛି। ତେଣୁ ବିଜେଡି କଂଗ୍ରେସ ସହ ରହିଛି ବୋଲି ଏବେ କର୍ମୀଙ୍କୁ ଏପରି ଏକ ବାର୍ତ୍ତା ଦେବାକୁ ଚାହୁଁଛି। ତେବେ ଏହାର ଫାଇଦା ବିଜେଡିକୁ କିଛି ପରିମାଣରେ ମିଳିବ ବୋଲି ରାଜନୈତିକ ଦ୍ପୃଷ୍ଠା-୬

ବିପୁଳ ପରିମାଣର ଚୋରା ମଦ ଜବତ, ୧୦ କୋର୍ଟ ଚାଲାଣ



କେନ୍ଦ୍ରାପଡ଼ା,୧୨।୩ (ସଂଚାର ବ୍ୟୁରୋ): ଚୋରା ମଦ ବ୍ୟବସାୟୀ ଙ୍କ ଉପରେ ଅତର୍କିତ ଚଢ଼ାଉ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଚୋରା ମଦ ଜବତ କରାଯାଇଛି । କେନ୍ଦ୍ରାପଡ଼ା ସଦର, ମହାକାଳପଡ଼ା,ମାର୍ଶାଘାଇ,ଆଳି, ରାଜକନିକା ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଚଡେଇଗୁଆଁ ଗ୍ରାମର ସତ୍ୟପ୍ରିୟ ସାହୁଙ୍କ ଠାରୁ ୪୯ ଲିଟର ଦେଶୀ ମଦ, ଗଉଡାବଡାପୁର ଗ୍ରାମର ବୈକୁଣ୍ଠ ବିହାରୀ ମଲ୍ଲିଙ୍କ ଠାରୁ ୪୮ ଲିଟର ବିଦେଶୀ ମଦ,ତୁଳସୀପୁର ଗ୍ରାମର ଅଜୟ କୁମାର ସ୍ୱାଇଁଙ୍କ ଠାରୁ ୩୯ ଲିଟର ବିଦେଶୀ ମଦ, ଦଶୀପୁର ଗ୍ରାମର ସୁଶାନ୍ତ ସେଠୀଙ୍କ ଠାରୁ ୬୧ ଲିଟର ଦେଶୀ ମଦ, ଇଞ୍ଚାଳ ଗ୍ରାମର ହୃଷିକେଶ ନାୟକଙ୍କ ଠାରୁ ୫୧ ଲିଟର ଦେଶୀ ମଦ, ପୁରୁଷୋତମପୁର ଗ୍ରାମର ବନମାଳି ମିଶ୍ରଙ୍କ ଠାରୁ ୪୫ ଲିଟର ଦେଶୀ ମଦ, ବଡଗାଁ ଗ୍ରାମର ରଘୁନାଥ ଦାସଙ୍କ ଠାରୁ ୩୭ ଲିଟର ଦେଶୀ ମଦ ଏବଂ ଦାନପୁର ଗ୍ରାମର ନୀର ଜେନାଙ୍କ ଠାରୁ ୪୮ ଲିଟର ବିଦେଶୀ ମଦ, ବଡାଙ୍କ ଗ୍ରାମର ମାନସ ଦାସଙ୍କ ଠାରୁ ୩୨ ଲିଟର ଦେଶୀ ମଦ ଏବଂ ଭାମଣ୍ଡ ଗ୍ରାମର ଅମିୟ କୁମାର ବିଶ୍ୱାଳଙ୍କ ଠାରୁ ୬୩ ଲିଟର ବିଦେଶୀ ମଦ ଜବତ କରି ଏମାନଙ୍କୁ ଗିରଫ କରାଯାଇଅଛି । ଏମାନଙ୍କ ପାଖରୁ ସମୁଦାୟ ୪୭୩ ଲିଟର ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରାଯାଇ ୧୦ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ନିରିକ୍ଷକ କହିଛନ୍ତି । ଏହି ଚଢ଼ାଉରେ ଅବକାରୀ ନିରିକ୍ଷକ ଶ୍ରୀ ହିତାଂଶୁ ଶେଖର ମଲିକ, ଶ୍ରୀ ପଦ୍ମଲୋଚାନ ନାୟକ, ଅବକାରୀ ଉପ ନିରିକ୍ଷକ ଶ୍ରୀ ଧର୍ମପଦ ଦାସ, ଶ୍ରୀ ନରେଶ କୁମାର ପଣ୍ଡା ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

ବାଇକକୁ ଧକ୍କାଦେଲା ଟ୍ରାକ୍ଟର, ୨ ଗୁରୁତର


କେନ୍ଦ୍ରାପଡ଼ା,୧୨।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସହର ଅଧୀନ ସନ୍ଧ୍ୟା ୫ ଘଟିକା ସମୟରେ କେନ୍ଦ୍ରାପଡା ସହରପଟୁ ଯାଉଥିବା ଓଡ଼ି ୨୧ ସି ୦୬୫୯ ନାମକ ଏକ ବାଇକକୁ କଟକ ପଟୁ ଆସୁଥିବା ଏକ ଟ୍ରାକ୍ଟର ଦୁହୁରିଆ ସତସଂଘ ବିହାର ସମ୍ମୁଖରେ ଖୁବ୍ ଦୃତ ବେଗରେ ଆସି ଧକାଦେଇ ଚାଲି ଯାଇଥିଲା । ବାଇକରେ ଥିବା ମାର୍ଶାଘାଇ ଅଞ୍ଚଳର ଦୁଇ ଯୁବକଙ୍କ ମୁଣ୍ଡ ଏବଂ ଗୋଡରେ ଖୁବ୍ ଯୋରରେ ଆଘାତ୍ ଲାଗିଥିବାରୁ ଯୁବକ ଦ୍ୱୟ ରକ୍ତ ଯୁଡୁବୁଡୁ ଅବସ୍ଥାରେ ରାସ୍ତା କଡରେ ଛିଟିକି ପଡି କିଛି ସମୟ ପାଇଁ ଚେତା ଶୂନ୍ୟ ଅବସ୍ଥାରେ ପଡି ରହିଥିଲେ। କିଛି ସ୍ଥାନୀୟ ଲୋକେ ଏଭଳି ଦୃଘଟଣା ଦେଖି ୧୦୮ ଆମ୍ବୁଲାନସକୁ ବାରମ୍ବାର ଫୋନ୍ କରିବା ପରେ ୧୦୮ ଆମ୍ବୁଲାନସ ଠିକ୍ ସମୟରେ ଆସିନଥିଲା । ପରେ ଖବର ପାଇ ଘଟଣା ସ୍ଥଳରେ ସଦର ଥାନା ପୋଲିସ ତତକ୍ଷଣାତ ପହଞ୍ଚି ସବ ଇନିସ୍ପେକ୍ଟର ବିଶ୍ୱଭୂଷଣ ସାହାଣୀ ପହଞ୍ଚି ରାସ୍ତା କଡରେ ପଡି ଛଟପଟ ହେଉଥିବା ଦୁଇଜଣ ଯୁବକଙ୍କୁ ସଂଗେ ସଂଗେ ପୁଲିସ ଭ୍ୟାନରେ ନେଇ କେନ୍ଦ୍ରାପଡା ଇଛାପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚାଇବା ସଂଗେ ସଂଗେ ତାଙ୍କର ଚିକିତ୍ସା କରାଇ ଯୁବକ ଦ୍ୱୟଙ୍କ ଜୀବନ ବଞ୍ଚାଇଥିଲେ ।

ମହାନଦୀରୁ ମୃତ ହରିଣ ଉଦ୍ଧାର



ମହାକାଳପଡ଼ା,୧୨।୩ (ସଂଚାର ବ୍ୟୁରୋ): ଜମ୍ବୁ ରେଞ୍ଜ ଅଧୀନ ରାମନଗର ପଞ୍ଚାୟତର ବାହାକୁଦ ଗ୍ରାମ ଦେଇ ବହି ଯାଇଥିବା ମହାନଦୀରୁ ଏକ ମୃତ ହରିଣୀକୁ ଉଦ୍ଧାର କରାଯାଇଛି। ହରିଣୀଟି ବାହାକୁଦ ଫେରିଘାଟ ନିକଟରେ ମୃତ ଅବସ୍ଥାରେ ଦେଖି ଲୋକେ ମହାକାଳପଡ଼ା ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଫରେଷ୍ଟର ମହନ୍ତ ମଲିକ ମୃତ ହରିଣୀ କୁ ଉଦ୍ଧାର କରିଥିଲେ। ହରିଣୀ ଟିକୁ ଶବ ୱବେଚ୍ଛେଦ କରାଯିବା ସହିତ କେଶ ନମ୍ବର ୦୬/୨୪,୨୫ରେ ଅପମୃତୁ ମାମଲା ରୁଜୁ କରାଯାଇଛି। ଖରାଦିନେ ମଧୁର ଜଳର ଅଭାବ ଦେଖା ଦେଇଛି ଲୁଣା ଜଙ୍ଗଲରେ, ପିଇବା ପାଣି ହେଉ କିମ୍ବା କୌଣସି ଶିକାରୀ ହାବୁଡ଼ରେ ପଡି ଆହତ ଅବସ୍ଥା ରେ ମହାନଦୀ ରେ ପଡି ମୃତ୍ୟୁ ହୋଇ ଥାଏ ବୋଲି ପରିବେଶବିତ୍‌ମାନେ ମତ ପ୍ରକାଶ କରିବା ସହିତ ହରିଣୀର ମୃତ୍ୟୁ କିପରି ହେଲା ତାହା ତଦନ୍ତ ହେବା ଦରକାର ବୋଲି ମତ ରଖିଛନ୍ତି।

ଶୀତଳା ଦେବୀଙ୍କ ପୂଜା ଓ ୨୧ତମ ଚବିଶ ପ୍ରହର ନାମ ସଂକୀର୍ତ୍ତନ ଉଦ୍‌ଯାପିତ



ମହାକାଳପଡ଼ା,୧୨।୩ (ସଂଚାର ବ୍ୟୁରୋ): ସୁନିତି ପଞ୍ଚାୟତର ପୂର୍ବ ସୁନିତି ଗ୍ରାମରେ ୫ ଦିନ ବ୍ୟାପୀ ହେଉଥିବା ମାଆ ଶୀତଳା ଚଣ୍ଡୀ ଙ୍କ ପୂଜା ଓ ୨୧ ତମ ଚବିଶି ପ୍ରହର ନାମ ସଙ୍କୀର୍ତ୍ତନ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ୭ ମାର୍ଚ୍ଚ ରୁ ୧୨ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ପୂଜା କାର୍ଯ୍ୟକ୍ରମ ଚାଲିଥିଲା। ୨୧ ବର୍ଷ ଧରି ମହାଆଡମ୍ବରରେ ମାଆଙ୍କ ପୂଜା କାର୍ଯ୍ୟକ୍ରମ ଗ୍ରାମବାସୀମାନେ ଆୟୋଜନ କରିଆସୁଛନ୍ତି। ଗ୍ରାମର ଆରାଧ୍ୟ ଦେବୀ ଭାବରେ ଶୀତଳା ଚଣ୍ଡୀ ପୂଜା ପାଇ ଆସୁଛନ୍ତି। ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ସମାଗମ ହୋଇ ନାମ ସଙ୍କୀର୍ତ୍ତନ ରେ ସାମିଲ ହୋଇ ପ୍ରଭୁ କୃପା ଲାଭ କରିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ଏହି ପୂଜା ଆୟୋଜିତ ହେଉଥିଲା ବେଳେ ହରିବାସର ଯୁବକ ସଂଘ ପରିଚାଳନା କରିଥିଲା।

କେବଳ ହିନ୍ଦୀ ଶିକ୍ଷକରେ ଚାଲିଛି ହାଇସ୍କୁଲ

ଶିକ୍ଷକ ନିଯୁକ୍ତି ପାଇଁ ପଞ୍ଚାୟତବାସୀଙ୍କ ଦାବି

ରାଜନଗର,୧୨।୩ (ସଂଚାର ବ୍ୟୁରୋ): ରାଜନଗର ବ୍ଲକରେ ଶିକ୍ଷା କ୍ଷେତ୍ରରେ ବିଚିତ୍ର ଅବସ୍ଥା ସୃଷ୍ଟି ହୋଇଛି। ହାଇସ୍କୁଲରେ ଜଣେ ମାତ୍ର ହିନ୍ଦୀ ଶିକ୍ଷକରେ ପାଠପଢା ଚାଲିବା ଘଟଣା ସବୁ ମହଲକୁ ଆନ୍ଦୋଳିତ କରୁଛି। ସମସ୍ତ ବିଷୟରେ ଶିକ୍ଷକ ନଥିବା ବେଳେ କେବଳ ଜଣେ ମାତ୍ର ହିନ୍ଦୀ ଶିକ୍ଷକ ପ୍ରଧାନଶିକ୍ଷକ ଦାୟିତ୍ୱ ସହିତ ସମସ୍ତ ବିଷୟ କିପରି ପଢାଉଥିବେ, ତାହା ଆପେ ବୁଝି ହେବ। ବିନା ଶିକ୍ଷକରେ ଏବର୍ଷ ଛାତ୍ର ଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବାରୁ ଅଭିଭାବକ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପତିକ୍ରିୟା ସୃଷ୍ଟି ହୋଇଛି। ଆଜି ଅଭିଭାବକ ଓ ପଂଚାୟତବାସୀ କେନ୍ଦ୍ରପଡା ଜିଲ୍ଲାପାଳ, ମାନ୍ୟବର ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ, ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଶିକ୍ଷା ବର୍ଷ ଆରମ୍ଭ ପୂର୍ବରୁ ଶିକ୍ଷକ ନିଯୁକ୍ତି କରିବା ପାଇଁ ଦାବି କରିଛନ୍ତି। ନଚେତ ପଞ୍ଚାୟତ ବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ରାଜନଗର ବ୍ଲକ ସାନବଡଗୋପାଳପୁର ପଂଚାୟତର ଭାଟପଡା ଠାରେ ରହିଛି ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ। ୧୯୮୨ ମସିହାରେ ଏହି ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ସାନବଡ ଗୋପାଳପୁର ପଂଚାୟତର ଏହା ଏକମାତ୍ର ହାଇସୁଲ। ଏହି ପୁରାତନ ବିଦ୍ୟାଳୟରେ ଏବେ ଶିକ୍ଷକ ମରୁଡି ଯୋଗୁଁ ଛାତ୍ର ଛାତ୍ରୀ ମାନଙ୍କ ବିଶ୍ୱାସ ତୁଟିବାରେ ଲାଗିଛି। ଏହି ବିଦ୍ୟାଳୟରେ ପୂର୍ବରୁ ଶହ ଶହ ଛାତ୍ର ଛାତ୍ରୀ ପାଠ ପଢୁଥିବା ବେଳେ ୧୦ଜଣ ଶିକ୍ଷକ ଓ ୩ଜଣ ପିଅନ ଥିଲେ। ମାତ୍ର ଜଣଙ୍କ ପରେ ଜଣେ ଅବସର ନେବା ପରେ ବିଦ୍ୟାଳୟରେ ଏବେ କେବଳ ହିନ୍ଦୀ ଶିକ୍ଷକଙ୍କୁ ବାଦ ଦେଲେ ଅନ୍ୟ କୌଣସି ଶିକ୍ଷକ ନାହାଁନ୍ତି କିମ୍ବା କର୍ମଚାରୀ ନାହାଁନ୍ତି। ୨୦୨୩ ଜୁଲାଇ ମାସରେ ବିଜ୍ଞାନ ଶିକ୍ଷକ ଅବସର ନେଇଥିବା ବେଳେ ୨୦୨୪ ଜାନୁୟାରୀରେ ଖେଳ ଶିକ୍ଷକ ଅବସର ନେଇଛନ୍ତି। ଏବେ କେବଳ ହିନ୍ଦୀ ଶିକ୍ଷକ ବିଦ୍ୟାଳୟରେ ସବୁ ଦାୟିତ୍ୱରେ ଅଛନ୍ତି। ବିଦ୍ୟାଳୟରେ ଶିକ୍ଷକ ନଥିବାରୁ ପିଲା ଆଉ ନାମ ଲେଖାଉନାହାଁନ୍ତି। ବିଦ୍ୟାଳୟର ଅଭିଭାବକ ଓ ଛାତ୍ର ଛାତ୍ରୀମାନେ ଏ ନେଇ ବାରମ୍ବାର ଲିଖିତ ଭାବେ ଶିକ୍ଷାମନ୍ତ୍ରୀଙ୍କ ଠୁଁ ଆରମ୍ଭ କରି ଜିଲ୍ଲା ଶିକ୍ଷାଧିକାରୀଙ୍କ ଯାଏଁ ସମସ୍ତଙ୍କୁ ଶିକ୍ଷକ ନିଯୁକ୍ତି ପାଇଁ ବାରମ୍ବାର ଜଣାଇଥିଲେ ମଧ୍ୟ କେହି ଏଥିପ୍ରତି କର୍ଣ୍ଣପାତ କରୁନାହାଁନ୍ତି।

ସରକାର ଜାତୀୟ ଶିକ୍ଷାନୀତି ଲାଗୁ ଯାଉଥିବା ବେଳେ ହାଇସୁଲ ଜଣେ ମାତ୍ର ହିନ୍ଦୀ ଶିକ୍ଷକରେ ଚାଲିବା ଘଟଣା ଉଦବେଗ ସୃଷ୍ଟି କରିଛି। ତୁରନ୍ତ ଏହି ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦେବାକୁ ସାନବଡ ଗୋପାଳପୁର ପଞ୍ଚାଯତର ବସନ୍ତ କୁମାର ସେଠୀ, ଧର୍ମାନନ୍ଦ ପରିଡା, ଶରତ ମହାନ୍ତି, କଲ୍ପତରୁ ଜେନା, ବ୍ରଜ ମୋହନ ପ୍ରଧାନ, ବୈକୁଣ୍ଠ ପ୍ରଧାନ, ଶରତ କୁମାର ସେଠୀ ପ୍ରମୁଖ ଶତାଧିକ ଛାତ୍ରାଭିଭାବକମାନେ ଦାବୀ କରିଛନ୍ତି।

ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର କମିଟି ବୈଠକ

କେନ୍ଦ୍ରାପଡା,୧୨।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର କମିଟି ବୈଠକ ଭାରପ୍ରାପ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କୃଷି ଯୋଜନା ସମ୍ବନ୍ଧୀୟ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା । ପ୍ରାଣି ସମ୍ପଦ ବିଭାଗର ୧୫ଟି ପ୍ରକଳ୍ପ ଏଠାରେ ଉପସ୍ଥାପନ କରାଯାଇଥିବା ବେଳେ ସେଥି ମଧ୍ୟରୁ ୧୦ଗୋଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ କଲ୍ୟାଣ କୁମାର ରାୟ, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ଉଦ୍ୟାନ କୃଷି ବିଭାଗର ସହକାରୀ ଉପ ନିର୍ଦ୍ଦେଶକ ଦେବବାସ ଦତ ପ୍ରମୁଖ ଉପସ୍ଥିତ ଥିଲେ । ଏହି ବୈଠକରେ ଉପସ୍ଥିତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ କାର୍ଯ୍ୟାଦେଶ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡା କୃଷି ବିଭାଗର ୨ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଉକ୍ତ ବୈଠକରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ବିଧାୟକଙ୍କ ନିର୍ଦ୍ଦେଶକୁ ଫୁ

କେନାଲବନ୍ଧ କାମ ନିମ୍ନମାନର ଅଭିଯୋଗ



ମାହାଙ୍ଗ,୧୨।୩ (ସଂଚାର ବ୍ୟୁରୋ): ସରକାର ଜନସାଧାରଣଙ୍କ ସୁବିଧା ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ରାସ୍ତାଘାଟ ଓ କେନାଲ ବନ୍ଧ ମାନ ସୁଦୃଢ଼ି କରଣ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦରଙ୍କ ସଲାସୁତରା ହେତୁ ଅତ୍ୟନ୍ତ ନିମ୍ନମାନର ହେଉଥିବା ଦେଖିବାକୁ ମିଳିଛି।

ପ୍ରକାଶଯେ ପଙ୍ଗାମୁଣ୍ଡାଇ କେନାଲ ବନ୍ଧର ଦକ୍ଷିଣ ପାର୍ଶ୍ୱ ବାଲିଚନ୍ଦ୍ରପୁର ଠାରୁ- ଚାୟାଁପାଳ ପର୍ଯ୍ୟନ୍ତ ପ୍ରାୟ ୪ କି.ମି କେନାଲବନ୍ଧ କାର୍ଯ୍ୟ ସୁଦୃଢ଼ି କରଣ ନିମନ୍ତେ ୧ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଜନୈକ ଠିକାଦାର ରାସ୍ତା କାର୍ଯ୍ୟ ଚାଲୁ ରଖିଛନ୍ତି। ତେବେ ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏହି ରାସ୍ତା କାର୍ଯ୍ୟରେ ନିମ୍ନମାନର ମୋରମ ପକାଯାଉଥିବା ବେଳେ ଏହି ମୋରମ ଉପରେ ବାଲି ପକାଯାଉନାହିଁ। ରାସ୍ତା ଉପରେ ପକାଯାଉଥିବା ମୋରମର ମୋଟେଇ ସଠିକ୍ ଭାବେ ପଡୁନଥିବା ବେଳେ ନାମକୁ ମାତ୍ର ମୋରମ ଛିଟିଂ ଦିଆଯାଉଛି। ସେହିପରି ମୋରମ ଉପରେ ପାଣି ପକାଯିବାର ବ୍ୟବସ୍ଥା ଥିବା ବେଳେ ସେଠାରେ ଆଦୌ ପାଣି ପଡୁନାହିଁ କିମ୍ବା ସଠିକ୍ ଢଙ୍ଗରେ ରୋଲିଙ୍ଗ କରାଯାଉନାହିଁ। ତେବେ ଏହି କାର୍ଯ୍ୟ ଚାଲିଥିବା ବେଳେ ଏଠାରେ ସୂଚନା ଫଳକ ଲଗାଯାଇନାହିଁ। ଯାହାକି ଜନସାଧାରଣଙ୍କୁ ଅନ୍ଧାରରେ ରଖାଯାଉଛି। ତେବେ ଠିକାଦାର ଓ ଯନ୍ତ୍ରୀ ସବୁ ନିୟମକୁ ମାଡି ମକଚି ବିଭାଗୀୟ ନିୟମକୁ ଖାତିର ନକରି ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରୁଥିବାରୁ ସାଧାରଣରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଯୋଗ୍ୟଯେ ଗତ ମାସକ ତଳେ ଚାୟାଁପାଳଠାରେ କଂକ୍ରିଟ ଢଳାଇ ରାସ୍ତା କାର୍ଯ୍ୟ ନିମ୍ନମାନର ହେତୁ ଫାଟି ଆଁ କରିଥିବା ନେଇ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକଶ ପାଇଲା ପରେ ସ୍ଥାନୀୟ ବିଧାୟକ ଘଟଣା ସ୍ଥଳରେ ପହଁଚି କାର୍ଯ୍ୟ ତଦାରଖ କରିବା ସହ ନିମ୍ନ ମାନର କାର୍ଯ୍ୟ ନେଇ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀଙ୍କୁ କଡା ତାଗିଦ୍ କରିବା ସହ ଭବିଷ୍ୟତରେ ଏପରି କାର୍ଯ୍ୟ ନକରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୁନର୍ବାର ଏହି କାର୍ଯ୍ୟ ନିମ୍ନମାନର ହେଉଥିବାରୁ ବିଧାୟକଙ୍କ ନିର୍ଦ୍ଦେଶକୁ ଠିକାଦାର ଓ ଯନ୍ତ୍ରୀ ଫୁ କରିଦେବା ଘଟଣା ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ମହାକାଳପଡା ବିଡ଼ିଓଙ୍କ ଗ୍ରୀଷ୍ମ ପ୍ରବାହ ପ୍ରସ୍ତୁତି

ଜାରିହେଲା ଟୋଲ୍ ଫ୍ରି ନମ୍ବର



ମହାକାଳପଡ଼ା,୧୨।୩ (ସଂଚାର ବ୍ୟୁରୋ): ସାମ୍ଭାବ୍ୟ ଅଂଶୁଘାତ ଓ ଗ୍ରୀଷ୍ମ ପ୍ରବାହର ମୁକାବିଲା କରିବା ପାଇଁ ମହାକାଳପଡ଼ା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଆଗୁଆ ପଦକ୍ଷେପ ଗ୍ରହଣ କରିଛନ୍ତି। ଗ୍ରୀଷ୍ମ ପ୍ରବାହ ପରିସ୍ଥିତିର ମୁକାବିଲା ପାଇଁ ନିଆଯିବା ପଦକ୍ଷେପ ସମ୍ପର୍କରେ ଏକ ଜରୁରୀକାଳୀନ ପ୍ରସ୍ତୁତି ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ କରିଛନ୍ତି । ଏହି ସଭାରେ ଗ୍ରୀଷ୍ମପ୍ରବାହ ର ମୁକାବିଲା କରିବାରେ କ'ଣ କ'ଣ ପଦକ୍ଷେପ ନିଆଯିବା ଦରକାର ସେ ସମ୍ପର୍କରେ ଆଲୋଚନା କରି ଲୋକମାନଙ୍କୁ ସତର୍କତା ଜରିଆରେ ସଚେତନତା ପାଇଁ ମଧ୍ୟ ଆଲୋଚନା କରିଥିଲେ। ଆଗକୁ ଆସୁଥିବା ଗ୍ରୀଷ୍ମ ପ୍ରବାହରେ ଲୋକମାନେ କିପରି ସଚେତିତ ହେବେ ଓ ଅଂଶୁଘାତରୁ ରକ୍ଷା ପାଇ ପାରିବେ ସେ ସମ୍ପର୍କରେ ଅଧିକାରୀ ମାନଙ୍କୁ ପରାମର୍ଶ ଦେବା ସହିତ ଏକ ଟୋଲ୍ ଫ୍ରି ନମ୍ବର ଜାରି କରାଇଛନ୍ତି।କେହି ଅଂଶୁଘାତ ଜନିତ ସମସ୍ୟା ରେ ପଡିଲେ ୯୮୨୭୬୮୯୪୦ ରେ କଲ୍ କଲେ ସବୁ ପ୍ରକାର ସୁବିଧା ଯୋଗାଇ ଦିଆଯିବ। ମହାକାଳପଡ଼ାବାସୀଙ୍କ ସ୍ୱାସ୍ଥ୍ୟ ର ସୁରକ୍ଷା ପାଇଁ ହୋଇଥିବା ଆଲୋଚନାରେ ତହସିଲଦାର ଶିବ ମଲ୍ଲିକ, ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ର ଭାରା ପ୍ରାପ୍ତ ମେଡିକାଲ୍ ଅଫିସର ଡଃ ନିରଞ୍ଜନ କର, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ମହିଳା କଲେଜରେ ଇତିହାସ ବିଭାଗର ଆଲୋଚନାଚକ୍ର




ପଙ୍ଗାମୁଣ୍ଡାଇ,୧୨।୩ (ସଂଚାର ବ୍ୟୁରୋ): ପଙ୍ଗାମୁଣ୍ଡାଇ ମହିଳା ସ୍ନାତକ ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଏକ ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରକୁ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ଦେଠୀ ଉଦଘାଟନ କରିଥିଲେ। ପଙ୍ଗାମୁଣ୍ଡାଇ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧକ୍ଷା ଡ. ରାଜଲକ୍ଷ୍ମୀ ମହାନ୍ତି ମୁଖ୍ୟଅତିଥି, ପାଟକୁରା ଲୋକନାଥ କଲେଜ ଇତିହାସ ବିଭାଗ ମୁଖ୍ୟ ତପନ କୁମାର ଡୁଙ୍ଗୁରି ବିଷୟ ବିଶେଷଜ୍ଞ ଭାବେ ଅଧ୍ୟାପକ ଯୋଗଦେଇ ଆଲୋଚନାର ବିଷୟ ବସ୍ତୁ 'ପ୍ରାଚୀନ ଭାରତରେ ବୌଦ୍ଧ ଧର୍ମର ପ୍ରସାର :ଏକ ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ବିଶ୍ଳେଶଣ' ବିଷୟରେ ନିଜର ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟତମ ବିଷୟ ବିଶେଷଜ୍ଞ ଭାବେ କିଶୋର ନଗର ମହାବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଜ୍ୟୋତିରଞ୍ଜନ ଦାସ ଯୋଗ ଦେଇ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ସଂପର୍କରେ ନିଜର ଅଭିମତ ରଖିଥିଲେ। ଏଇ ଅବସରରେ ୨୦୨୧ ବର୍ଷର ଇତିହାସ ବିଭାଗର ଟପର୍ ଛାତ୍ରୀ ଅରୂପା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ପଙ୍ଗାମୁଣ୍ଡାଇ କଲେଜ ଇତିହାସ ବିଭାଗ ଛାତ୍ରୀମାନେ ଯୋଗ ଦେଇଥିଲେ ।

ସାଗରବେଳା ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା



ରାଜନଗର,୧୨।୩ (ସଂଚାର ବ୍ୟୁରୋ): ରାଜନଗର ବ୍ଲକର ପେଣ୍ଠ ବେଳାଭୂମିରେ ୬ଷ୍ଠ ସାଗରବେଳା ମହୋତ୍ସବ ଜାରି ରହିଛି। ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ସାଗରବେଳା ମହୋତ୍ସବର ଦିତୀୟ ସନ୍ଧ୍ୟାରେ ବିଏମସିର ଡେପୁଟି କମିଶନର ଡକ୍ଟର ରାଜଲକ୍ଷ୍ମୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜନଗର କଳା, ସଂସ୍କୃତି, ସାହିତ୍ୟ, ଐତିହ୍ୟ, ପରମ୍ପରାର ମାଟି। ଭିତରକନିକା, ଗହୀରମଥା ଓ ପେଣ୍ଠ ବେଳାଭୂମି

୨୨ରେ ଆସିବେ ଅମିତ ଶାହ!



ଭୁବନେଶ୍ୱର,୧୩।୪(ସଂଚାର ବ୍ୟୁରୋ): ଆସନ୍ତା ୨୨ ଓଡ଼ିଶା ଆସିପାରନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ସେ ଓଡ଼ିଶାରେ ପହଞ୍ଚିବାର ସମ୍ଭାବନା ରହିଛି। ରାଜ୍ୟ ବିଜେପି ସଭାପତି ଚୟନ ବିଳମ୍ବିତ ହେଉଥିବାରୁ ଏହି ପ୍ରସଙ୍ଗରେ ସେ ଦଳୀୟ ନେତାଙ୍କ ସହ ଆଲୋଚନା କରିବା ନେଇ ଚର୍ଚ୍ଚା ହେଉଛି। ସେହିପରି ବିଧାନସଭାର ଚଳିତ ବଜେଟ ଅଧିବେଶନ ସରିବା ପରେ ରାଜ୍ୟ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ହେବାର ସମ୍ଭାବନା ଥିବାରୁ ଏନେଇ ଶାହଙ୍କ ମଧ୍ୟ ଆଲୋଚନା ହୋଇପାରେ। ଆହୁରି ସରକାରକୁ କ୍ଷମତାକୁ ଆସିବାର ୯ ମାସ ପୂରିସାରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଭିନ୍ନ ନିଗମର ସଭାପତି ନିଯୁକ୍ତି ହୋଇପାରିନାହିଁ। ଏହା ଉପରେ ଚୁଡ଼ାନ୍ତ ନିଷ୍ପତ୍ତି ନେଇ ମଧ୍ୟ ଶାହଙ୍କ ସହ ଆଲୋଚନା ହେବା ନେଇ ବରିଷ୍ଠ କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ହେଉଛି। ଶ୍ରୀ ଶାହଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ ସମୟରେ ତାଙ୍କ ସହ ଏସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦଳୀୟ ନେତାମାନେ ଆଲୋଚନା କରିପାରନ୍ତି।

‘ବୟନିକା’ର ବାର୍ଷିକ ସାଧାରଣ ସଭା
ବୁଣାକାରଙ୍କ ବିକାଶ ମୁଖ୍ୟ ଲକ୍ଷ୍ୟ



ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ବୁଣାକାରଙ୍କ ଆର୍ଥିକ ବିକାଶ ପାଇଁ ବୟନିକା ସମ୍ପୂର୍ଣ୍ଣ ସମର୍ପିତ ଓ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର। ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ (ବୟନିକା)ର ୩୮ତମ ବାର୍ଷିକ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ ସଭାଗୃହରେ ସମିତି ସଭାପତି ପ୍ରକାଶ ଚନ୍ଦ୍ର ମେହେର ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପରିଚାଳନା ପରିଷଦର କର୍ମକର୍ତ୍ତା ଓ ସଭ୍ୟସଭ୍ୟା, ୨୭୧ଟି ସଭ୍ୟ ସମିତି ପ୍ରତିନିଧି ଯୋଗଦେଇଥିଲେ। ବୁଣାକାରଙ୍କ ଆର୍ଥିକ ସମୃଦ୍ଧି ପାଇଁ ସରକାର ଗ୍ରହଣ କରିଥିବା ବିଭିନ୍ନ ଯୋଜନା ଓ ପଦକ୍ଷେପ ସମ୍ପର୍କରେ ବୟନ ଶିଳ୍ପ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ କହିଥିଲେ। ଗ୍ରାହକଙ୍କ ରୁଚିକୁ ପ୍ରାଥମିକତା ଦେଇ ନୂଆ ନୂଆ ଡିଜାଇନ୍‌ରେ ଲୁଗା ବୁଣିବା ପାଇଁ ବୟନିକା ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ ବୁଣାକାରଙ୍କୁ ଆହ୍ୱାନ ଦେଇଥିଲେ। ଅଧିକରୁ ଅଧିକ ବ୍ୟବସାୟ ପାଇଁ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୟନ ଶିଳ୍ପ ଯୁଗ୍ମ ନିର୍ଦ୍ଦେଶକ ଦେବଜିତ ନନ୍ଦୀ ଅବଗତ କରାଇଥିଲେ। ପରିଚାଳନା ପରିଷଦର ସଭ୍ୟ ଶ୍ରୀଧର ବେହେରା ଓ ଶେଷ କୁମାର ମେହେର ବୟନିକାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିବାକୁ ଯାଇ ବୁଣାକାରଙ୍କ ଜୀବନ-ଜୀବିକାରେ ଉନ୍ନତି ସହ ବ୍ୟାବସାୟିକ ରଣନୀତି, ଅଧିକ ଷ୍ଟୋର୍ ଖୋଲିବା, ଡିଜାଇନର୍ ବଜାର, ରପ୍ତାନୀରେ ବୃଦ୍ଧି ପାଇଁ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ଏଥିସହ ଆଗାମୀ ବର୍ଷ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଖସଡ଼ା ପ୍ରସ୍ତୁତ କରିବା ସକାଶେ ସେମାନେ ମତ ଦେଇଥିଲେ। ସଭାପତି ଶ୍ରୀ ମେହେର ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ବୟନିକାର ସାଧାରଣ ପରିଚାଳକ ତଥା ସମ୍ପାଦକ ଡକ୍ଟର ସୁଷମା ବାରିକ ଧନ୍ୟବାଦ ଦେଇଥିଲେ।

ଚଢ଼ାଉ ବେଳେ ଅବକାରୀ ଟିମ୍ ହଟହଟା

● ଆକ୍ରମଣରେ ୨ କନଷ୍ଟେବଳ ଆହତ

ଛତ୍ରପୁର,୧୨।୩(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଆଠଗଡ ପାଟଣା ଗ୍ରାମରେ ଛତ୍ରପୁର ଅବକାରୀ ଭାମ୍ୟମାଣ ସଂସ୍ଥାର ଏକ ଟିମ୍‌କୁ ଚୋରା ମଦ ବ୍ୟବସାୟୀ ମାଡ଼ ମାରିଛନ୍ତି। ଗ୍ରାମରେ ବେଆଇନ ଭାବେ ମଦ ବ୍ୟବସାୟ ଚାଲିଥିବା ଖବରପାଇ ବୁଧବାର ଏହି ଟିମ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ମଦ ମାଫିଆମାନେ ଟିମ୍ ଉପରେ କୁକୁର ଛାଡ଼ିଦେବା ସହ ଗ୍ରାମର ୩୦ରୁ ଅଧିକ ବ୍ୟକ୍ତି ସେମାନଙ୍କୁ ବିରୋଧ କରି ଆକ୍ରମଣ ସହ ସରକାରୀ ଗାଡି ଭଙ୍ଗା ରୁଜା କରିଛନ୍ତି। କାଠ ଫାଳିଆ ଓ ଠେଙ୍ଗାରେ ପ୍ରଥମେ କର୍ମଚାରୀମାନଙ୍କୁ ଆକ୍ରମଣ କରିବା ପରେ ଗାଡିର ପଛ କାଚ ଭଙ୍ଗାରୁଜା କରିଛନ୍ତି। ଆକ୍ରମଣରେ ଅବକାରୀ କନଷ୍ଟେବଳ ପବିତ୍ର ସାହୁ ଓ ସ୍ୱାଧୀନ ସାହୁଙ୍କ ସମେତ ୫ ଆହତ ହୋଇଥିଲେ। ଏନେଇ ଭାମ୍ୟମାଣ ସଂସ୍ଥାର ଏସ୍‌ଆଇ ସୂର୍ଯ୍ୟ ନାରାୟଣ ରଥ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିଛନ୍ତି। ଏତଲାରେ ମଣ୍ଟୁ ମହାନ୍ତି ଏବଂ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ ହୋଇଛି। ପୋଲିସ ପକ୍ଷରୁ ଏତଲାକୁ ଭିତ୍ତିକରି ତଦନ୍ତ ଆରମ୍ଭ କରାଯାଇଛି। ଘଟଣା ସ୍ଥଳରେ ପୁରୁଷୋତ୍ତମପୁର ଏସ୍‌ଡିପିଓ ପହଞ୍ଚି ତଦନ୍ତ ଚଳାଇଥିବା ଦେଖିବାକୁ ମିଳିଛି।

ଓଡ଼ିଶା ଚତୁଃପାର୍ଶ୍ୱରେ ଗ୍ରେଟର ରିଙ୍ଗରୋଡ୍



- ୫ ବର୍ଷରେ ତିଆରି ହେବ ୧୫ ହଜାର କିମି ରାସ୍ତା
- ଚଳିତ ବର୍ଷ ରାଜ୍ୟରେ ଇଣ୍ଡିଆନ ରୋଡ କଂଗ୍ରେସ
- ଭୁବନେଶ୍ୱର ପାଇଁ ତିଆରି ହୋଇଛି ଡିକଞ୍ଜେସନ୍ ପ୍ଲାନ
- ଦକ୍ଷିଣ-ପଶ୍ଚିମକୁ ଯୋଡ଼ିବ ମୋଟୁ-ତିରିଙ୍ଗ ରାସ୍ତା
- ଖୁବଶୀଘ୍ର କାର୍ଯ୍ୟକାରୀ ହେବ ରାଜ୍ୟ ସଡ଼କ ନୀତି

ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ବିକଶିତ ଓଡିଶା ଲକ୍ଷ୍ୟ ହାସଲ କରିବାକୁ ରାଜ୍ୟରେ ପରିବହନ ବ୍ୟବସ୍ଥାର ସୁଦୃଢ଼ୀକରଣକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି ରାଜ୍ୟ ସରକାର। ଏହି ପ୍ରକ୍ରିୟାରେ ଚଳିତ ବର୍ଷ ଓଡିଶାରେ ଭାରତୀୟ ରୋଡ କଂଗ୍ରେସର ବୈଠକ ସାଙ୍ଗକୁ ରାଜ୍ୟର ଚତୁଃପାର୍ଶ୍ୱରେ ଗ୍ରେଟର ରିଙ୍ଗ ରୋଡ ତିଆରି କରାଯିବ। ଏଥିପାଇଁ ତିନୋଟି ପର୍ଯ୍ୟାୟରେ ଚାରିଆଳିଆ ରାସ୍ତା ନିର୍ମାଣ କରାଯିବ। ଏଥିସହ ବିଭିନ୍ନ ସହର ମଧ୍ୟରେ ଥିବା ପ୍ରମୁଖ ରାସ୍ତା ଓ ରାଜ୍ୟ ରାଜପଥ ସାଙ୍ଗକୁ ଜାତୀୟ ରାଜପଥର ସମ୍ପ୍ରସାରଣ କରିବାକୁ ବଡ଼ ଧରଣର ଯୋଜନା ପ୍ରସ୍ତୁତ କରିଛି ପୂର୍ତ୍ତ ବିଭାଗ। ପ୍ରସ୍ତାବିତ ଗ୍ରେଟର ରିଙ୍ଗ ରୋଡ ୩ଟି ପର୍ଯ୍ୟାୟରେ ବ୍ରହ୍ମପୁରରୁ ଜୟପୁର (୨୮୭ କିମି), ଜୟପୁରରୁ ରାଉଲକେଲା (୧୦୧ କିମି) ଓ ରାଉରକେଲାରୁ ଜଳେଶ୍ୱର (୧୭୬ କିମି) ରାସ୍ତାର ବିକାଶ କରାଯିବ। ବ୍ରହ୍ମପୁରରୁ ଜୟପୁର ପର୍ଯ୍ୟନ୍ତ ୨୮୭ କିମି ରାସ୍ତା ନିର୍ମାଣ ପାଇଁ ୯ ହଜାର କୋଟିର ବ୍ୟୟବରାଦ କରାଯାଇଥିବା ବେଳେ ଜୟପୁରରୁ ରାଉରକେଲା ପର୍ଯ୍ୟନ୍ତ ୧୦୧ ରାସ୍ତାର ପ୍ରଶସ୍ତିକରଣ ପାଇଁ ୨୫୦୦ କୋଟି ଓ ରାଉଲକେଲାରୁ ଜଳେଶ୍ୱର ରାସ୍ତାକୁ ଚାରିଆଳିଆ କରିବାକୁ ୨୨୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିସହ ମୋଟୁରୁ ତିରିଙ୍ଗ ପର୍ଯ୍ୟନ୍ତ ଦକ୍ଷିଣରୁ ଉତ୍ତରକୁ ସଂଯୋଗ କରୁଥିବା ୯୬୯ କିମି ୬ଥାକିଆ ରାସ୍ତା ନିର୍ମାଣ କରାଯିବ। ଏହା ଉତ୍ତର ଓ ଦକ୍ଷିଣ ଓଡିଶା ମଧ୍ୟରେ ଲାଇଫଲାଇନ ହେବ ବୋଲି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସେହିଭଳି ରାଜଧାନୀରେ ଭିଡ଼ ନିୟନ୍ତ୍ରଣ ପାଇଁ ଡିକଞ୍ଜେସନ୍ ପ୍ଲାନ କରିଛି ବିଭାଗ। ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏଲିଭେଟେଡ କରିଡର, କଲ୍ପନା ଛକ ଓ ମ୍ୟୁଜିୟମ ଛକରେ ଫ୍ଲାଏ ଓଭର, ଶିଶୁଭବନଠାରୁ ମ୍ୟୁଜିୟମ ରାସ୍ତାରେ ରୋଡ୍ ଓଭରବ୍ରିଜ, ଏଜି ଛକରେ ଭୂତଳ ରାସ୍ତା, ଭୁବନେଶ୍ୱର ଇନର୍ ଓ ଆଉଟର୍ ରିଙ୍ଗ ରୋଡ୍ ନିର୍ମାଣ ଭଳି ବହୁମୁଖୀ ପ୍ରକଳ୍ପ ହାତକୁ ନିଆଯାଇଛି। ରାଜ୍ୟରେ ପରିବହନ ବ୍ୟବସ୍ଥାର ଉନ୍ନତି ପାଇଁ ବିଭାଗ ଆସନ୍ତା ୫ ବର୍ଷରେ ୧୫ ହଜାର କିମିର ନୂଆ ରାସ୍ତା ତିଆରି କରିବାକୁ ପରିକଳ୍ପନା କରିଛି। ରାଜ୍ୟର ବିଭିନ୍ନ ରାଜପଥର ବିକାଶ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ଢାଞ୍ଚାରେ ରାଜ୍ୟ ସରକାର ରାଜ୍ୟ ରାଜପଥ ପ୍ରାଧିକରଣ କରିବାକୁ ମଧ୍ୟ ପ୍ରସ୍ତାବ ରଖିଛନ୍ତି। ଏହାଦ୍ୱାରା ରାଜ୍ୟର ପ୍ରାୟ ୮ ହଜାରରୁ ଅଧିକ କିମି ରାସ୍ତାର ଉନ୍ନତିକରଣ ଓ ବିକାଶ ସହଜ ହୋଇପାରିବ। ଏଥିସହ ରାଜ୍ୟ ସରକାର ଏକ ନୂତନ ରାଜ୍ୟ ସଡ଼କ ନୀତି ପ୍ରଣୟନ କରିବେ। ଏହା ଚୂଡ଼ାନ୍ତ ହେଲେ ବିଭିନ୍ନ ବିଭାଗର ରାସ୍ତା ଓ ସେତୁ ନିର୍ମାଣ, ରକ୍ଷଣାବେକ୍ଷଣ ପୂର୍ତ୍ତ ବିଭାଗ ଅଧିନକୁ ଆସିବ।

ସ୍ମାରକୀ ବକ୍ତୃତାରେ ଯୋଗଦେଲେ ରାଜ୍ୟପାଳ
ସମାବେଶୀ ବିକାଶ ଓ ସାମାଜିକ ଦାୟିତ୍ୱବୋଧ ଉପରେ ଗୁରୁତ୍ୱ



ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ ଆରଆଇଇ-ଏନସିଇଆରଟି କ୍ୟାମ୍ପସ୍ ଅଡିଟୋରିୟମଠାରେ ଚତୁର୍ଥ କୁମାର କୃଷ୍ଣଚନ୍ଦ୍ର ରାୟ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ସମାବେଶୀ ବିକାଶ, ସାମାଜିକ ଦାୟିତ୍ୱବୋଧ ଓ ନୈତିକ ଶାସନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଦିବଂଗତ ବିଶିଷ୍ଟ ସାମାଜିକ କର୍ମୀ କୁମାର କୃଷ୍ଣଚନ୍ଦ୍ର ରାୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ରାଜ୍ୟପାଳ ସ୍ୱର୍ଗତ ରାୟଙ୍କ ସାମାଜିକ ନ୍ୟାୟ, ଶିକ୍ଷା ଓ ଅର୍ଥନୈତିକ ସଶକ୍ତିକରଣ ଦିଗରେ ଉଦ୍ୟମ ନେଇ ଆଲୋଚନା କରିଥିଲେ। ସମାଜର ସବୁଠାରୁ ପଛୁଆ ବର୍ଗ ଲୋକଙ୍କ ଉତ୍‌ଥାନରେ ହିଁ ପ୍ରକୃତ ପ୍ରଗତି ହୋଇଥାଏ ବୋଲି ରାଜ୍ୟପାଳ କହିଥିଲେ। ରାଜ୍ୟପାଳ କହିଛନ୍ତି ଯେ ସ୍ମାରକୀ ବକ୍ତୃତା କେବଳ ସ୍ୱର୍ଗତ ରାୟଙ୍କ କୃତୀ ଓ କିର୍ତ୍ତୀ ପ୍ରତି ଶ୍ରଦ୍ଧାଞ୍ଜଳି ନୁହେଁ, ବରଂ ତାଙ୍କ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ପାଇଁ ସ୍ମରଣ କରାଇଦିଏ। ଅଗଣିତ ଅବହେଳିତ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ତାଙ୍କର ପ୍ରତିବଦ୍ଧତା ଓ ଆଦର୍ଶର ଆଜି ମଧ୍ୟ ପ୍ରାସଙ୍ଗିକତା ରହିଛି। କୌଣସି ପୃଷ୍ଠଭୂମି କିମ୍ବା ଆର୍ଥିକ ସ୍ଥିତି ନିର୍ବିଶେଷରେ ସମସ୍ତଙ୍କ ପାଇଁ ଯେପରି ସୁଯୋଗ ଉପଲବ୍ଧ ହେବ, ସେଥିପାଇଁ ଏକ ନ୍ୟାୟପୂର୍ଣ୍ଣ ଏବଂ ସମାବେଶୀ ସମାଜ ଗଠନ ପାଇଁ ସାମୂହିକ ଉଦ୍ୟମ କରିବାକୁ ସ୍ୱର୍ଗତ ରାୟ ଅନୁପ୍ରେରିତ କରିଥିବା ରାଜ୍ୟପାଳ କହିଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପାଇଁ କାମ କରିବା ଯେଉଁଠାରେ ବିକାଶ ସମସ୍ତଙ୍କ ନିକଟରେ ପହଞ୍ଚିବ ବୋଲି କହିବା ସହ ସେବା ମନୋଭାବ ଦ୍ୱାରା ଏକ ବିକଶିତ ରାଜ୍ୟ ଗଠନ ପାଇଁ ସମସ୍ତେ କାର୍ଯ୍ୟ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ବିକାଶାର୍ଥେ ବିଦ୍ୟାର୍ଥୀ ଟ୍ରଷ୍ଟ ଓ ଏବିଭିପି, ଓଡ଼ିଶା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସୌମେନ୍ଦ୍ର କୁମାର ଜେନା ସ୍ୱର୍ଗତ ରାୟଙ୍କ ଜୀବନାଦର୍ଶ ଓ ତ୍ୟାଗ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ମୁଖ୍ୟବକ୍ତା ବି. ସୁରେନ୍ଦ୍ରନ ଜୀବନବ୍ୟାପୀ ସାଧନା ଓ ସମର୍ପଣ ଏବଂ ବର୍ତ୍ତମାନ ସମୟରେ ତାଙ୍କ ଆଦର୍ଶର ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଦିପ୍ତୀମୟୀ ପ୍ରତିହାରୀ ଧନ୍ୟବାଦ ଦେଇଥିଲେ।

ବିଧାନସଭା ଖବର

ତାରଚଣାରୁ ବିଦ୍ୟୁତ୍ କମ୍ପାନୀ ଆୟ କୋଟିଏରୁ ଅଧିକ

ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ବିଦ୍ୟୁତ୍ ଖୁଣ୍ଟରେ ତାରଚଣା ବାବଦରେ ବିତରଣ କମ୍ପାନୀମାନେ ବିଭିନ୍ନ କମ୍ପାନୀ ଠାରୁ ମାସକୁ କୋଟିଏରୁ ଅଧିକ ଟଙ୍କା ଆୟ କରୁଛନ୍ତି । ଚଳିତ ଆର୍ଥିକ ବର୍ଷରେ ଟିପିସିଓଡିଏଲ୍‌ର ଏ ବାବଦରେ ଆୟ ୧କୋଟି ୩୪ଲକ୍ଷ ଟଙ୍କାକୁ ଟପିଯାଇଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ବିଭିନ୍ନ ପୌରାଞ୍ଚଳରେ ବିଦ୍ୟୁତ୍ ଖୁଣ୍ଟରେ ତାର ଟାଣିବା ବାବଦକୁ ବିଭିନ୍ନମାନଙ୍କ ଠାରୁ ବିତରଣ କମ୍ପାନୀଗୁଡିକ ଆୟ କରୁଛନ୍ତି । ଟିପିସିଓଡିଏଲ୍ ୨୦୨୦-୨୧ ବର୍ଷରେ ଏ ବାବଦରେ ପ୍ରାୟ ୧କୋଯି ୧୦ଲକ୍ଷ ଟଙ୍କା ଆୟ କରିଥିବାବେଳେ ୨୦୨୩-୨୪ ରେ ତାହା ୨କୋଟି ୨୨ ଲକ୍ଷ ଟଙ୍କାକୁ ଟପିଯାଇଥିଲା । ଚଳିତ ଆର୍ଥିକ ବର୍ଷରେ ଏହି ସୂତ୍ରରୁ ଆୟର ପରିମାଣ ୧କୋଟି ୩୪ଲକ୍ଷ ୧୬ହଜାର ଟଙ୍କାରେ ପହଞ୍ଚିଛି । ସେହିଭଳି ଟିପିଡବ୍ଲ୍ୟୁଡିଏଲ୍ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୫୩ଲକ୍ଷ ଟଙ୍କା ଆୟ କରିଥିବାବେଳେ ଟିପିଏନଓଡିଏଲ ୧୪ଲକ୍ଷ ୭୬ହଜାର ଟଙ୍କା ଆୟ କରିଛି । ସିପିଏସଓଡିଏଲ୍ ୨୦୨୩-୨୪ ବର୍ଷରେ ଏ ବାବଦରେ ୨୪ଲକ୍ଷ ୬୨ ହଜାର ଟଙ୍କା ଆୟ କରିଥିବାବେଳେ ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ଏ ବାବଦୀୟ ଅର୍ଥ ଆଦାୟ କରିନଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ।

ଓଡିଶାରେ ୨୦୯୭ ଷ୍ଟାର୍ଟଅପ୍‌କୁ ମିଳିଛି ସ୍ୱୀକୃତି

ଷ୍ଟାର୍ଟଅପ୍ ଇଣ୍ଡିଆ ଗଠନ ପରଠାରୁ ଆଜି ପର୍ଯ୍ୟନ୍ତ ଓଡିଶାରେ ୨୦୯୭ଟି ଷ୍ଟାର୍ଟଅପ୍‌ମାନଙ୍କୁ ଓଡିଶା ଷ୍ଟାର୍ଟଅପ୍ ନୀତି ମାଧ୍ୟମରେ ସ୍ୱୀକୃତି ମିଳିଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ଷ୍ଟାର୍ଟଅପ୍‌ମାନଙ୍କୁ ପ୍ରୋତ୍ସାହନ ଦେବାପାଇଁ ୧୧୨ଟି ଷ୍ଟାର୍ଟଅପ୍‌କୁ ସବସିଡ଼ିଯୁକ୍ତ ଅଙ୍କୁରଣର ସୁବିଧା ମିଳିଛି । ୮୮ଟି ଷ୍ଟାର୍ଟଅପ୍‌କୁ ଯାତାୟତ ଭତ୍ତା ପ୍ରଦାନ କରି ବିଭିନ୍ନ ଜାତୀୟ ଓ ଆର୍ନ୍ତଜାତୀୟ ପ୍ରଦର୍ଶନୀରେ ସେମାନଙ୍କ ଉତ୍ପାଦକୁ ପ୍ରଦର୍ଶନ କରିବାପାଇଁ ସରକାର ସୁଯୋଗ ଦେଇଛନ୍ତି। ୪୩୭ଟି ଷ୍ଟାର୍ଟଅପକୁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି । ଏଥି ମଧ୍ୟରେ ଆବଶ୍ୟକତା ଅନୁଯାୟୀ ସହାୟତା, ଉତ୍ପାଦ ବିକାଶ ଏବଂ ବଜାର ପ୍ରବେଶ ସହାୟତା, ମାସିକ ସହାୟତା ଇତ୍ୟାଦି ରହିଛି । ଏହାବାଦ୍ ଓ-ହବ୍‌ରେ ୫୬ଟି ଷ୍ଟାର୍ଟଅପ୍‌କୁ ଅଙ୍କୁରଣ ସୁବିଧା ଯୋଗାଇ ଦିଆଯାଇଛି । ଯୁବ ଉଦ୍ୟୋଗୀଙ୍କୁ ଉତ୍ସାହିତ ଏବଂ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ଷ୍ଟାର୍ଟଅପ୍ ଓଡିଶା ପ୍ରତି ସପ୍ତାହରେ ପରାମର୍ଶ କାର୍ଯ୍ୟକ୍ରମ ଆୟୋଜନ କରୁଛି । ବର୍ତ୍ତମାନ ସୁଦ୍ଧା ୧୦୦ରୁ ଅଧିକ ପରାମର୍ଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ।

୧୭୮୦ କୋଟିର ବକେୟା ଆଦାୟ କଲାଣି ଟାଟା ପାୱାର

ଟାଟା ପାୱାର ଓଡିଶାରେ ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେବା ପରଠାରୁ ବିଦ୍ୟୁତ୍ ବିତରଣ ଗ୍ରାହକଙ୍କ ଉପରେ ଥିବା ବକେୟା ବାବଦରେ ୧୭୮୦କୋଟି ଟଙ୍କାରୁ ଅଧିକ ଅର୍ଥ ଆଦାୟ କଲାଣି । ବକେୟା ଆଦାୟ କ୍ଷେତ୍ରରେ ଟିପିଏନଓଡିଏଲ ସବୁଠାରୁ ଆଗରେ ରହିଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ଏ ସଂକ୍ରାନ୍ତରେ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ବିଦ୍ୟୁତ ଉପଭୋକ୍ତାଙ୍କ ଉପରେ ଥିବା ୮୪୩୭ କୋଟିର ବକେୟା ମଧ୍ୟରୁ ୪ଟି ବିତରଣ କମ୍ପାନୀ ମୋଟ୍ ୧୭୮୦ କୋଟି ୨୪ଲକ୍ଷ ଟଙ୍କା ଆଦାୟ କରିଛନ୍ତି । ଟିପିଏନଓଡିଏଲ୍ ସର୍ବାଧିକ ୬୫୩କୋଟି ୩୨ଲକ୍ଷ ଟଙ୍କା ଆଦାୟ କରିଥିବାବେଳେ, ଟିପିସିଓଡିଏଲ୍ ୪୩୯କୋଟି ଟଙ୍କା, ଟିପିଡବ୍ଲ୍ୟୁଡିଏଲ୍ ୪୧୬କୋଟି ୧୩ଲକ୍ଷ ଏବଂ ଟିପିଏସଓଡିଏଲ୍ ୨୭୧ କୋଟି ୭୯ଲକ୍ଷ ଆଦାୟ କରିଛି। ବିତରଣ କମ୍ପାନୀଗୁଡିକ ଆଦାୟ କରିଥିବା ବକେୟା ଅର୍ଥରୁ ଗ୍ରିଡ୍‌କୋକୁ ୧୪୭୭କୋଯି ୬୭ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏ କ୍ଷେତ୍ରରେ ଟିପିଏନଓଡିଏଲ୍ ସବୁଠାରୁ ଆଗରେ ରହିଛି । ତେବେ ମନ୍ତ୍ରୀଙ୍କ ଉତ୍ତରରୁ ଜଣାଯାଇଛି ଯେ ଟିପିଡବ୍ଲ୍ୟୁଡିଏଲ୍ ର ଉପଭୋକ

SANCHAR
ସଂଚାର

୪ ଗୁରୁବାର ୧୩ ମାର୍ଚ୍ଚ ୨୦୨୫, ଭୁବନେଶ୍ୱର

Thursday 13 March 2025 Bhubaneswar

ବିହାର ରାଜନୀତିର ନୂଆ ମୋଡ଼

ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱାଧିନ ସଂଯୁକ୍ତ ଜନତା ଦଳ (ଜେଡିୟୁ) ବିଜେପି ନେତୃତ୍ୱାଧିନ ଏନଡିଏର ଏକ ବଡ଼ ଅଂଶୀଦାର ଦଳ। ଲୋକସଭାରେ ଏହାର ୧୨ ଜଣ ସଦସ୍ୟ ଅଛନ୍ତି। ଏନଡିଏ ଗଠିତ ହେବା ପରଠାରୁ ଏହା ମେଣ୍ଟରେ ରହିଛି। ଅବଶ୍ୟ ବିଭିନ୍ନ କାରଣରୁ, ବିଭିନ୍ନ ପରିସ୍ଥିତିରେ ଏହା ଏନଡିଏରୁ ଓହରିଛି, ପୁଣି କିଛି ଦନ ବ୍ୟବଧାନରେ ପୁନର୍ବାର ଏନଡିଏକୁ ପ୍ରତ୍ୟାବର୍ତ୍ତନ କରିଛି। କାରଣ ଜେଡିୟୁ ଏକ ଅଣକଂଗ୍ରେସ ଦଳ ଏବଂ କଂଗ୍ରେସ ନେତୃତ୍ୱଧିଠନ ବା କଂଗ୍ରେସର ସମର୍ଥକ ଦଳ ସହ ଏହା କେବେ ବି ଅଧିକ ଦିନ ରହିପାରିବ ନାହିଁ। ବିହାରରେ ଲାଲୁ ଏବଂ ନୀତିଶ ଏକାଠି ଗୋଟିଏ ଦଳରୁ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଉଭୟେ ପରସ୍ପରର ପ୍ରତିଦ୍ୱନ୍ଦ୍ୱି ପାଲଟିଛନ୍ତି। ତେଣୁ ନୀତିଶ କୁମାର କେବେ ଅଧିକ ଦିନ ବିରୋଧୀ ମେଣ୍ଟରେ ରହିପାରିବେ ନାହିଁ। କିନ୍ତୁ ଦଳରେ କିଛି ନେତା ଅନେକ ସମୟରେ ବିଜେପି ସହ ବନ୍ଧୁତା ଏବଂ ମଧୁର ସମ୍ପର୍କକୁ ନେଇ ବିଭ୍ରାନ୍ତିକର ବିବୃତି ଦେଇଛନ୍ତି। ନିକଟରେ ଅରୁଣାଚଳ ପ୍ରଦେଶର ଜେଡିୟୁ ରାଜ୍ୟ ସଭାପତି ରାଜ୍ୟପାଳଙ୍କୁ ପତ୍ର ଲେଖି ବିଜେପି ସରକାରରୁ ଦଳର ସମର୍ଥନ ପ୍ରତ୍ୟାହାର ସମ୍ପର୍କରେ ସୂଚନା ଦେଇଛନ୍ତି। ରାଜ୍ୟ ବିଧାନସଭାରେ ଜେଡିୟୁର ମାତ୍ର ଜଣେ ବିଧାୟକ ଅଛନ୍ତି। ତେଣୁ ତାଙ୍କ ସମର୍ଥନ ପ୍ରତ୍ୟାହାର କୋ÷ଣସି ଦୃଷ୍ଟିରୁ ମହତ୍ୱପୂର୍ଣ୍ଣ ନୁହେଁ ବା ଏହାର କୋ÷ଣସି ପ୍ରଭାବ ନାହିଁ। କିନ୍ତୁ କେନ୍ଦ୍ରୀୟ ନେତାଙ୍କ ସହ ପରାମର୍ଶ ନକରି, କେନ୍ଦ୍ରୀୟ ନେତାଙ୍କ ଅନୁମତି ବିନା ଅରୁଣାଚଳ ପ୍ରଦେଶ ଜେଡିୟୁ ସଭାପତି ବିଜେପି ସରକାରରୁ ସମର୍ଥନ ପ୍ରତ୍ୟାହାର କରିବା ଦଳୀୟ ଶୃଙ୍ଖଳା ଭଙ୍ଗ କରୁଛି। ସେଥିପାଇଁ ତାଙ୍କୁ ଦଳରୁ ବହିଷ୍କାର କରାଯାଇଛି। ସମର୍ଥନ ପ୍ରତ୍ୟାହାରର ମାତ୍ର ଦୁଇଘଣ୍ଟା ଭିତରେ ଜେଡିୟୁ ହାଇକମାଣ୍ଡ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏଥିରୁ ବିଜେପି ସହ ବନ୍ଧୁତା ବଜାୟ ରଖିବାକୁ ଜେଡିୟୁ କେତେ ଆଗ୍ରହୀ ତାହା ପ୍ରମାଣିତ ହେଉଛି। ୨୦୨୨ରେ ଅନୁଷ୍ଠିତ ଅରୁଣାଚଳ ପ୍ରଦେଶ ବିଧାନସଭା ନିର୍ବାଚନରେ ଜେଡିୟୁ ୬ଟି ଆସନ ଦଖଲ କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହାର ୫ଜଣ ବିଧାୟକ ଦଳବଦଳ କରି ବିଜେପିରେ ସାମିଲ ହୋଇଗଲେ। ଏହା ସତ୍ତ୍ୱେ ରାଜ୍ୟରେ ବିଜେପି ଓ ଜେଡିୟୁ ମଧ୍ୟରେ ସମ୍ପର୍କ ସ୍ୱାଭାବିକ ରହିବା ଆଶ୍ଚର୍ଯ୍ୟଜନକ। ଏହାର କାରଣ ହେଲା ଜେଡିୟୁ ସୁପ୍ରିମୋ ନୀତିଶ କୁମାର ବିଜେପି ସହ ଶତ୍ରୁତା ଚାହୁଁନାହାଁନ୍ତି। ବିହାରରେ ତାଙ୍କ ପଦ କେବଳ ବିଜେପି ସମର୍ଥନରେ ତିଷ୍ଠି ରହିଛି। ଲାଲୁଙ୍କ ଆରଜେଡି ତୁଳନାରେ ବିଜେପି ଅଧିକ ବିଶ୍ୱାସଯୋଗ୍ୟ, ଭରସାଯୋଗ୍ୟ ବୋଲି ନୀତିଶ ବିଚାର କରୁଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଚଳିତ ବର୍ଷ ବିହାର ବିଧାନସଭା ନିର୍ବାଚନ ହେବ। ଏହି ନିର୍ବାଚନରେ ନୀତିଶ ପୁଣି ଏନଡିଏର ନେତୃତ୍ୱ ନେବେ। କିନ୍ତୁ ବିଜେପି ବା ନରେନ୍ଦ୍ର ମୋଦିଙ୍କ ସହଯୋଗ ବିନା ସେ ମୁଖ୍ୟମନ୍ତ୍ରୀ ହୋଇପାରିବେ। ଏଥିପାଇଁ ସେ ବିଜେପିକୁ ଅସନ୍ତୁଷ୍ଟ କରିବାକୁ ଚାହୁଁନାହାଁନ୍ତି। ସେଥିପାଇଁ ଅରୁଣାଚଳ ପ୍ରଦେଶରେ ଦଳର ରାଜ୍ୟ ସଭାପତିଙ୍କୁ ତତ୍କାଳ ବିଦା କରାଗଲା। ଉଲ୍ଲେଖ ଯୋଗ୍ୟ ଯେ, ପ୍ରତ୍ୟେକ ରାଜନୈତିକ ଦଳର ନେତା, ନୀତି ଏବଂ ନେତୃତ୍ୱ ଭିନ୍ନ। ଯଦିଓ ରାଜନୈତିକ ଦଳମାନେ ନୀତି ଆଧାରରେ ଚାଲନ୍ତି ନାହିଁ, କିନ୍ତୁ ନୀତିଗତ ଦୃଷ୍ଟିରୁ ଅନେକ ଦଳରେ ପାର୍ଥକ୍ୟ ରହିଛି। ସମସ୍ତଙ୍କ ଲକ୍ଷ୍ୟ ମଧ୍ୟ କ୍ଷମତା ଦଖଲ ବା ନିର୍ବାଚନୀ ସଫଳତା। ତେଣୁ ଏକାଧିକ ଦଳ ଅଧିକ ଦିନ ପରସ୍ପର ସହ ହାତ ମିଳାଇ ଚାଲିବା ଅସମ୍ଭବ ଏବଂ ଏହା ମଧ୍ୟ ନିଜର ନୀତି ଆଦର୍ଶ ସହ ସାଲିସ। କେବଳ ସାମୟିକ ଲାଭ ବା ଏକ ବୃହତ୍ତର ସ୍ୱାର୍ଥ ହାସଲ ପାଇଁ କିଛି ରାଜନୈତିକ ଦଳ ଏକାଠି ହୋଇଥାଆନ୍ତି। କିନ୍ତୁ ତାହା ଦୀର୍ଘସ୍ଥାୟୀ ହୋଇନଥାଏ। ଭାରତୀୟ ରାଜନୀତିରେ ଏହା ବାରମ୍ବାର ପ୍ରମାଣିତ ହୋଇଛି। ନିକଟରେ ମୁଖ୍ୟ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକର ବରିଷ୍ଠ ନେତା ଶରଦ ପାୱାର ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି ଯେ, ଜାତୀୟ ରାଜନୈତିକ ଲକ୍ଷ୍ୟ ବା ଲୋକସଭା ନିର୍ବାଚନ ନିମନ୍ତେ ଇଣ୍ଡିଆ ବ୍ଲକ ଗଠନ କରାଯାଇଥିଲା। ବିଧାନସଭା ନିର୍ବାଚନରେ ଏହି ମେଣ୍ଟ ରହିବ ବୋଲି କିଛି ଗ୍ୟାରେଣ୍ଟି ନାହିଁ। ଏଥିରୁ ସ୍ପଷ୍ଟ ହେଉଛି ଯେ, ଇଣ୍ଡିଆ ବ୍ଲକ ଆଉ ବେଶୀ ଦିନ ତିଷ୍ଠିବ ନାହିଁ। ସତୁରୀ ଦଶକରେ ଯେତେବେଳେ ତତ୍କାଳନୀ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଏକଛତ୍ରବାଦ ଏବଂ ଅଗଣତାନ୍ତ୍ରିକ କାର୍ଯ୍ୟ ଅସହ୍ୟ ହେଲା ସେତେବେଳେ ତାଙ୍କୁ କ୍ଷମତାଚ୍ୟୁତ କରିବା ଜରୁରୀ ହୋଇପଡ଼ିଥିଲା। ୧୯୭୫ରେ ଜରୁରୀ ପରିସ୍ଥିତି ଜାରି କରି ଇନ୍ଦିରା ଗଣତନ୍ତ୍ରକୁ ହତ୍ୟା କରିଥିଲେ, ଦେଶସେବା ନୁହେଁ କ୍ଷମତା ପାଇଁ ସେ ରାଜନୀତି କରୁଥିବା ପ୍ରମାଣିତ ହୋଇଥିଲା। ପାରିବାରିକ ଶାସନର ସେ ଥିଲେ ଜନ୍ମଦାତା। ତାଙ୍କୁ କ୍ଷମତାଚ୍ୟୁତ କରିବା ନିମନ୍ତେ ଲୋକନାୟକ ଜୟପ୍ରକାଶ ନାରାୟଣ ଦେଶରେ ଜନ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ତାଙ୍କ ଆହ୍ୱାନ କ୍ରମେ ଦେଶର ପ୍ରମୁଖ ବିରୋଧୀ ଦଳମାନେ ଏକାଠି ହୋଇ ୧୯୭୭ରେ ଇନ୍ଦିରାଙ୍କ ନେତୃତ୍ୱରେ କଂଗ୍ରେସକୁ କ୍ଷମତାଚ୍ୟୁତ କରିଥିଲେ। ଏହା ଥିଲା ଭାରତୀୟ ଗଣତନ୍ତ୍ରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା। ସ୍ୱାଧୀନତାର ୩୦ ବର୍ଷ ପରେ ଦେଶବାସୀ କଂଗ୍ରେସକୁ କ୍ଷମତଚ୍ୟୁତ କରିଥିଲେ। ଏକ ବୃହତ୍ତର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ନେଇ, ଦେଶର ସ୍ୱାର୍ଥ ପାଇଁ ନୀତି ଏବଂ ଆଦର୍ଶଗତ ପାର୍ଥକ୍ୟ ସତ୍ତ୍ୱେ ପରସ୍ପର ବିରୋଧୀ ରାଜନୈତିକ ଦଳମାନେ ଏକାଠି ହୋଇପାରିବେ ଏବଂ ଦେଶରେ ସୁଶାସନ ପ୍ରତିଷ୍ଠା କରିପାରିବେ , ଏହା ଜେପି ପ୍ରମାଣିତ କରିଥିଲେ। ଏହି ପରୀକ୍ଷଣ ସମ୍ପୂର୍ଣ୍ଣ ସଫଳ ହୋଇନଥିଲା ଏବଂ ୩ ବର୍ଷ ପରେ କଂଗ୍ରେସ ପୁଣି କ୍ଷମତାକୁ ଫେରିଥିଲା। ନେତାଙ୍କ ବ୍ୟକ୍ତିଗତ ସ୍ୱାର୍ଥ ଏବଂ ସଂକୀର୍ଣ୍ଣତା ଯୋଗୁ ଜେପିଙ୍କ ଜନତା ପରୀକ୍ଷଣ ବିଫଳ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ବାରମ୍ବାର ଏହାର ପରୀକ୍ଷଣ ହୋଇଥିଲା ଏବଂ ଶେଷରେ ଏହା ସଫଳ ମଧ୍ୟ ହେଲା। କେନ୍ଦ୍ର ଏବଂ ଦେଶର ଅଦ୍ଧାଧିକ ରାଜ୍ୟରେ ଏବେ ମେଣ୍ଟ ସରକାର ଚାଲିଛି। ଯେଉଁ କଂଗ୍ରେସ ଅନ୍ୟ କୋ÷ଣସି ଦଳ ସହ ବୁଝାମଣା ନକରିବାକୁ ଦୀର୍ଘ ବର୍ଷ ହେବ ନିଷ୍ପତ୍ତି ନେଇଥିଲା, ସେହି କଂଗ୍ରେସ ଶେଷରେ ମେଣ୍ଟ ରାଜନୀତିର ଆଶ୍ରୟ ନେବାକୁ ବାଧ ହେଲା। ଏବେ ଜାତୀୟ ରାଜନୀତିରେ ବିଜେପି ନେତୃତ୍ୱାଧିନ ଏନଡିଏ ଏବଂ କଂଗ୍ରେସ ନେତୃତ୍ୱାଧିନ ଇଣ୍ଡି ମେଣ୍ଟ (ପୂର୍ବରୁ ୟୁପିଏ)ମଧ୍ୟରେ ମୁକାବିଲା ହେଉଛି। ଏହା ବ୍ୟତିତ ବାମପନ୍ଥୀ ମେଣ୍ଟ ଏବଂ ରାଜ୍ୟ ସ୍ତରରେ କିଛି ଆଞ୍ଚଳିକ ଦଳ ମଧ୍ୟରେ ବି ମେଣ୍ଟ ହୋଇଛି। ନବେ ଦଶକରେ ଜନତା ଦଳ ନେତୃତ୍ୱରେ ନ୍ୟାସନାଲ ଫ୍ରଣ୍ଟ ଏବଂ ପରେ ୟୁନାଇଟେଡ ଫ୍ରଣ୍ଟ ଗଠିତ ହୋଇଥିଲା ଏବଂ ତାହା କିଛି ବର୍ଷ କ୍ଷମତାସୀନ ମଧ୍ୟ ହୋଇଥିଲା। ଅସ୍ପଷ୍ଟ ଜନାଦେଶ ଯୋଗୁ ଦେଶରେ ମେଣ୍ଟ ରାଜନୀତି ସୃଷ୍ଟି ହୋଇଥିଲା। ବିଭିନ୍ନ ରାଜ୍ୟରେ ବହୁ ସଂଖ୍ୟାରେ ଆଞ୍ଚଳିକ ଦଳ ଜନ୍ମ ନେବା ଏବଂ ରାଜନୈତିକ ସ୍ତରରେ ପ୍ରଭାବୀ ସାବ୍ୟସ୍ତ ହେବା ଫଳରେ ଜାତୀୟ ଦଳ ଗୁଡ଼ିକ ଦୁର୍ବଳ ହେଲେ। ତେଣୁ ସେମାନେ ଏହିସବୁ ଆଞ୍ଚଳିକ ଦଳମାନଙ୍କ ସହ ଆସନ ବୁଝାମଣା ବା ମେଣ୍ଟ କରିବାକୁ ବାଧ ହେଲେ। କିନ୍ତୁ ଅନେକ ସମୟରେ ଏହି ମେଣ୍ଟ ସ୍ଥାୟୀ ହୋଇପାରୁନି। ଅନେକ ଦଳ ଆଜି ଏହି ମେଣ୍ଟରେ ତ କାଲି ସେହି ମେଣ୍ଟରେ। ଟିଡିପି, ଜେଡିୟୁ କେତେଥର ଏନଡିଏରୁ ଓହରିଛି, ପୁଣି ସାମିଲ ହୋଇଛି ତାହା କହିବା ଅନାବଶ୍ୟକ। ଅକାଳି ଦଳ ଏକଦା ଏନଡିଏର ମୁଖ୍ୟ ଅଂଶୀଦାର ଦଳ ଥିଲା। ବିଜେଡି, ଟିଏମସି ପ୍ରମୁଖ ଏକଦା ଏନଡିଏରେ ଥିଲେ। ଭାରତୀୟ ରାଜନୀତିରେ ଘଡ଼ିକେ ଘଡ଼ି ଛୁଟୁଛି। ବିରୋଧୀ ମେଣ୍ଟରେ ଏଭଳି ଅସ୍ଥିରତା ଶାସକ ଦଳ ବିଜେପିକୁ ଅନ୍ତତଃ ପକ୍ଷେ ବର୍ତ୍ତମାନ ପାଇଁ ନିଶ୍ଚିନ୍ତ କରିଥିବ। ବିହାର ରାଜନୀତିରେ ଏବେ ସ୍ଥିରତା ପରିଲକ୍ଷିତ ହେଉଛି। ନୀତିଶ ଏନଡିଏର ନିର୍ବିବାଦୀୟ ନେତା। ତେଣୁ ଆସନ୍ତା ବିଧାନସଭା ନିର୍ବାଚନରେ ଏନଡିଏ ସୁବିଧାଜନକ ସ୍ଥିତିରେ ରହିବ।

ଦତ୍ତଦିଗମ୍ବର ଶ୍ରୀସାଇନାଥ

ହୈମବତୀ ନନ୍ଦନ ଭୂୟାଁ

'କଳିଯୁଗୀ ଅବତାର, ସଗୁଣ ବ୍ରହ୍ମ ସାଚାର
ଅବତୀର୍ଣ୍ଣ ଝାଲାସେ, ସ୍ୱାମୀ ଦତ୍ତ ଦିଗମ୍ବର'

ଉନ୍ନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧ। କଳିଯୁଗର ଏ ଘୋର କରାଳ ସମୟରେ ଧରାପୃଷ୍ଠରେ ଶିରିଡ଼ି ଗ୍ରାମରେ ପ୍ରଥମ କରି ଜଣେ ଅତି ରୂପବନ୍ତ, ଦିବ୍ୟ, ତେଜସ୍ୱୀ, ସଦା ଆତ୍ମଚିନ୍ତନରେ ଲୀନ, ତ୍ୟାଗର ପ୍ରତୀକ, ଅସୀମ ଜ୍ଞାନସମ୍ପନ୍ନ ଫକୀର ବେଶଧାରୀ ଯୁବକଙ୍କୁ ଦେଖି ହତପ୍ରଭ ପାଲଟିଯାଇଥିବା ଶିରିଡ଼ି ଗ୍ରାମବାସୀ ତାଙ୍କର ପରିଚୟ ପଚାରିଲେ। କିନ୍ତୁ ବାଳକ ଜଣକ ତାଙ୍କର ମୌନ ଭଙ୍ଗ କଲେ ନାହିଁ। ସମାଧିବସ୍ଥାରେ ଲୀନ ହୋଇ ରହିଥିଲେ। ଅଚାନକ ଦିନେ ସେ ଅଦୃଶ୍ୟ ହୋଇଗଲେ। ଶିରିଡ଼ି ଗ୍ରାମର ଖଣ୍ଡୋବା ମନ୍ଦିର ନିକଟରେ କିଛି ଦିନ ପରେ ତାଙ୍କର ପୁନରାଗମନ ଦେଖି ମନ୍ଦିରର ପୂଜକ ମହଲସାପତିଙ୍କ ଭିତରେ ଐଶ୍ୱରୀୟ ଭାବନାର ସଂଦର୍ଶନ ହେଲା ଏବଂ ସେ ତାଙ୍କୁ "ଆଓ ସାଇ' କହି ତାଙ୍କର ହାର୍ଦ୍ଦିକ ସ୍ୱାଗତ କଲେ। ତା'ପର ଠାରୁ ଏହା ଉକ୍ତ ଫକିରଙ୍କ ପରିଚୟ ପାଲଟିଗଲା। ସାଇବାବାଙ୍କର ପ୍ରସିଦ୍ଧ ଏକାଦଶବାଣୀ ମଧ୍ୟରୁ ଗୋଟିଏ ହେଉଛି "ଯିଏ ମୋତେ ଯେଉଁପରି ଭଜେ (ଭଜନ କରେ), ମୁଁ ତାକୁ ସେହିପରି ରୂପରେ ପ୍ରାପ୍ତ ହୋଇଥାଏ। "ଯୋ ଭଜେଗା ମୁଝେ ଜିସ ଭାବ୍ ସେ, ପାଏଗା ବହ ବୈସା ହୀ ରୂପ ମୁଝମେ।' ସାଇ ବାବାଙ୍କ ଏହି ଉକ୍ତିର ମର୍ମ ଅସଂଖ୍ୟ ବ୍ୟକ୍ତି ସାଇ ଅବତାର କାଳରେ ଅନୁଭବ କରିଛନ୍ତି ଏବଂ ତାଙ୍କର ସମାଧିସ୍ଥ ହେବା ପରେ ମଧ୍ୟ ଏହା ଅନୁଭବ କରୁଥିବା ଲୋକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି।

ଜଞ୍ଜାଳମୟ ସଂସାରରେ ଆମ ଶରୀର ଯେତେବେଳେ ଅବଶକ୍ରମେ ମନ ଭିତରେ ସୃଷ୍ଟି ହୁଏ ପ୍ରବଳ ଉଦବେଗ ସେତେବେଳେ ଶିରିଡ଼ି ସାଇ ବାବାଙ୍କ ମୂର୍ତ୍ତି ବା ଫଟୋ ସମ୍ମୁଖରେ ଠିଆ ହୋଇ ତାଙ୍କ ପାଦ ତଳେ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପଣ କରିଥାଉ। ଏହା ଶରୀରରେ ବିଶ୍ୱାସ ଭରି ଦିଏ ଓ କର୍ମକ୍ଷେତ୍ରରେ ସ୍ୱାଭାବିକତା ପାଇଁ ଶକ୍ତି ପ୍ରେରଣା ଯୋଗାଏ। ଏହି ମର୍ମରେ ଆସନ୍ତୁ ଶିରିଡ଼ି ସାଇ ବାବାଙ୍କ ପଥର ଉପରେ ବସିବାର ବିଗ୍ରହକୁ ଭଲ ଭାବେ ଟିକିଏ ଚିନ୍ତା କରିବା। ଏକ ପଥର ଉପରେ ବାବା ଯେପରି ନିଜର ଡାହାଣ ଗୋଡ଼କୁ ବାମ ଗୋଡ଼ର ଆଣ୍ଠୁ ଉପରେ ରଖି ଡାହାଣ ଗୋଡ଼ର ବୁଢ଼ା ଆଙ୍ଗୁଠି ଉପରେ ବାମ ହାତର ବୁଢ଼ା, ତର୍ଜନୀ ଏବଂ ମଧ୍ୟ ଅଙ୍ଗୁଳି ରଖି ବସିଥାନ୍ତି ତାହା ଅତି ଚମତ୍କାର। ବାବାଙ୍କର ଏହି ଚିତ୍ରଟି ବିପଦ ଓ ସମ୍ପଦ ସମୟରେ ମଧ୍ୟ ଭକ୍ତର ମାନସପଟ୍ଟରେ ନାଚି ଉଠେ। ବାବାଙ୍କର ଏହି ବସିବା ଠାଣିଟି ସବୁ ସମୟରେ ଭକ୍ତଜନଙ୍କୁ ଆନନ୍ଦ ପ୍ରଦାନ କରିଥାଏ। ବାବାଙ୍କ ପଦ୍ମପାଦ ତଳେ ନିଜକୁ ସମର୍ପଣ କରିଦେଲେ ମନର ସବୁ ବ୍ୟସ୍ତତା ଦୂର ହୋଇଥାଏ। ମୋକ୍ଷ ନିମନ୍ତେ ପ୍ରଭୁଙ୍କ ପାଦ ଦର୍ଶନ ହେଉଛି ଭକ୍ତ ନିମନ୍ତେ ସରଳ ମାର୍ଗ। ବାବାଙ୍କର ଏହି ବସିବା ଭଙ୍ଗୀକୁ ଜଟାଜୁଟ ଶିବଙ୍କର ନଟରାଜ ମୁଦ୍ରା ସହିତ ତୁଳନା କରାଯାଇପାରେ। ବାବା ତାଙ୍କର ଏହି ମୁଦ୍ରାରେ ହାତ ଓ ପାଦ ମାଧ୍ୟମରେ ଭକ୍ତ ମାନଙ୍କୁ ମୋକ୍ଷର ମାର୍ଗ ପ୍ରଦର୍ଶନ କରୁଛନ୍ତି। ବାବାଙ୍କର ଏହି ବସିବା ଠାଣିରେ ଦକ୍ଷିଣ ହାତଟି ବରାଭୟ ମୁଦ୍ରାରେ ରହିଛି। ମନରେ କୌଣସି ଭୟ ନରଖି କର୍ମ କରିଯିବା ନିମନ୍ତେ ଭକ୍ତକୁ ବାବା ତାଙ୍କର ଦକ୍ଷିଣ ହାତର ଅଭୟ ମୁଦ୍ରା ମାଧ୍ୟମରେ ଅଭୟ ପ୍ରଦାନ କରିଛନ୍ତି।

ଏହି କର୍ମମୟ, କର୍ମପୂର୍ଣ୍ଣ ଓ କର୍ମବ୍ୟସ୍ତ ସଂସାରଟି ବାସ୍ତବରେ କ୍ଷଣସ୍ଥାୟୀ। ଜୀବାତ୍ମାଟି ମାୟାର କବଳରେ ପଡ଼ି ନିଜର ମୂଳ ଲକ୍ଷ୍ୟକୁ ଭୁଲିଯାଇ କିଛି ମୁହୂର୍ତ୍ତ ପାଇଁ ବାଟବଣା ହୋଇଯାଇଥାଏ। ଶିବ ତାଣ୍ଡବ ନୃତ୍ୟ ମାଧ୍ୟମରେ ଜୀବନ ଚେତନାକୁ ଜାଗ୍ରତ କରିବାପରି



ଠିକ ସେହିପରି ବାବା ଅନେକ ସମୟରେ ମିଛ କ୍ରୋଧ ପ୍ରକାଶ କରି ଭକ୍ତଜନଙ୍କୁ ଚେତାଇ ଦିଅନ୍ତି ଯେ ଏ ଅଳିକ ସଂସାରରେ ତୁମେ ନିମିତ୍ତ ମାତ୍ର ଏହାର ଦିନେ ନା ଦିନେ ଅନ୍ତଃ ହିଁ ରହିଛି ତେଣୁ ମନରେ ଗର୍ବ ଭାବ ପୋଷଣ ପରିତ୍ୟାଗ କର। ଅହଂ ଭାବରୁ ମୁକ୍ତ ଥିବା ସମୟରେ ଜଣେ ତାର ପ୍ରଭୁଙ୍କୁ ଧ୍ୟାନ କରିଥାଏ କିନ୍ତୁ ଅହଂକାର ଯାତ ହେବାମାତ୍ରେ ନିଜକୁ କର୍ତ୍ତା ଭାବି ପ୍ରଭୁଙ୍କ ସ୍ଥିତିକୁ ଅବଜ୍ଞା କରିଥାଏ। ଏହି ଅବଜ୍ଞା ଭାବର ଉଦୟ ହେଉଥିବାର ଆଭାସ ପାଇବା ମାତ୍ରେ ବାବାଙ୍କର ବରାଭୟ ମୁଦ୍ରାରେ ବସିବା ଠାଣି ମନରେ ଆଣିବାକୁ ଭକ୍ତ ଉଦ୍ୟମ କରିବା ଦ୍ୱାରା ନିଜକୁ ଅହଂ ଭାବରୁ ମୁକ୍ତ ରଖିପାରିବ। ଶିରିଡ଼ି ସାଇନାଥଙ୍କୁ ଆମେ ସମସ୍ତେ କାହିଁକି ସଦଗୁରୁ କହିଥାଉ ? ସଦଗୁରୁଙ୍କ ଆନନ୍ଦ ଭାବ ହେଉଛି ବଡ଼ ପ୍ରମୁଖ ଗୁଣ ଯାହାଙ୍କର କେହି ଶତ୍ରୁ ନଥାନ୍ତି। ସେମାନେ କାହାରି କ୍ଷତି ଚିନ୍ତା କରନ୍ତି ନାହିଁ। ବାବା ସବୁବେଳେ ଆନନ୍ଦିତ ରହୁଥିଲେ ତେଣୁ ତାଙ୍କୁ ସଦଚିଦ ଆନନ୍ଦ କୁହାଯାଏ। କାହାରି କ୍ଷତି ନକରିବାକୁ ଏବଂ କାହାରି ମନରେ ଦୁଃଖ ନଦେବାକୁ ବାବା ଭକ୍ତ ମାନଙ୍କୁ ପରାମର୍ଶ ଦେଇଛନ୍ତି।

ସତ, ରଜ ଓ ତମ ଗୁଣକୁ ନେଇ ପ୍ରକୃତିର ସୃଷ୍ଟି କିନ୍ତୁ ଏହି ଗୁଣ ମାନଙ୍କ ସଂସ୍ପର୍ଶରେ ବାବା ଆସୁନଥିଲେ। ତେଣୁ ସେ ହେଉଛନ୍ତି ତ୍ରିଗୁଣାତୀତ ତାଙ୍କ ଉପରେ ଇନ୍ଦ୍ରିୟଙ୍କର କୌଣସି ବିନ୍ଦୁ ମାତ୍ର ପ୍ରଭାବ ହିଁ ନଥିଲା। ଇନ୍ଦ୍ରିୟର ପ୍ରେରଣାରେ ଯେଉଁ କର୍ମ କରାଯାଏ ଏବଂ ସେଥିରୁ ଯେଉଁ ଫଳ ମିଳିଥାଏ ତାହାକୁ ଭୋଗ କରିବାକୁ ଯିବାତ୍ମା ବାଧ। ବାବା ସେଇଥି ପାଇଁ ଆମ ସମସ୍ତଙ୍କୁ ଉପଦେଶ ଦେଇଥାନ୍ତି ଯେ ଇନ୍ଦ୍ରିୟ ମାନଙ୍କୁ ସେମାନଙ୍କ କର୍ମ କରିବାକୁ ଦିଅ କିନ୍ତୁ ନିଜେ ଇନ୍ଦ୍ରିୟ ଅଧୀନ ହଅନାହିଁ। ବାବା ସବୁବେଳେ ଧୁନି ଜାଳି ରଖୁଥିଲେ। ଆମ ଜଠରରେ ଯେପରି ଥିବା ନିଆଁକୁ ଜଠରାଗ୍ନି କୁହାଯାଏ କାରଣ ଏହା ଆମର ହଜମ ଶକ୍ତି ପାଇଁ ସାହାଯ୍ୟ କରିଥାଏ। ଅନେକଙ୍କ ମନରେ ଜ୍ଞାନ ଆହରଣ ନିମନ୍ତେ ବ୍ୟଗ୍ରତା ଦେଖାଯାଏ। ଏହାକୁ ମଧ୍ୟ ନିଆଁ ସହିତ ତୁଳନା କରାଯାଏ ଯାହାର ନାମ ଜିଜ୍ଞାସା। ଜ୍ଞାନାଗ୍ନି ଆମକୁ ସଂସାର ଚକ୍ରରୁ ମୁକ୍ତ ହେବା ନିମନ୍ତେ ମାର୍ଗ ଦେଖାଇଥାଏ। ଆମକୁ ମୋକ୍ଷ ପ୍ରଦାନ କରୁଥିବା ଅଗ୍ନୀକୁ ସ୍ୱାଗତ କରିବା ସହିତ କ୍ଷତି ପହଞ୍ଚାଉଥିବା ଅଗ୍ନିକୁ ଏଡ଼ାଇ ଯିବା ଉଚିତ। ଶାସ୍ତ୍ରରେ ଉଲ୍ଲେଖ ରହିଛି ଜୀବନରେ ଯେତେ ପାପ ଜଣେ କରିଥିଲେ ମଧ୍ୟ ଈଶ୍ୱରଙ୍କ ନାମ ପ୍ରାପ୍ତିରେ ସେ ସମସ୍ତ ପାପରୁ ମୁକ୍ତି ପାଇଥାଏ।

ଈଶ୍ୱରଙ୍କ ଅନ୍ୟତମ ସ୍ୱରୂପ ହେଉଛନ୍ତି ସଦଗୁରୁ। ତାଙ୍କ ସଂସ୍ପର୍ଶ, ସାନ୍ନିଧ, ଆଶ୍ରୟ ଓ କୃପା ଦ୍ୱାରା ପାପରୁ ମୁକ୍ତି ମିଳିବା ସହ ଆଧାତ୍ମିକ ଜ୍ଞାନର ଉଦୟ ହୋଇଥାଏ। ସଦଗୁରୁଙ୍କ ସାନ୍ନିଧ ଲାଭ ଦ୍ୱାରା ଅନେକ ଆଧାତ୍ମିକ ଲାଭ ମିଳିଥାଏ। ବ୍ୟକ୍ତିର ଯେତେ ଦୋଷଗୁଣ ଥିଲେ ମଧ୍ୟ ସଦଗୁରୁଙ୍କ ସାନ୍ନିଧରେ ଆସିଲେ ସେ ଜଣେ ମହାନ ହୋଇପାରିଥାଏ। ଜଣେ ସାମାନ୍ୟ ବ୍ୟକ୍ତି ସଦଗୁରୁଙ୍କ ସଂସ୍ପର୍ଶ ପାଇଲା ମାତ୍ରେ ତାଙ୍କ ପାଖରେ ବାସ କଲେ ସେ ଅନ୍ୟ ମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ସଦଗୁରୁଙ୍କ ସାନ୍ନିଧ ଲାଭ ପ୍ରାପ୍ତ କଲେ କିପରି ଜଣେ ସାଧାରଣ ବ୍ୟକ୍ତି ଦିବ୍ୟ ଜୀବନ ପ୍ରାପ୍ତ ହୋଇପାରିବ ସ୍ୱୟଂ ଦାଶଗାଣୁ ମହାରାଜ ତାଙ୍କର "ସ୍ତବର ମଞ୍ଜର

ପତ୍ନୀଙ୍କ ସହ ଭାରତ ଆସିବେ ଜେଡି ଭାନ୍ସ



ନୂଆଦିଲ୍ଲୀ,୧୨।୩: ନୂତନ ଆମେରିକୀୟ ପ୍ରଶାସନର ଦୁଇଜଣ ଶୀର୍ଷ ଅଧିକାରୀ ଖୁବ ଶୀଘ୍ର ଭାରତ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଆମେରିକାର ଜାତୀୟ ଗୁଇନ୍ଦା ନିର୍ଦ୍ଦେଶକ ତୁଳସୀ ଗବାର୍ଡ ଆସନ୍ତା ସପ୍ତାହରେ ଭାରତ ଗସ୍ତରେ ଆସିବେ। ତାଙ୍କ ବ୍ୟତୀତ, ଆମେରିକାରେ ଟ୍ରମ୍ପଙ୍କ ବିଶ୍ୱସ୍ତ ଅର୍ଥାତ ଉପରାଷ୍ଟ୍ରପତି ଜେଡି ଭାନ୍ସ ମଧ୍ୟ ଏହି ମାସ ଶେଷରେ ଭାରତ ଗସ୍ତରେ ଆସୁଛନ୍ତି। ଆମେରିକାର ଉପରାଷ୍ଟ୍ରପତି ହେବା ପରେ ଏହା ଜେଡି ଭାନ୍ସଙ୍କର ଦ୍ୱିତୀୟ ବିଦେଶ ଯାତ୍ରା ହେବ। ଏକ ରିପୋର୍ଟ ଅନୁଯାୟୀ, ଜେଡି ଭାନ୍ସଙ୍କ ସହିତ ତାଙ୍କ ପତ୍ନୀ ଉଷା ଭାନ୍ସ ମଧ୍ୟ ରହିବେ। ଭାନ୍ସ ଗତ ମାସରେ ଫ୍ରାନ୍ସ ଏବଂ ଜର୍ମାନୀକୁ ତାଙ୍କର ପ୍ରଥମ ବିଦେଶ ଯାତ୍ରା କରିଥିଲେ। ପ୍ୟାରିସ ଏଆଇ ଆକ୍ସନ ଶିଖର ସମ୍ମିଳନୀରେ ଉପାଧ୍ୟକ୍ଷ ଜେଡି ଭାନ୍ସ ତାଙ୍କ ପରିବାର ସହିତ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିଥିଲେ। ଏହି ସମୟ ମଧ୍ୟରେ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଦୟାଳୁ ବୋଲି ବର୍ଣ୍ଣନା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଜେଡି ଭାନ୍ସଙ୍କ ପିଲାମାନଙ୍କୁ ମଧ୍ୟ ଉପହାର ଦେଇଥିଲେ। ଆମେରିକାର ଜାତୀୟ ଗୁପ୍ତଚର ନିର୍ଦ୍ଦେଶକ ତୁଳସୀ ଗାବାର୍ଡ ଏସିଆ ଗସ୍ତରେ ଯାଉଛନ୍ତି। ସେ ଆସନ୍ତା ସପ୍ତାହରେ ଭାରତରେ ଏକ ସୁରକ୍ଷା ସମ୍ମିଳନୀରେ ଯୋଗଦେବେ। ସୋମବାର ଦିନ ଏକ ସୋସିଆଲ ମିଡିଆ ପୋଷ୍ଟରେ, ଗାବାର୍ଡ ଘୋଷଣା କରିଛନ୍ତି ଯେ ସେ ଜାପାନ, ଥାଇଲ୍ୟାଣ୍ଡ ଏବଂ ଭାରତ ଯାତ୍ରା କରୁଛନ୍ତି ଏବଂ ଆମେରିକା ଫେରିବା ବାଟରେ ଫ୍ରାନ୍ସ ଗସ୍ତ କରିବେ। ଟ୍ରମ୍ପ ପ୍ରଶାସନରେ ଯୋଗଦେବା ପରେ ଏହା ତାଙ୍କର ଦ୍ୱିତୀୟ ଗସ୍ତ। ଜାତୀୟ ଗୁପ୍ତଚର ନିର୍ଦ୍ଦେଶକ ହେବା ପରେ, ସେ ଜର୍ମାନୀରେ ମ୍ୟୁନିଚ ସୁରକ୍ଷା ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ତୁଳସୀ ନୂଆଦିଲ୍ଲୀରେ ରାଇସିନା ଡାଏଲଗରେ ମଧ୍ୟ ଭାଷଣ ଦେବେ। ରିପୋର୍ଟ ଅନୁସାରେ, ବ୍ରିଟେନର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଜୋନାଥନ ପାୱେଲ ଏବଂ କାନାଡିଆନ ସୁରକ୍ଷା ଗୁପ୍ତଚର ସେବା ସିଏସଆଇଏସ ନିର୍ଦ୍ଦେଶକ ଡାନିଏଲ ରୋଜର୍ସ ମଧ୍ୟ ସୁରକ୍ଷା ସମ୍ମିଳନୀରେ ଯୋଗ ଦେବାର ଆଶା କରାଯାଉଛି। ଭାରତର ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ୨୦୨୨ ମସିହାରୁ ରାଇସିନା ଡାଏଲଗ ଅବସରରେ ଏହି ସୁରକ୍ଷା ସମ୍ମିଳନୀର ଆୟୋଜନ କରିଆସୁଛି, ଯାହା ଦେଶର ଭୂରାଜନୀତି ଏବଂ ଭୂଅର୍ଥନୀତି ଉପରେ ପ୍ରମୁଖ ସମ୍ମିଳନୀ।

ଭୂକମ୍ପରେ ଥରିଲା ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ରିକ୍ଟର ସ୍କେଲରେ ତୀବ୍ରତା ୫.୯

ମମ୍ବାଇ ୧୨।୩: ପୁଣି ଥରେ ଭୂକମ୍ପରେ ଥରିଲା ଆଣ୍ଡାମାନ ଦ୍ୱୀପପୁଞ୍ଜ। ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୯ରେ ମାପ କରାଯାଇଛି। ବଙ୍ଗୋପସାଗରରେ ମଧ୍ୟ ଭୂକମ୍ପ କମ୍ପନ ଅନୁଭୂତ ହୋଇଥିଲା। ବଙ୍ଗୋପସାଗରରେ ଘଟିଥିବା ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୬ ମାପ କରାଯାଇଥିଲା। ସମୁଦ୍ର ତଳେ ୧୦ କିଲୋମିଟର ଗଭୀରରେ ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଦେଖିବାକୁ ମିଳିଥିଲା। ଯଦିଓ ଉଭୟ ଭୂକମ୍ପ ଯୋଗୁଁ ଜୀବନ କିମ୍ବା ସମ୍ପତ୍ତି ନଷ୍ଟ ହେବାର କୌଣସି ଖବର ନାହିଁ। ଭୂକମ୍ପ ଯୋଗୁଁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ରହିଛି। ଜାତୀୟ ଭୂକମ୍ପ କେନ୍ଦ୍ର ଭୂକମ୍ପକୁ ନିଶ୍ଚିତ କରିଛି ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ରହୁଥିବା ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି। ଗତକାଲି ଗୁଜୁରାଟରେ ଦୁଇଥର ଭୂକମ୍ପ ଘଟିଥିଲା କହିବାକୁ ଗଲେ ଗତକାଲି ମଧ୍ୟ ଭାରତରେ ଭୂକମ୍ପ ହୋଇଥିଲା। ଗୁଜୁରାଟର କୁଚ୍ ଜିଲ୍ଲାରେ ଦୁଇଥର ଭୂକମ୍ପରେ କମ୍ପନ ଘଟିଛି। ମଙ୍ଗଳବାର ସକାଳ ୧୧.୧୨ରେ କଚ୍ଛ ଜିଲ୍ଲାରେ ଏକ ଭୂକମ୍ପ ଘଟିଥିଲା ଯାହା ଗାନ୍ଧିନଗରରେ ଅବସ୍ଥିତ ଭୂକମ୍ପ ଅନୁସନ୍ଧାନ ପ୍ରତିଷ୍ଠାନ ଦ୍ୱାରା ନିଶ୍ଚିତ କରାଯାଇଥିଲା। ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୩ ମାପ କରାଯାଇଥିଲା ।

ଯାଞ୍ଚ ହେଉଛି ରାଣ୍ୟାଙ୍କ ବିବାହରେ ସାମିଲ ଅତିଥିଙ୍କ ତାଲିକା

ନୂଆଦିଲ୍ଲୀ,୧୨।୩: କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କନ୍ନଡ ଅଭିନେତ୍ରୀ ରଣ୍ୟା ରାଓଙ୍କ ସହ ଜଡ଼ିତ ସୁନା ଚୋରା ଚାଲାଣ ମାମଲାର ତଦନ୍ତ କରୁଛି। ଏହି ତଦନ୍ତ ସମୟରେ ଅଧିକାରୀମାନେ ବେଙ୍ଗାଲୁରୁର ଅନେକ ସ୍ଥାନରେ ଚଢାଉ କରିଥିଲେ। ରଣ୍ୟାଙ୍କ ଘର ଏବଂ କର୍ଣ୍ଣାଟକ ଶିଳ୍ପ କ୍ଷେତ୍ର ବିକାଶ ବୋର୍ଡର କାର୍ଯ୍ୟାଳୟରେ ମଧ୍ୟ ଚଢ଼ାଉ କରାଯାଇଥିଲା। ଏହାସହିତ ସିବିଆଇ ଅଧିକାରୀମାନେ ରାଣ୍ୟାଙ୍କ ବିବାହ ହୋଇଥିବା ହୋଟେଲରେ ପହଞ୍ଚି ଯାଞ୍ଚ କରୁଥିବା ଖବର ମିଳିଛି। ପ୍ରକାଶିତ ରିପୋର୍ଟ ଅନୁଯାୟୀ, ସିବିଆଇ ଅଧିକାରୀମାନେ ହୋଟେଲରୁ ବିବାହ ଫୁଟେଜ୍ ଏବଂ ରାଣ୍ୟାଙ୍କ ବିବାହରେ ସାମିଲ ହୋଇଥିବା ଅତିଥିମାନଙ୍କ ତାଲିକା ଖୋଜୁଛନ୍ତି। ଏହି ତାଲିକାରୁ ଅଧିକାରୀମାନେ ରାଣ୍ୟାଙ୍କୁ ଦେଇଥିବା ଦାମିକା ଉପହାର ଅତିଥିଙ୍କୁ ଚିହ୍ନଟ କରିବେ। ଯାହାକି ସୁନା ଚୋରାଚାଲାଣରେ ସମ୍ପୃକ୍ତ ଲୋକଙ୍କ ବିଷୟରେ ସୂଚନା ଦେବାରେ ସାହାଯ୍ୟ କରିପାରେ ବୋଲି ଆଶା ଅଧିକାରୀମାନେ ଆଶା ରଖିଛନ୍ତି। ସିବିଆଇର ଦିଲ୍ଲୀ ୟୁନିଟର ଦଳ ଏହି ତଦନ୍ତର ନେତୃତ୍ୱ ନେଉଛି। କର୍ଣ୍ଣାଟକ ଶିଳ୍ପ କ୍ଷେତ୍ର ବିକାଶ ବୋର୍ଡର କାର୍ଯ୍ୟାଳୟରୁ ଜମି ଅନୁମୋଦନ ସମ୍ପର୍କିତ ସୂଚନା ମଧ୍ୟ ସଂଗ୍ରହ କରାଯାଉଛି। ଏହା ଦର୍ଶାଉଛି ଯେ ଏହି ମାମଲାରେ ତଦନ୍ତର ପରିସର କିପରି ବୃଦ୍ଧି ପାଉଛି।

ପୁଣି ଦୂରଦର୍ଶନକୁ ଫେରିବେ ସୁଧୀର ଚୌଧୁରୀ

ନୂଆଦିଲ୍ଲୀ,୧୨।୩: ସରକାରୀ ନ୍ୟୁଜ୍ ଚ୍ୟାନେଲ ଦୂରଦର୍ଶନ (ଡିଡି)କୁ ପୁଣି ଥରେ ଲୋକପ୍ରିୟ କରିବା ପାଇଁ ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ଯୁଗର ପ୍ରସିଦ୍ଧ ଆଙ୍କର ସୁଧୀର ଚୌଧୁରୀଙ୍କୁ ଡିଡି ଅନୁବନ୍ଧିତ କରିଛି। ଏବେ ଡିଡି ତାର ପୁରୁଣା ଲୋକପ୍ରିୟତା ହାସଲ କରୁ ସରକାରୀ ଗଣମାଧ୍ୟମ କମ୍ପାନୀ 'ପ୍ରସାର ଭାରତୀ' ଚାହୁଁଛି। ଏଣୁ ଚୌଧୁରୀଙ୍କ ସହିତ ଏଥିପାଇଁ ପାଖାପାଖି ୧୪ କୋଟିରୁ ଅଧିକ ଟଙ୍କାର ରାଜିନାମା ସ୍ୱାକ୍ଷର କରାଯାଇଥିବାର ଜଣାପଡିଛି। ସୂତ୍ର ଅନୁସାରେ ସୁଧୀର ଚୌଧୁରୀଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିମନ୍ତେ ବିପୁଳ ଅର୍ଥ ବିନିମୟରେ ସ୍ୱାକ୍ଷର କରାଯାଇଛି। ଦେଶରେ ଘରୋଇ ନ୍ୟୁଜ୍ ଚ୍ୟାନେଲମାନଙ୍କ ଉପସ୍ଥିତିରେ 'ଫ୍ରି ଟୁ ଏୟାର' ଡିଡି ଚ୍ୟାନେଲସ୍ ଏବେ ଲୋକଙ୍କ ନିକଟକୁ ପହଞ୍ଚି ପାରୁ ନାହିଁ। ଏଥିରେ ସୁଧୀର ଚୌଧୁରୀ, ଯିଏ ଏହି କ୍ଷେତ୍ରରେ ଏକ ପ୍ରତିଷ୍ଠିତ ନାମ ତାଙ୍କୁ ଡିଡି 'ଗୋଲ୍ଡେନ ପିରିୟଡ' ଫେରାଇ ଆଣିବା ପାଇଁ ଗୁରୁଦାୟିତ୍ୱ ପ୍ରଦାନ କରିଛି। ଏହି ରାଜିନାମା ସ୍ୱାକ୍ଷର ହୋଇସାରିଥିବା ବେଳେ ସୁଧୀର ଚୌଧୁରୀ ଖୁବ୍ ଶୀଘ୍ର ଡିଡିରେ ଯୋଗ ଦେଉଥିବା ଜଣାପଡିଛି। ଦୀର୍ଘ ଦଶନ୍ଧୀ ଧରି ଦୂରଦର୍ଶନ ବିଶ୍ୱସନୀୟ ଓ ପ୍ରଭାବଶାଳୀ ଖବର ପ୍ରସାରଣର ପର୍ଯ୍ୟାୟ ପାଲଟିଥିଲା। ଦେଶରେ ଘରୋଇ ନ୍ୟୁଜ୍ ଚ୍ୟାନେଲମାନଙ୍କ ଅଭ୍ୟୁଦୟ ପୂର୍ବରୁ ଭାରତୀୟ ଟେଲିଭିଜନ ସମାଚାର ସଂସ୍କୃତିକୁ ଦୂରଦର୍ଶନ ଆକାର ଦେଇଥିଲା। ତେବେ ଗତବର୍ଷମାନଙ୍କରେ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଖବର ପ୍ରସାରଣରେ ଡିଡିର ଉପସ୍ଥିତି ହ୍ରାସ ହୋଇଛି। ଏବେ ସୁଧୀର ଚୌଧୁରୀଙ୍କ ନେତୃତ୍ୱରେ ସମାଚାର କାର୍ଯ୍ୟକ୍ରମ ସହିତ ଡିଡି ଭାରତୀୟ ସାମ୍ବାଦିକତାରେ ଗୋଲ୍ଡେନ ଷ୍ଟାଣ୍ଡାର୍ଡ ପୁଣି ହାସଲ କରିବାକୁ ଉଦ୍ୟମ କରିବ। ଏଥି ପାଇଁ ପ୍ରସାର ଭାରତୀଙ୍କ ଭିଜନ ସମ୍ପୂର୍ଣ୍ଣ ସ୍ପଷ୍ଟ, ଦୂରଦର୍ଶନର ବିଶ୍ୱସନୀୟତା, ପହଞ୍ଚ ଓ ପ୍ରଭାବକୁ ପୁଣି ଫେରାଇ ଆଣିବା, ଯାହା କେବେ ଲକ୍ଷଲକ୍ଷ ଭାରତୀୟଙ୍କ ଲାଗି ପସନ୍ଦର ସମାଚାର ଗନ୍ତବ୍ୟ ଥିଲା ଓ ଏହି ପ୍ରୟାସରେ ଚୌଧୁରୀ ନିଶ୍ଚିତ ରୂପେ ଆଦର୍ଶ ବିକଳ୍ପ।

ମରିସସକୁ ମିଳିଲା ଭାରତର ସହଯୋଗ

ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନର ବିକାଶ ହେବ: ମୋଦି



ନୂଆଦିଲ୍ଲୀ/ପୋର୍ଟ ଲୁଇସ,୧୨।୩: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇ ଦିନିଆ ମରିସସ ଗସ୍ତରେ ଅଛନ୍ତି। ବୁଧବାର ସେ ମରିସସର ଜାତୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହା ପରେ, ପ୍ରଧାନମନ୍ତ୍ରୀ ମୋଦି ଏବଂ ମରିସସ ପ୍ରଧାନମନ୍ତ୍ରୀ ନବୀନଚନ୍ଦ୍ର ରାମଗୁଲାମ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ ଭାରତ ଏବଂ ମରିସସ ମଧ୍ୟରେ ସମ୍ପର୍କ କେବଳ ଭାରତ ମହାସାଗର ସହିତ ଜଡିତ ନୁହେଁ ବରଂ ଆମର ସମାନ ସାଂସ୍କୃତିକ ପରମ୍ପରା ଏବଂ ମୂଲ୍ୟବୋଧ ସହିତ ମଧ୍ୟ ଜଡିତ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଆମେ ଆର୍ଥିକ ଏବଂ ସାମାଜିକ ପ୍ରଗତି ପଥରେ ପରସ୍ପରର ସହଯୋଗୀ।

ମୋଦି କହିଛନ୍ତି ଯେ ପ୍ରାକୃତିକ ବିପର୍ଯ୍ୟୟ ହେଉ କିମ୍ବା କୋଭିଡ ଭଳି ବିପର୍ଯ୍ୟୟ, ଆମେ ସର୍ବଦା ପରସ୍ପରକୁ ସମର୍ଥନ କରିଛୁ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ପ୍ରତିରକ୍ଷା ହେଉ କିମ୍ବା ଶିକ୍ଷା, ସ୍ୱାସ୍ଥ୍ୟ କିମ୍ବା ମହାକାଶ, ଆମେ ପ୍ରତ୍ୟେକ କ୍ଷେତ୍ରରେ କାନ୍ଧକୁ କାନ୍ଧ ମିଳାଇ କାମ କରୁଛୁ। ପ୍ରଧାନମନ୍ତ୍ରୀ ମୋଦି ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ଗତ ୧୦ ବର୍ଷ ମଧ୍ୟରେ ଆମେ ଆମ ସମ୍ପର୍କରେ ଅନେକ ନୂତନ ଦିଗ ଯୋଡ଼ିଛୁ। ବିକାଶ ସହଯୋଗ ଏବଂ ଦକ୍ଷତା ନିର୍ମାଣରେ ନୂତନ ରେକର୍ଡ ସ୍ଥାପନ ହୋଇଛି।

ସେ ଆହୁରି କହିଛନ୍ତି ଯେ ମରିସସରେ ଅନେକ ମୌଳିକ ଜିନିଷ ଅଛି ଯାହାକୁ ଆମେ ସମୟ ସହିତ ଶେଷ କରିଛୁ, ଯେଉଁଥିରେ ଗତି ପାଇଁ ମେଟ୍ରୋ ଏକ୍ସପ୍ରେସ, ନ୍ୟାୟ ପାଇଁ ସୁପ୍ରିମକୋର୍ଟ ଭବନ, ଆରାମଦାୟକ ରହଣି ପାଇଁ ସାମାଜିକ ଗୃହ, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଇଏନଟି ହସ୍ପିଟାଲ, ବ୍ୟବସାୟ ଏବଂ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ପାଇଁ ୟୁପିଆଇ ଏବଂ ରୁପେ କାର୍ଡ, ସୁଲଭ ଏବଂ ଉନ୍ନତ ଗୁଣବତ୍ତା ଔଷଧ ପାଇଁ ଜନ ଔଷଧି କେନ୍ଦ୍ର ଅନ୍ତର୍ଭୁକ୍ତ।

ମରିସସରେ ନୂଆ ସଂସଦ ଭବନ କରିବ ଭାରତ

ନୂଆଦିଲ୍ଲୀ,୧୨।୩: ବର୍ତ୍ତମାନ ମରିସସ ଗସ୍ତରେ ଅଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ସେଠାରେ ସେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ସମ୍ବୋଧିତ କରି କହିଛନ୍ତି ଯେ, ଭାରତ ମରିସସରେ ଏକ ନୂତନ ସଂସଦ ନିର୍ମାଣରେ ସହଯୋଗ କରିବ। ପ୍ରଧାନମନ୍ତ୍ରୀ ନବୀନ ଚନ୍ଦ୍ର ରାମଗୁଲାମ ଏବଂ ମୁଁ ଭାରତ-ମରିସସ ସହଭାଗୀତାକୁ ଉନ୍ନତ ରଣନୈତିକ ସହଭାଗୀତାର ମାନ୍ୟତା ଦେବାକୁ ନିଷ୍ପତ୍ତି ନେଇଛୁ। ଆମେ ନିଷ୍ପତ୍ତି ନେଇଛୁ ଯେ ଭାରତ ମରିସସରେ ନୂଆ ସଂସଦ ଭବନ ନିର୍ମାଣରେ ସହଯୋଗ କରିବ। ଏହା ମରସସକୁ ଗଣତନ୍ତ୍ରର ଜନନୀ ଠାରୁ ଏକ ବଡ଼ ଉପହାର।

ମୋଦି କହିଛନ୍ତି, ଭାରତ ଏବଂ ମରିସସ କେବଳ ଭାରତ ମହାସାଗର ଦ୍ୱାରା ନୁହେଁ ବରଂ ପରମ୍ପରା ଏବଂ ସଂସ୍କୃତି ଦ୍ୱାରା ମଧ୍ୟ ଯୋଡ଼ି ହୋଇଛନ୍ତି। ଆମେ ଆର୍ଥିକ ଏବଂ ସାମାଜିକ ବିକାଶର ଯାତ୍ରାରେ ଅଂଶୀଦାର। ଆମେ ସର୍ବଦା ପରସ୍ପର ସହିତ ଛିଡ଼ା ହୋଇଛୁ। ସ୍ୱାସ୍ଥ୍ୟ ହେଉ, ମହାକାଶ ହେଉ କିମ୍ବା ପ୍ରତିରକ୍ଷା, ଆମେ ପରସ୍ପର ସହିତ ଆଗକୁ ବଢୁଛୁ। ୧୪୦ କୋଟି ଭାରତୀୟଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦୀ ମରିସସର ଲୋକମାନଙ୍କୁ ସେମାନଙ୍କ ଜାତୀୟ ଦିବସରେ ଅଭିନନ୍ଦନ ଜଣାଇଥିଲେ ଏବଂ କହିଥିଲେ ଯେ ଏହା ତାଙ୍କର ସୌଭାଗ୍ୟ ଯେ ତାଙ୍କୁ ଏହାର ଜାତୀୟ ଦିବସରେ ପୁଣି ଥରେ ମରିସସ ଗସ୍ତ କରିବାର ସୁଯୋଗ ମିଳିଛି। ଆଜି ସକାଳେ ପ୍ରଧାନମନ୍ତ୍ରୀ ମୋଦି ମରିସସର ପୂର୍ବତନ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ କୁମାର ଜୁଗନୌଥଙ୍କୁ ଭେଟିଥିଲେ। ବିଭିନ୍ନ କ୍ଷେତ୍ରରେ ଭାରତ-ମରିସସ ସହଯୋଗ ବୃଦ୍ଧି କରିବା ଉପରେ ଦୁହେଁ ଆଲୋଚନା କରିଥିଲେ।

ପ୍ରଧାନମନ୍ତ୍ରୀ ମୋଦି ମରିସସର ସାଂସଦ ଏବଂ ବିରୋଧୀ ଦଳ ନେତା ଜର୍ଜସ ପିଏରେ ଲେଜୋଙ୍ଗାର୍ଡଙ୍କୁ ମଧ୍ୟ ଭେଟିଥିଲେ। ଭାରତ-ମରିସସ ବନ୍ଧୁତାକୁ ଆହୁରି ସୁଦୃଢ଼ କରିବା ପାଇଁ ସେମାନଙ୍କର ଉପଯୋଗୀ ଆଲୋଚନା ହୋଇଥିଲା।

ହରିୟାଣା ନଗର ନିଗମ ନିର୍ବାଚନ

୧୦ରୁ ୯ ସହରରେ ବିଜେପି ମେୟର

ଚଣ୍ଡିଗଡ଼,୧୨।୩: ହରିୟାଣା ବିଧାନସଭା ନିର୍ବାଚନ ପରେ, ସ୍ଥାନୀୟ ନଗର ନିଗମ ନିର୍ବାଚନରେ ମଧ୍ୟ କଂଗ୍ରେସକୁ ଶୋଚନୀୟ ପରାଜୟର ସମ୍ମୁଖୀନ ହେବାକୁ ପଡିଛି। ରାଜ୍ୟର ୧୦ଟି ନଗର ନିଗମରୁ ଭାଜପା ୯ଟି ଆସନ ଜିତିଛି। ଯେତେବେଳେ ଗୋଟିଏ ନଗର ନିଗମରେ ଜଣେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି।

ସୂଚନାଯୋଗ୍ୟ, ୨ ମାର୍ଚ୍ଚରେ ଅନୁଷ୍ଠିତ ହରିୟାଣା ନଗର ନିଗମ ନିର୍ବାଚନର ଭୋଟ ଗଣତି ବୁଧବାର (୧୨ ମାର୍ଚ୍ଚ) କରାଯାଇଥିଲା। ଏହି ନିର୍ବାଚନରେ ମଧ୍ୟ ଭାଜପାର ପ୍ରଦର୍ଶନ ଭଲ ଥିଲା, ଯେତେବେଳେ କି କଂଗ୍ରେସ ଏହି ନିର୍ବାଚନରେ ମଧ୍ୟ ଶୋଚନୀୟ ଭାବେ ପରାଜିତ ହୋଇଥିଲା। ଭାଜପା ୧୦ଟି ନଗର ନିଗମରୁ ୯ଟିରେ ବିଜୟୀ ହୋଇଥିଲେ ମଧ୍ୟ, କଂଗ୍ରେସ ଗୋଟିଏ ମଧ୍ୟ ଆସନରେ ନିର୍ବାଚନ ଜିତିପାରିଲା ନାହିଁ। ହରିୟାଣାର ୧୦ଟି ନଗର ନିଗମ ଆସନରୁ ଭାଜପା ୯ଟିରେ ବିଜୟୀ ହୋଇଛି। ଯେତେବେଳେ କଂଗ୍ରେସ ସମସ୍ତ ନଗର ନିଗମରେ ପରାସ୍ତ ହୋଇଛି। ଯେତେବେଳେ ମାନେସର ନଗର ନିଗମରେ ଜଣେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ପାଞ୍ଚଟି ପୌର ପରିଷଦ ଏବଂ ୨୩ଟି ପୌରପାଳିକାରେ ଭୋଟ ଗଣତି ଚାଲିଛି। ସେଠାରେ ମଧ୍ୟ ଅଧିକାଂଶ ସ୍ଥାନରେ ଭାଜପା ପ୍ରାର୍ଥୀମାନେ ଆଗୁଆ ଅଛନ୍ତି। କଂଗ୍ରେସ ବିଧାୟକ ଏବଂ କୁସ୍ତିଯୋଦ୍ଧା ଭିନେଶ ଫୋଗତଙ୍କ ବିଧାନସଭା ନିର୍ବାଚନମଣ୍ଡଳୀ ଜୁଲାନା ନଗର ନିଗମରେ ମଧ୍ୟ ଭାଜପା ଜିତିଛି, ଏହି ଘଟଣାରୁ ପୌର ନିଗମ ନିର୍ବାଚନରେ କଂଗ୍ରେସର ଖରାପ ଅବସ୍ଥା ଅନୁମାନ କରାଯାଇପାରେ।

ବିଦେଶ ଗସ୍ତ କରିବେ ମମତା

ଅକ୍ସଫୋର୍ଡ ୟୁନିଭର୍ସିଟିରେ ଛାତ୍ରଙ୍କୁ ସମ୍ବୋଧିତ କରିବେ

କୋଲକାତା,୧୨।୩: ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଓ ତୃଣମୂଳ କଂଗ୍ରେସ ନେତା ମମତା ବାନାର୍ଜୀ ବିଦେଶ ଯିବାର ରାସ୍ତା ସଫା ହୋଇଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ମମତାଙ୍କୁ ଲଣ୍ଡନ ସ୍ଥିତ ଅକ୍ସଫୋର୍ଡ ୟୁନିଭର୍ସିଟିରେ ଲେକଚର ଦେବା ପାଇଁ ଔପଚାରିକ ଅନୁମତି ମିଳିଯାଇଛି। ସେ ଆସନ୍ତା ସପ୍ତାହରେ ଲଣ୍ଡନ ଗସ୍ତରେ ଯିବେ। ମମତା ବାନାର୍ଜୀ ହୋଲି ପରେ ୨୧ ମାର୍ଚ୍ଚରେ ଲଣ୍ଡନ ଯିବେ, ଯେଉଁଠି ସେ ଅକ୍ସଫୋର୍ଡ ୟୁନିଭର୍ସିଟିରେ ଛାତ୍ରଙ୍କୁ ସମ୍ବୋଧିତ କରିବେ। ମମତା ଗତ ବର୍ଷ କୋଲକାତା ସ୍ଥିତ ଏକ ଶୈକ୍ଷଣିକ ସଂସ୍ଥାନରେ ନିଜ ସମ୍ବୋଧନ ବେଳେ ଏହା ଘୋଷଣା କରିଥିଲେ। ସେ କହିଥିଲେ ଅକ୍ସଫୋର୍ଡ ୟୁନିଭର୍ସିଟି ଆଣ୍ଡ ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସ ପକ୍ଷରୁ ଭାଷଣ ଦେବା ପାଇଁ ନିମନ୍ତ୍ରଣ କରାଯାଇଛି। ରାଜ୍ୟ ପ୍ରଶାସନ ସୂତ୍ରରୁ କୁହାଯାଇଛି



ଯେ,ସିଏମ୍ ମମତା ବାନାର୍ଜୀଙ୍କୁ ଅକ୍ସଫୋର୍ଡ ୟୁନିଭର୍ସିଟି ପଶ୍ଚିମବଙ୍ଗରେ ନିଜର କାର୍ଯ୍ୟକାଳ ବେଳେ କରାଯାଇଥିବା ସାମାଜିକ କଲ୍ୟାଣ ପ୍ରୋଜେକ୍ଟ ବିଷୟରେ ନିମନ୍ତ୍ରିତ ହୋଇଛନ୍ତି। ସେ ଅକ୍ସଫୋର୍ଡରେ ୨୭ ମାର୍ଚ୍ଚରେ ଲେକଚର ଦେବେ। ଗତ ସପ୍ତାହ ରାଜ୍ୟ ସରକାରଙ୍କର ଜଣେ ବରିଷ୍ଠ ଅଧିକାରୀ କହିଥିଲେ, ମମତା ବାନାର୍ଜୀଙ୍କୁ ନିମନ୍ତ୍ରଣକୁ ସ୍ୱୀକାର କରିଛନ୍ତି। ଏହାପରେ ଲଣ୍ଡନରେ ଏକ ବିଜନେସ୍ କନକ୍ଲେଭ ଆୟୋଜିତ କରିପାରନ୍ତି। ମମତାଙ୍କୁ ନଭେମ୍ବର ୨୦୨୩ ରେ ପଶ୍ଚିମବଙ୍ଗ ଗ୍ଲୋବାଲ ବିଜନେସ୍ ସମିଟ୍ ବେଳେ ୟୁନିଭର୍ସିଟିର ପ୍ରି-ଭାଇସ୍ ଚାନସେଲର ଜୋନାଥନ ମିଚିଙ୍କ ପକ୍ଷରୁ ଦିଆଯାଇଥିବା ଲେକଚର ଦେବା ପାଇଁ ଆମନ୍ତ୍ରିତ କରାଯାଇଥିଲା।

ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୨୧ ମାର୍ଚ୍ଚରେ କୋଲକାତାରୁ ବିମାନ ଜରିଆରେ ଦୁବାଇ ପହଁଞ୍ଚିବେ। ଏହାପରେ ସେଠାରୁ ସେ ଲଣ୍ଡନ ଯିବେ। ଅକ୍ସଫୋର୍ଡରେ ଲେକଚର ଦେବା ବ୍ୟତୀତ ସିଏମ୍ ମମତା ଲଣ୍ଡନରେ

ଡବଲ୍ୟୁପିଏଲ୍ ୨୦୨୫

ଫାଇନାଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ



ମୁମ୍ବାଇ, ୧୨।୩: ଚଳିତ ଡବଲ୍ୟୁପିଏଲ୍‌ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୧୧ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରି ସମ୍ମାନର ସହ ବିଦାୟ ନେଇଛି। ଫଳରେ ମୁମ୍ବାଇ ଇଣ୍ଡିଆନ୍ସକୁ ସିଧାସଳଖ ଫାଇନାଲ୍ ଖେଳିବା ବାଟ ଛାଡ଼ିନାହିଁ ଆର୍‌ସିବି। ମୁମ୍ବାଇର ପରାଜୟ ଫଳରେ ଦିଲ୍ଲୀ କ୍ୟାପିଟାଲ୍ସ ଶୀର୍ଷରେ ରହି ଫାଇନାଲ୍ ଟିକେଟ୍ ପାଇଛି। ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜରାଟ ଜାଏଣ୍ଟ୍ସ ମଧ୍ୟରେ ଏଲିମିନେଟର୍ ଖେଳାଯିବା ପରେ ଦ୍ୱିତୀୟ ଫାଇନାଲିଷ୍ଟ ନିର୍ଣ୍ଣୟ ହେବ। ୧୩ ତାରିଖରେ ଏଲିମିନେଟର୍ ଓ ୧୫ ତାରିଖରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ। ମଙ୍ଗଳବାର ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବି ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ୍ ହରାଇ ୧୯୯ ରନ୍ ସଂଗ୍ରହ କରିଥିଲା। ସବିନେନି ମେଘନା (୧୩ ବଲ୍‌ରୁ ୨୬ ରନ୍), ସ୍ମୃତି ମନ୍ଧାନା (୩୭ ବଲ୍‌ରୁ ୫୩ ରନ୍), ଏଲିସ୍ ପେରି (୩୮ ବଲ୍‌ରୁ ୪୯* ରନ୍), ରିଚା ଘୋଷ (୨୨ ବଲ୍‌ରୁ ୩୬ ରନ୍) ଏବଂ ଜର୍ଜିଆ ୱାରହାମ (୧୦ ବଲ୍‌ରୁ ୩୧* ରନ୍) ଦ୍ରୁତ ରନ୍ ସଂଗ୍ରହ କରିବାରୁ ଗତ ଥରର ବିଜେତା ଆର୍‌ସିବି ଆହ୍ୱାନଭରା ସ୍କୋର୍ ଛିଡ଼ା କରିଥିଲା। ମାଥ୍ୟୁସ ୨ ୱିକେଟ୍ ନେଇଥିଲେ। ଜବାବରେ ନାଟ୍ ସ୍କିଭର ବ୍ରଣ୍ଟ ବିସ୍ଫୋରକ ଅର୍ଦ୍ଧଶତକ (୩୫ ବଲ୍‌ରୁ ୬୯ ରନ୍) ହାସଲ କରିଥିଲେ ମଧ୍ୟ ମୁମ୍ବାଇ ଇଣ୍ଡିଆନ୍ସ ବିଜୟ ଲକ୍ଷ୍ୟରେ ପହଞ୍ଚି ପାରିନଥିଲା। ତଥାପି ଲଡୁଆ ଜବାବ ଦେଇ ୧୮୮/୯ରେ ସୀମିତ ରହିଥିଲା। ପ୍ରଥମ ଓଭରରେ ଦୁଇଟି ୱିକେଟ୍ ସହ ସ୍ନେହା ରାଣା ୪-୦-୨୬-୩ର ବୋଲିଂ ଚିତ୍ର ପାଇଥିଲେ। ଗତଥରର ବିଜେତା ଆର୍‌ସିବି ଶେଷ ସ୍ଥାନ ଛାଡ଼ିବା ସହ ସାନ୍ତ୍ୱନାମୂଳକ ବିଜୟରେ ଅଭିଯାନ ଶେଷ କରିଛି।

ଚାମ୍ପିୟନ୍ସ ଟ୍ରଫି ପରେ ର‍ୟାଙ୍କିଙ୍ଗ୍ ପ୍ରକାଶ କଲା ଆଇସିସି

ଶୀର୍ଷ ସ୍ଥାନରେ ଶୁବମନ ଗିଲ

ନୂଆଦିଲ୍ଲୀ,୧୨।୩: ଆଇସିସି ବୁଧବାର ଅପଡେଟ୍ ର‍ୟାଙ୍କିଙ୍ଗ୍ ପ୍ରକାଶ କରିଛି। ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ୭୬ ରନର ଏକ ମ୍ୟାଚ ବିଜୟୀ ଇନିଂସ ଖେଳିଥିବା ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କୁ ର‍ୟାଙ୍କିଙ୍ଗ୍‌ରେ ଲାଭ ମିଳିଛି। ସେ ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି। ଶୁବମନ ଗିଲ ତାଙ୍କର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ତଥାପି, ବିରାଟ କୋହଲିଙ୍କ ର‍ୟାଙ୍କିଙ୍ଗ୍‌ରେ କ୍ଷତି ହୋଇଛି। ସ୍ପିନ ବୋଲର କୁଲଦୀପ ଯାଦବ ଏବଂ ରବିନ୍ଦ୍ର ଜାଡେଜା ମଧ୍ୟ ଶ୍ରେଷ୍ଠ ୧୦ ବୋଲରଙ୍କ ମଧ୍ୟରେ ସାମିଲ ହୋଇଛନ୍ତି।

ତୃତୀୟ ସ୍ଥାନକୁ ଗଲେ ରୋହିତ

କୋହଲି ଚତୁର୍ଥ ସ୍ଥାନରୁ ପଞ୍ଚମକୁ ଖସିଲେ

ଶୁବମନ ଗିଲ ୭୮୪ ରେଟିଂ ପଏଣ୍ଟ ସହିତ ତାଙ୍କର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ପାକିସ୍ତାନୀ ବ୍ୟାଟସମ୍ୟାନ ବାବର ଆଜମ ୭୭୦ ରେଟିଂ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ରୋହିତ ଶର୍ମା ଦୁଇଟି ସ୍ଥାନ ଉପରକୁ ଉଠି ପଞ୍ଚମ ସ୍ଥାନରୁ ତୃତୀୟ ସ୍ଥାନକୁ ଯାଇଛନ୍ତି। ତାଙ୍କୁ ଫାଇନାଲରେ ୭୬ ରନର ଇନିଂସ ଖେଳିବାର ଲାଭ ମିଳିଥିଲା। ଏହି ଇନିଂସ ପାଇଁ, ସେ ଫାଇନାଲରେ ପ୍ଲେୟାର ଅଫ ଦି ମ୍ୟାଚ ପୁରସ୍କାର ମଧ୍ୟ ପାଇଥିଲେ। ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ବିରାଟ କୋହଲି ୨ବଲରୁ ୧ ରନ କରି ଆଉଟ୍ ହୋଇଥିଲେ। କୋହଲି ଆଇସିସି ର‍ୟାଙ୍କିଙ୍ଗରେ ଗୋଟିଏ ସ୍ଥାନ ହରାଇଛନ୍ତି, ସେ ଚତୁର୍ଥ ସ୍ଥାନରୁ ପଞ୍ଚମ ସ୍ଥାନକୁ ଖସି ଆସିଛନ୍ତି। ତାଙ୍କର ୭୩୬ ରେଟିଂ ପଏଣ୍ଟ ରହିଛି।ଭାରତୀୟ ସ୍ପିନର କୁଲଦୀପ ଯାଦବଙ୍କୁ ମଧ୍ୟ। ଆଇସିସି ରାଙ୍କିଙ୍ଗରେ ଲାଭ ମିଳିଛି। ସେ ୬୫୦ ରେଟିଂ ପଏଣ୍ଟ ସହିତ ତିନି ସ୍ଥାନ ଉପରକୁ ଉଠି ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି। ପୂର୍ବରୁ ସେ ଷଷ୍ଠ ସ୍ଥାନରେ ଥିଲେ।

ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ପଦକୁ ରାହୁଲଙ୍କ ପ୍ରତ୍ୟାଖ୍ୟାନ



ନୂଆଦିଲ୍ଲୀ, ୧୨।୩: ଭାରତୀୟ କ୍ରିକେଟ୍ ଦଳର ଚାମ୍ପିଅନ୍ସ ଟ୍ରଫି ବିଜୟରେ ଉଲ୍ଲେଖନୀୟ ଅବଦାନ ରଖିଥିବା ୱିକେଟ୍‌ରକ୍ଷକ କେଏଲ୍ ରାହୁଲ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସର ନେତୃତ୍ୱ ନେବେନି। ଦଳ ପକ୍ଷରୁ ତାଙ୍କୁ ଅଧିନାୟକ ପଦ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ରାହୁଲ ଏହାକୁ ବିନମ୍ରତାର ସହ ପ୍ରତ୍ୟାଖ୍ୟାନ କରି ଦେଇଥିବା ଜଣାପଡ଼ିଛି। ରାହୁଲ ଗତ ତିନି ବର୍ଷ ହେବ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଦଳର ଅଧିନାୟକ ଦାୟିତ୍ୱ ତୁଲାଇ ଆସୁଥିଲେ। ହେଲେ ଲକ୍ଷ୍ନୌ ଚଳିତବର୍ଷର ମେଗା ନିଲାମ ପୂର୍ବରୁ ତାଙ୍କୁ ରିଟେନ୍ କରି ନଥିଲା। ଫଳରେ ଦିଲ୍ଲୀ କ୍ୟାପିଟାଲ୍ସ ରାହୁଲଙ୍କୁ ୧୪ କୋଟି ଟଙ୍କାରେ କିଣି ଥିଲା। ଏହାପରେ ଅଧିନାୟକ ହେବା ଲାଗି ରାହୁଲଙ୍କ ସହ ଆଲୋଚନା ଆରମ୍ଭ କରିଥିଲା। ତେବେ ଅଧିନାୟକ ହେବା ପରିବର୍ତ୍ତେ ଜଣେ ବରିଷ୍ଠ ଖେଳାଳିଭାବେ ଦଳର ବିଜୟରେ ପ୍ରମୁଖ ଭୂମିକା ତୁଲାଇବାକୁ ସେ ଚାହିବେ ବୋଲି ରାହୁଲ କହିଥିଲେ। ଯାହାକୁ ସମ୍ମାନ ଜଣାଇବାକୁ ଯାଇ ଦିଲ୍ଲୀ କ୍ୟାପିଟାଲ୍ସ ଅଲରାଉଣ୍ଡର୍ ଅକ୍ଷର ପଟେଲଙ୍କୁ ଅଧିନାୟକ କରିବାକୁ ଚିନ୍ତା କରୁଛି। ଅକ୍ଷର ସଂପ୍ରତି ଚମତ୍କାର ଫର୍ମରେ ରହିଥିଲା ବେଳେ ଭାରତର ଐତିହାସିକ ଚାମ୍ପିଅନ୍ସ ଟ୍ରଫି ବିଜୟରେ ସେ ମଧ୍ୟ ନିର୍ଣ୍ଣାୟକ ଭୂମିକା ନେଇଛନ୍ତି। ଗତ ଜାନୁଆରି-ଫେବ୍ରୁଆରିରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ୫ମ୍ୟାଚ୍ ବିଶିଷ୍ଟ ଟ୍ୱେନ୍ଟି-୨୦ ଶୃଙ୍ଖଳାରେ ଅକ୍ଷର ଉପଅଧିନାୟକ ଦାୟିତ୍ୱରେ ରହିଥିଲେ।

ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍

ଫାଇନାଲ୍‌କୁ ଯୋଗ୍ୟତା ଅର୍ଜନ କରିପାରିଲାନି ଭାରତ



ଲଣ୍ଡନ, ୧୨।୩: ଐତିହାସିକ ଲର୍ଡ୍ସ କ୍ରିକେଟ୍ ଗ୍ରାଉଣ୍ଡ୍ ଆଗାମୀ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍(୨୦୨୩/୨୫) ଫାଇନାଲ୍ ଆୟୋଜନ କରିବ। ଭାରତ ଏଥର ଫାଇନାଲ୍‌କୁ ଉନ୍ନୀତ ହୋଇପାରିନଥିବାରୁ ଲର୍ଡ୍ସକୁ କ୍ଷତି ସହିବାକୁ ପଡ଼ିଛି। ଆୟୋଜକ ପାଖିପାଖି ୪୫କୋଟି ଟଙ୍କା କ୍ଷତି ସହିଛନ୍ତି।

ସୂଚନାଯୋଗ୍ୟ, ତୃତୀୟ ସଂସ୍କରଣରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ଫାଇନାଲ୍‌କୁ ଉନ୍ନୀତ ହୋଇଛନ୍ତି। ଭାରତ ଏଥର ଫାଇନାଲ୍‌କୁ ଯୋଗ୍ୟତା ଅର୍ଜନ କରିପାରି ନଥିବାରୁ ଗ୍ୟାଲେରୀ ପୂର୍ଣ୍ଣ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ମେରିଲବନ କ୍ରିକେଟ୍ କ୍ଲବ୍(ଏମ୍‌ସିସି) ଫାଇନାଲ୍ ମ୍ୟାଚ୍ ପାଇଁ ବହୁ ପୂର୍ବରୁ ଟିକେଟ୍ ବିକ୍ରି କରିସାରିଥିଲା। ସିଜନ ଆରମ୍ଭରୁ ଭାରତ ପଏଣ୍ଟ ତାଲିକାର ପ୍ରଥମ ସ୍ଥାନରେ ରହି ଫାଇନାଲ୍‌ର ପ୍ରମୁଖ ଦାବିଦାର ରହିଥିଲା। ତେଣୁ ଭାରତ ଫାଇନାଲ୍‌କୁ ଉନ୍ନୀତ ହେବ ବୋଲି ଆଶା ରଖି ଆୟୋଜକ ୯୦ଯୁରୋରୁ ୧୪୦ ଯୁରୋ ରଖିଥିଲେ। ଭାରତୀୟ ଫ୍ୟାନ୍‌ମାନେ ମଧ୍ୟ ଟିକେଟ କିଣିସାରିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ୦-୩ରେ ଟେଷ୍ଟ ସିରିଜ ପରାଜିତ ହୋଇ ପଏଣ୍ଟ ତାଲିକାର ତୃତୀୟକୁ ଖସିଥିଲା। ଏହାପରେ ବର୍ଡର-ଗାଭାସ୍କର ଟ୍ରଫି ହାରିବା ସହ ଫାଇନାଲକୁ ଯୋଗ୍ୟତା ହରାଇବାରେ ବିଫଳ ହୋଇଥିଲା। ଫାଇନାଲ ମ୍ୟାଚ୍ ସମୟରେ ଦର୍ଶକ ଗ୍ୟାଲେରୀ ଖାଲି ପଡ଼ିବା ନିଶ୍ଚିତ ହୋଇଯାଇଥିଲା। ଫଳରେ ବାଧ ହୋଇ ଏମ୍‌ସିସି ଟିକେଟ୍ ମୂଲ୍ୟ ହ୍ରାସ କରିଛି। ୪୦ରୁ ୯୦ ଯୁରେ ମଧ୍ୟରେ ଟିକେଟ୍ ମୂଲ୍ୟ ସ୍ଥିର କରାଯାଇଛି ଓ ଟିକେଟ କ୍ରେତାଙ୍କୁ ବାକି ଅର୍ଥ ଫେରସ୍ତ କରାଯାଇଛି। ଏହି ବାବଦରେ ୫୦କୋଟି ଟଙ୍କାର କ୍ଷତି ହୋଇଛି। ଚଳିତ ମାସରେ ଫାଇନାଲ୍ ମ୍ୟାଚ୍‌ର ବାକି ଟିକେଟ୍ ବିକ୍ରି ହେବ।

ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗଦେଲେ ପାଣ୍ଡ୍ୟା
ପ୍ରଥମ ମ୍ୟାଚ୍ ଖେଳିବେନି



ମୁମ୍ବାଇ, ୧୨।୩: ଆଇସିସି ଚାମ୍ପିଅନ୍ସ ଟ୍ରଫି ବିଜୟ ପରେ ଭାରତୀୟ ଅଲରାଉଣ୍ଡର୍ ହାର୍ଦିକ ପାଣ୍ଡ୍ୟା ତୁରନ୍ତ ତାଙ୍କ ଆଇପିଏଲ୍ ଦଳ ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗ ଦେଇଛନ୍ତି। ହାର୍ଦିକଙ୍କୁ ନିଆରା ବାର୍ତ୍ତାରେ ସ୍ୱାଗତ କରିଛି ମୁମ୍ବାଇ ଇଣ୍ଡିଆନ୍ସ। 'ତୋପ ଆସି ପହଞ୍ଚିଗଲେ' ବୋଲି ସାମାଜିକ ଗଣମାଧ୍ୟମରେ ଲେଖିଛି ଏହି ୫ ଥର ବିଜେତା ଦଳ। ହାର୍ଦିକ ମଧ୍ୟ ଗତ ଦୁଇଟି ଆଇସିସି ଟ୍ରଫି ବିଜୟରେ ଭାରତୀୟ ଦଳର ପ୍ରମୁଖ ଅଂଶ ରହି ଆସିଛନ୍ତି। ହାର୍ଦିକ କିନ୍ତୁ ମୁମ୍ବାଇ ଇଣ୍ଡିଆନ୍ସର ପ୍ରଥମ ମ୍ୟାଚ୍ ଖେଳିବେ ନାହିଁ। ଗତବର୍ଷ ମୁମ୍ବାଇ ଇଣ୍ଡିଆନ୍ସର ଶେଷ ଲିଗ୍ ମ୍ୟାଚ୍‌ରେ ସ୍ଲୋ ଓଭର୍ ରେଟ୍ ପାଇଁ ଅଧିନାୟକ ଭାବେ ହାର୍ଦିକଙ୍କ ଉପରେ ଗୋଟିଏ ମ୍ୟାଚ୍ ନିଲମ୍ବନ ଲାଗୁ ରହିଛି। ୨୦୨୪ରେ ମୁମ୍ବାଇ ପ୍ଲେ ଅଫ୍ ଯୋଗ୍ୟତା ଅର୍ଜନ କରିପାରି ନଥିଲା। ତେଣୁ ହାର୍ଦିକ ମାର୍ଚ୍ଚ ୨୩ ତାରିଖରେ ମୁମ୍ବାଇ ଇଣ୍ଡିଆନ୍ସର ପ୍ରଥମ ମ୍ୟାଚ୍ (ବନାମ ଚେନ୍ନାଇ ସୁପର୍ କିଙ୍ଗ୍ସ)ରେ ଖେଳିବେ ନାହିଁ।

ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ହାର୍ଦିକ ୫ ମ୍ୟାଚ୍ ଖେଳି ୨୪.୭୫ ହାରରେ ୯୯ ରନ୍ ସଂଗ୍ରହ କରିବା ସହ ୫.୮୩ ହାରରେ ୪ ୱିକେଟ୍ ନେଇଥିଲେ। ୨୦୧୭ ଆଇସିସି ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ପାକିସ୍ତାନ ନିକଟରୁ ଭାରତ ହାରିଯାଇଥିଲା। ଏବେ ଏହାର ଭରଣା କରାଯାଇଥିବାରୁ ହାର୍ଦିକ ଖୁସି ବ୍ୟକ୍ତ କରିଛନ୍ତି। 'ମୋର ଏକ ଅଧୁରା ସ୍ୱପ୍ନ ସାକାର ହୋଇଛି। ଏଥି ପାଇଁ ୮ ବର୍ଷ ଅପେକ୍ଷା କରିବାକୁ ପଡ଼ିଲା। ଏହି ସମୟ ଭିତରେ ଜୀବନରେ ଅନେକ କିଛି ଘଟିଯାଇଛି। ତଥାପି ଏହି ସମୟ ମଧ୍ୟରେ ଭାରତ ପାଇଁ ଏକାଧିକ ଟ୍ରଫି ଜିତିବା ମୋ ପାଇଁ ବଡ଼ ଗୁରୁତ୍ୱପୂର୍ଣ୍ଣ' ବୋଲି ହାର୍ଦିକ ପ୍ରକାଶ କରିଛନ୍ତି। ଆଇପିଏଲ୍ ଖେଳ ଜୀବନରେ ହାର୍ଦିକ ୧୩୭ ମ୍ୟାଚ୍‌ରୁ ୧୦ ଅର୍ଦ୍ଧଶତକ ସହ ୨୫୨୫ ରନ୍ ସଂଗ୍ରହ କରିଛନ୍ତି। ୯.୦୯ ଇକୋନୋମିରେ ୬୪ ୱିକେଟ୍ ବି ଅକ୍ତିଆର କରିଛନ୍ତି।

କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା
୧୫ ମାସ ପରେ ଡବ୍ଲ୍ୟୁଏଫ୍‌ଆଇ ଉପରୁ ଉଠିଲା ବାସନ୍ଧ

ନୂଆଦିଲ୍ଲୀ, ୧୨।୩: ଭାରତୀୟ କୁସ୍ତି ସଂଘ (ଡବ୍ଲ୍ୟୁଏଫ୍‌ଆଇ) ଉପରୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ବାସନ୍ଧାଦେଶ ପ୍ରତ୍ୟାହୃତ କରିନେଇଛି। ଫଳରେ ନିର୍ବାଚିତ ଅଧିକାରୀମାନେ ସଂଘର ସମ୍ବିଧାନ ଆଧାରରେ ଏଥର କାର୍ଯ୍ୟ କରିବେ। ବ୍ରିଜଭୂଷଣ ସରଣ ସିଂଙ୍କ ନାମରେ ମହିଳା କୁସ୍ତିଯୋଦ୍ଧାମାନେ ଯୌନ ଶୋଷଣ ଅଭିଯୋଗ ଆଣିବା ପରେ ସେ ସଭାପତି ପଦରୁ ଅନ୍ତର ହୋଇଥିଲେ। ସଂଘର ନୂଆ ନିର୍ବାଚନ ହୋଇଥିଲା। ଏଥିରେ ବ୍ରିଜଭୂଷଣଙ୍କ ଏକାନ୍ତ ଅନୁଗତ ସଞ୍ଜୟ ସିଂ ନୂଆ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ନିର୍ବାଚନରେ ଅନିୟମିତତା ହେବା ଏବଂ ବ୍ରିଜଭୂଷଣଙ୍କ ଅନୁଗତମାନେ ନିର୍ବାଚିତ ହେବା ନେଇ କ୍ରୀଡ଼ାବିତମାନେ ବିରୋଧ କରିଥିଲେ। ଏହାପରେ କ୍ରୀଡ଼ା ମନ୍ତ୍ରଣାଳୟ ଡବ୍ଲ୍ୟୁଏଫ୍‌ଆଇ ଉପରେ ବାସନ୍ଧ ଲଗାଇଥିଲା। ଭାରତୀୟ ଅଲିମ୍ପିକ୍ସ ସଂଘ(ଆଇଓଏ) ଏହାର ପରିଚାଳନା ନିମନ୍ତେ ଏକ ଆଡ୍-ହକ କମିଟି ଗଠନ କରିଥିଲା। ୨୦୨୩ ଡିସେମ୍ବର ୨୧ ତାରିଖରେ ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ହୋଇଥିଲା। ୨୪ ତାରିଖରେ ବାସନ୍ଧାଦେଶ ଲାଗିଥିଲା। ୧୫ ମାସ ପରେ ଏହା ପ୍ରତ୍ୟାହୃତ ହୋଇଥିବାରୁ ସଭାପତି ସଞ୍ଜୟ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟକୁ ଧନ୍ୟବାଦ ଜଣାଇଛନ୍ତି। ଅମାନ ଆଗକୁ ଏସିଆନ୍ ଚାମ୍ପିଅନସିପ୍ ରହିଛି। ଡବ୍ଲ୍ୟୁଏଫ୍‌ଆଇ ଏଥିପାଇଁ ଦଳ ଚୟନ କରିବ।

ଟେଷ୍ଟ କ୍ରିକେଟ୍‌ର ୧୫୦ ବର୍ଷ ପୂର୍ତ୍ତି
ମେଲ୍‌ବର୍ଣ୍ଣରେ ଦିବାରାତ୍ର ଟେଷ୍ଟ୍ ଖେଳିବେ ଅଷ୍ଟ୍ରେଲିଆ-ଇଂଲଣ୍ଡ୍

ମେଲ୍‌ବର୍ଣ୍ଣ, ୧୨।୩: ଟେଷ୍ଟ୍ କ୍ରିକେଟ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରର ପ୍ରଥମ ମ୍ୟାଚ୍ ଅଷ୍ଟ୍ରେଲିଆ-ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ମେଲ୍‌ବର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡ (ଏମ୍‌ସିଜି)ରେ ୨୦୨୭ ମାର୍ଚ୍ଚ ୧୧ରୁ ୧୫ ପର୍ଯ୍ୟନ୍ତ ଦିବା-ରାତ୍ର ଭିତ୍ତିରେ ଖେଳାଯିବ ବୋଲି କ୍ରିକେଟ୍ ଅଷ୍ଟ୍ରେଲିଆ ମଙ୍ଗଳବାର ପ୍ରକାଶ କରିଛି। ଏମ୍‌ସିଜିରେ ୧୮୭୭ରେ ପ୍ରଥମ ଟେଷ୍ଟ୍ ମ୍ୟାଚ୍ ଖେଳାଯାଇଥିଲା। ଏହାର ଶତବାର୍ଷିକୀ ପୂର୍ତ୍ତି ଅବସରରେ ଅଷ୍ଟ୍ରେଲିଆ-ଇଂଲଣ୍ଡ ମଧ୍ୟରେ ମ୍ୟାଚ୍ ମଧ୍ୟ ସେହି ଏମ୍‌ସିଜିରେ ଆୟୋଜିତ ହୋଇଥିଲା। ଉଭୟ ମ୍ୟାଚ୍‌କୁ ଆୟୋଜକ ଦଳ ୪୫ ରନ୍‌ରେ ଜିତିଥିଲା। ତେବେ ୧୫୦ ବର୍ଷ ପୂର୍ତ୍ତି ଅବସରରେ ଖେଳାଯିବାକୁ ଥିବା ସ୍ୱତନ୍ତ୍ର ମ୍ୟାଚ୍ ମଧ୍ୟ ଫ୍ଲଡ୍ ଲାଇଟ୍‌ରେ ଖେଳାଯିବାକୁ ସ୍ଥିର ହୋଇଥିଲା ବେଳେ ୧ଲକ୍ଷ ଦର୍ଶକଙ୍କ ପାଇଁ ବ୍ୟବସ୍ଥା କରାଯାଇଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଏପ୍ରିଲ ପହିଲାରୁ...

୪୬ ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ। ଏହି ଦୁଇଟି ଯୋଜନା ଓଡ଼ିଶାରେ ସଂଯୁକ୍ତ ଭାବେ କାର୍ଯ୍ୟକାରୀ କରାଯିବ। ଉଭୟ ଯୋଜନା ପାଇଁ ହିତାଧିକାରୀଙ୍କୁ ଗୋଟିଏ କାର୍ଡ ଯୋଗାଇ ଦିଆଯିବ। କିନ୍ତୁ ବୟୋବନ୍ଦନା ଯୋଜନାରେ ହିତାଧିକାରୀମାନେ ସ୍ୱତନ୍ତ୍ର କାର୍ଡ ପାଇବେ। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ୬୭ ଲକ୍ଷ ୮୦ ହଜାରରୁ ଅଧିକ ପରିବାର ଉପକୃତ ହେବାକୁ ଥିବାବେଳେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୩୫ ଲକ୍ଷ ୮୪ ହଜାରରୁ ଅଧିକ ପରିବାର ଉପକୃତ ହେବେ। ସେହିପରି ୭୦ ବର୍ଷରୁ ଅଧିକ ବୟସର ଲୋକମାନଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ସାମିଲ କରାଯିବ। ସୂଚନାନୁଯାୟୀ, ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କ ସଂଖ୍ୟା ୨୩ ଲକ୍ଷ ୧୨ ହଜାର ୯୭୯। ତେବେ ଏମାନଙ୍କ ମଧ୍ୟରୁ ପ୍ରାୟ ୧୭ ଲକ୍ଷ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସାମିଲ ଥିବାରୁ ଅଧିକ ୬ ଲକ୍ଷ ହିତାଧିକାରୀ ଏହି ଯୋଜନା ସହ ଯୋଡ଼ିହେବେ। ଏହାଦ୍ୱାରା ରାଜ୍ୟର ସମୁଦାୟ ୩ କୋଟି ୫୨ ଲକ୍ଷ ଲୋକ ଉପକୃତ ହେବେ। ପ୍ରତ୍ୟେକ ପୁରୁଷ ହିତାଧିକାରୀଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଦିଆଯିବା ବେଳେ ପ୍ରତ୍ୟେକ ମହିଳା ହିତାଧିକାରୀଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ପ୍ରଦାନ କରାଯିବ। ଗୋଟିଏ ପରିବାରରେ ୭୦ ବର୍ଷରୁ ଅଧିକ ବୟସର ହିତାଧିକାରୀ ଥିଲେ, ପରିବାର ପ୍ରତି ଚିକିତ୍ସା ଖର୍ଚ୍ଚ ସର୍ବାଧିକ ୧୫ ଲକ୍ଷ ଟଙ୍କା ହେବ। ହିତାଧିକାରୀମାନେ ଦେଶର ୨୯ ହଜାରରୁ ଅଧିକ ସରକାରୀ ଓ ପଞ୍ଜୀକୃତ ବେସରକାରୀ ଡାକ୍ତରଖାନାରେ ଚିକିତ୍ସା ସୁବିଧା ପାଇପାରିବେ। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଆଇଟି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍ ଏବଂ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ବାଚସ୍ପତିଙ୍କ...

ବିଧାୟକମାନଙ୍କ ଏଭଳି ଆଚରଣ ପାଇଁ ସବୁ ମହଲରେ ନିନ୍ଦା କରାଗଲା। ପରେ ବିଧାନସଭା ପ୍ରେସ୍ ଗ୍ୟାଲେରୀରେ ସାମ୍ବାଦିକଙ୍କୁ ମୋବାଇଲ୍ ନେଇ ଯିବା ଉପରେ ପ୍ରତିବନ୍ଧକ ଲଗାଇଥିଲେ। ଆଜି ସକାଳେ ସାମ୍ବାଦିକମାନେ ବିଧାନସଭାରେ ପହଞ୍ଚିବା ପରେ ସେମାନଙ୍କୁ ଲଫାପା ଦିଆଯାଇଥିଲା। ସେମାନଙ୍କୁ ଉକ୍ତ ଲଫାପାରେ ଫୋନ୍ ରଖି ଭିତରକୁ ଯିବାକ

ବ୍ଲୁ ଷ୍ଟାର ଫାଉଣ୍ଡେସନ୍ ଓ ଆଇଟିଇଆର ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର

ଭୁବନେଶ୍ୱର, ୧୨।୩ (ସଂଚାର ବ୍ୟୁରୋ) : ଶିକ୍ଷା ଓ ଅନୁସନ୍ଧାନ ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ଓ ବ୍ଲୁ ଷ୍ଟାର ଫାଉଣ୍ଡେସନ୍ ମଧ୍ୟରେ ସୋମବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣା ଅନୁଯାୟୀ ଆଇଟିଇଆରରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଆର୍ଥିକ ଭାବେ ଦୁର୍ବଳ ମେଧାବୀ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇ ସେମାନଙ୍କୁ ବାର୍ଷିକ ୭୫,୦୦୦ ଟଙ୍କା ବୃତ୍ତି ହିସାବରେ ଦିଆଯିବ। ଏହି ଛାତ୍ରଛାତ୍ରୀଙ୍କୁ ଏହା ଆର୍ଥିକ ସାହାଯ୍ୟ, ପରାମର୍ଶ ଓ ଶିକ୍ଷାନବୀଶ ଭାବେ କାର୍ଯ୍ୟ କରିବାର ଅବକାଶ ତଥା ତାଲିମ ସୁବିଧା ଭାବେ ଉପଲବ୍ଧ ହେବ। ଛାତ୍ରଛାତ୍ରୀମାନେ ଅଧ୍ୟୟନର ପ୍ରଥମ ଅବା ଦ୍ୱିତୀୟ ବର୍ଷରେ ଏହି ସୁଯୋଗ ପାଇପାରିବେ।

ଏହି ବୁଝାମଣାପତ୍ରରେ ଆଇଟିଇଆରର ଡିନ୍ ପ୍ରଫେସର ପ୍ରଦୀପ କୁମାର ସାହୁ ଓ ବ୍ଲୁ ଷ୍ଟାର ଫାଉଣ୍ଡେସନ୍ ପକ୍ଷରୁ ଏହାର ଟ୍ରଷ୍ଟି ଶ୍ରୀମତି ସୁନୟନା ମୂର୍ତ୍ତୀ ସ୍ୱାକ୍ଷର କରିଥିଲେ। ଏହି ଅବସରରେ



ବ୍ଲୁ ଷ୍ଟାର ଫାଉଣ୍ଡେସନ୍‌ର ସିଏସ୍‌ଆର ମ୍ୟାନେଜର ଶ୍ରୀମତି ପ୍ରତିଭା ନାୟକ, ମ୍ୟାନେଜର କମର୍ସିଆଲ୍ (ଏୟାର କଣ୍ଡିସନିଂ ଡିଭିଜନ୍) ଶ୍ରୀ ଅରୁଣ ଜି. ଶେକରନ୍, କନ୍‌ସଲ୍‌ଟାଂଟ ଶ୍ରୀ ଏସ୍. କଲ୍ୟାଣ, ଆଇଟିଇଆରର ଆଡିସ୍‌ନାଲ୍ ଡିନ୍ (ପ୍ଲେସ୍‌ମେଣ୍ଟ) ଡ. ରାଜକୁମାର ହୋତା ଓ ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଡ. ସରୋଜ ଆଚାର୍ଯ୍ୟ ଉପସ୍ଥିତ ଥିଲେ।

ଭୁବନେଶ୍ୱରରୁ ଚୋରି ଅସ୍ତ୍ରରଙ୍ଗରେ ବିକ୍ରି

୪ ଗାଡ଼ି ଜବତ, ଲୁଟେରା ଗ୍ୟାଙ୍ଗ ଗିରଫ

କାକଟପୁର/ଅସ୍ତ୍ରରଙ୍ଗ, ୧୨।୩ (ସଂଚାର ବ୍ୟୁରୋ) : ଦୁଇ ଚକିଆ ଚଲାଉଥିଲେ ହୁସିଆର, ପାର୍କିଂ କରୁଥିଲେ ରୁହନ୍ତୁ ସତର୍କ ନଚେତ ହୋଇପାରେ ଚୋରି। ଠିକରେ ତାଲା ନ ପକାଇଲେ ଗାଡି ପାଇବା ହୋଇପାରେ ମୁସ୍କିଲ। କାରଣ ମାଡିଛନ୍ତି ବାଇକି ଚୋର ଗ୍ୟାଙ୍ଗ। ଭୁବନେଶ୍ୱରରୁ ଗାଡି ଚୋରିକରି ବିକ୍ରି କରୁଛନ୍ତି କାକଟପୁର, ଅସ୍ତ୍ରରଙ୍ଗରେ। ଇଞ୍ଜିନଠୁ ଟାୟାର, ମଡ଼ଗାର୍ଡ ଭଳି ପାର୍ଟସ ଖୋଲି ବିକ୍ରି କରୁଛନ୍ତି।

ଖବର ମୁତାବକ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତ୍ରରଙ୍ଗ ଥାନା ଅଞ୍ଚଳରେ ବୁଧବାର ପ୍ରତ୍ୟୁଷରୁ ଭୁବନେଶ୍ୱର କମିଶନରେଟ ପୁଲିସ ପଇଁତରା ମାରିବା ସହ ୪ଜଣ ଲୁଟେରାଙ୍କୁ ଧରିବା ସହିତ ୪ଟି ଦୁଇଚକିଆ ଗାଡି ଜବତ କରିଛି। ଭୁବନେଶ୍ୱର ସହର ହେଉ ଅବା ପୁରୀ ଜିଲ୍ଲାର ଭିଡ଼ ଭିତରେ ଏ ସବୁ କାରସାଦି କରି



ଗାଡି ପାର୍କିଂ ବେଳେ ରୁହନ୍ତୁ ସାବଧାନ

ଚୋରି କରୁଥିଲେ କାକଟପୁର ଓ ଅସ୍ତ୍ରରଙ୍ଗ ଅଞ୍ଚଳର କିଛି ଯୁବକ।

ବିଭିନ୍ନ ସ୍ଥାନରୁ ଚୋରି କରି କାକଟପୁର ଓ ଅସ୍ତ୍ରରଙ୍ଗ ଅଞ୍ଚଳରେ ବିକ୍ରି କରୁଥିଲେ। ଫଳରେ ଆପଣଙ୍କ ଗାଡି ଏବେ ଚୋରଙ୍କ ଟାର୍ଗେଟରେ। କେଉଁଠି କେଉଁ ସମୟରେ ଚୋରି ହେବାର ଆଶଙ୍କା ରହିଛି। କାରଣ ବୁଧବାର ସକାଳୁ କମିଶନରେଟ ପୁଲିସର ୨ଟି ଭ୍ୟାନ୍‌ରେ ୭ରୁ ଉର୍ଦ୍ଧ୍ୱ କର୍ମଚାରୀ କାକଟପୁର ଓ ଅସ୍ତ୍ରରଙ୍ଗ ଅଞ୍ଚଳରେ ଛାନଭିନ୍ ତଦନ୍ତ କରି ଚୋରି ବାଇକ ଜବତ କରିବା ସହ ସମ୍ପୃକ୍ତ ଲୁଟେରା ୪ଜଣକୁ ଅସ୍ତ୍ରରଙ୍ଗ ଥାନାରେ ଅଟକ ରଖି ଦୀର୍ଘ ସମୟ ପଚରା ଉଚରା ପରେ ପୁଲିସ ଥାନାଗାଡିରେ ଭୁବନେଶ୍ୱର ନେଇଥିଲେ। ଲୁଟେରାମାନେ ଫୋନ୍ ଓ ବାଇକ ଚୋରି କରିଥିଲେ। ଚୋରି ଗାଡିକୁ ଶସ୍ତାଦରରେ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତ୍ରରଙ୍ଗ ଅଞ୍ଚଳରେ ଗ୍ରାମାଞ୍ଚଳ ରେ ବିକ୍ରି କରୁଥିଲେ। ଗାଡିକୁ କିଣିବା ଯେତିକି ଦାମ୍ ମିଳିନଥାଏ, ଗାଡିର ପାର୍ଟସ ଖୋଲି ତାକୁ ବଜାରରେ ବିକ୍ରି କରି ଭଲ ଦାମ୍ କମାଇଥାନ୍ତି। ଲୁଟେରାମାନେ ଆଉ କେଉଁ ଘଟଣାରେ ସାମିଲ ଅଛନ୍ତି ତାହାର ତଦନ୍ତ ଜାରି ରହିଛି।

ଉଚ୍ଚ ନ୍ୟାୟାଳୟରେ ସରପଞ୍ଚ ଅଯୋଗ୍ୟ ଘୋଷିତ

କଣାସ, ୧୨।୩ (ସଂଚାର ବ୍ୟୁରୋ): କଣାସ ବ୍ଲକ ଦୋଛିଆଁ ଗ୍ରାମପଞ୍ଚାୟତ ସରପଞ୍ଚ ବନମାଳି ରାଉତଙ୍କୁ ମିଥ୍ୟା ସତ୍ୟପାଠ ଯୋଗୁଁ ଉଚ୍ଚ ନ୍ୟାୟାଳୟର ଅଯୋଗ୍ୟ ଘୋଷିତ କରିଛନ୍ତି। ୨୦୨୨ ପଞ୍ଚାୟତ ନିର୍ବାଚନ ବନମାଳି ରାଉତ ଦୋଛିଆଁ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ପ୍ରତିଦ୍ୱନ୍ଦ୍ୱି ପ୍ରଶାନ୍ତ ମଙ୍ଗରାଜ ସୂଚନା ଅଧିକାର ଆଇନ୍ ବଳରେ ଜାଣିବାକୁ ପାଇଥିଲେ, ସରପଞ୍ଚ ବନମାଳି କେତେକ ମିଥ୍ୟା ସତ୍ୟପାଠ ଦାଖଲ କରିଛନ୍ତି। ସେ ଏଥିନେଇ ପୁରୀ ଜିଲ୍ଲାପାଳଙ୍କ କୋର୍ଟରେ ଅଭିଯୋଗ ଆବେଦନ କରିଥିଲେ। ଅଭିଯୋଗକୁ ବିଚାର କରି ପୁରୀ ଜିଲ୍ଲାପାଳ ତାଙ୍କୁ ଅଯୋଗ୍ୟ ଘୋଷିତ କରିଥିଲେ। ଅଯୋଗ୍ୟ ଘୋଷିତ ହେବାପରେ ବନମାଳି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ତଳକୋର୍ଟର ନ୍ୟାୟକୁ କାୟମ ରଖି ବନମାଳିକୁ ଆଯୋଗ୍ୟ ଘୋଷିତ କରିଥିବା ଜଣାପଡ଼ିଛି।

ଗୋପୀନାଥପୁର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ ୨୧ରେ

କଣାସ, ୧୨।୩ (ସଂଚାର ବ୍ୟୁରୋ): କଣାସ ବ୍ଲକ ଗୋପିନାଥପୁର ଗ୍ରାମପଞ୍ଚାୟତ ସରପଞ୍ଚ ସୁକାନ୍ତୀ ବେହେରାଙ୍କ ବିରୁଦ୍ଧରେ ୱାର୍ଡସଭ୍ୟମାନେ ଆଣିଥିବା ଅନସ୍ଥା ପ୍ରସ୍ତାବ ଭୋଟ ଆସନ୍ତା ୨୧ତାରିଖ ଦିନ ପୁରୀ ଉପଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ୧୧ଟା ସମୟରେ ଅନସ୍ଥା ପ୍ରସ୍ତାବ ଭୋଟ ଅନୁଷ୍ଠିତ ହେବାପାଇଁ କଣାସ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ନିକଟକୁ ଏକ ପତ୍ର ଆସିଥିବା ଜଣାପଡ଼ିଛି। ଅନସ୍ଥା ପ୍ରସ୍ତାବ ଭୋଟରେ କଣାସ ତହସିଲଦାର ହେମାଂଶୁଶେଖର ଗିରି ଅଧ୍ୟକ୍ଷତା କରିବେ। ପ୍ରକାଶ ଥାଉକି ଗୋପିନାଥପୁର ପଞ୍ଚାୟତ ୧୧ଟି ୱାର୍ଡକୁ ନେଇ ଗଠିତ। ଗୋଟିଏ ୱାର୍ଡ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ଥିବାରୁ ସେହି ୱାର୍ଡମେମ୍ବର ନିର୍ବାଚିତ ହୋଇନାହିଁ। ୧୦ଜଣ ୱାର୍ଡମେମ୍ବର ମଧ୍ୟରୁ ନାୟବସରପଞ୍ଚ ସମେତ ୮ଜଣ ୱାର୍ଡମେମ୍ବର ଅନସ୍ଥା ପ୍ରସ୍ତାବ ଭୋଟ ହେବାପାଇଁ କିଛିଦିନ ତଳେ ପୁରୀ ଉପଜିଲ୍ଲାପାଳଙ୍କ ସମ୍ମୁଖରେ ଧାରଣାରେ ବସିଥିଲେ। ଉପଜିଲ୍ଲାପାଳ ଶୀଘ୍ର ଅନସ୍ଥା ପ୍ରସ୍ତାବ ଭୋଟ କରାଯିବ ବୋଲି ପ୍ରତିସୃତି ଦେବାରୁ ଧାରଣା ଦେଇଥିବା ୱାର୍ଡମେମ୍ବର ମାନେ ଧାରଣାରୁ ଉଠିଯାଇଥିଲେ।

ଚୋରାକାଠ ବୋଝେଇ ପିକଅପ ଜବତ



ବେତନଟୀ, ୧୨।୩ (ସଂଚାର ବ୍ୟୁରୋ): ବେତନଟୀ ବ୍ଲକ ବୈଁଶିଙ୍ଗା ଥାନା ପକ୍ଷରୁ ମଙ୍ଗଳବାର ରାତିରେ ପାଟ୍ରୋଲିଂ ସମୟରେ ଏକ ଚୋରାକାଠ ବୋଝେଇ ହୋଇଥିବା ପିକଅପକୁ ଜବତ କରି ବୁଧବାର ବେତନଟୀ ବନବିଭାଗକୁ ହସ୍ତାନ୍ତର କରିଛି। ସୂଚନା ଅନୁଯାଇ ବୈଁଶିଙ୍ଗା ଥାନା ପକ୍ଷରୁ ପାଟ୍ରୋଲିଂ ସମୟରେ ଅଁଳା ଠାରେ ଏକ ପିକଅପକୁ ଯାଞ୍ଚ ସମୟରେ ଡବ୍ଲୁ ବି ୩୩ ଏ ୨୩୬୦ ନମ୍ବର ବିଶିଷ୍ଟ ପିକଅପଟିରେ ଚୋରାକାଠ ବୋଝେଇ ହୋଇଥିବାରୁ ଗାଡିଟିକୁ ଜବତ କରିଥିଲା ବୈଁଶିଙ୍ଗା ପୁଲିସ। ଜବତ ଗାଡିଟିରେ ନିମକାଠ ୧୨ ଖଣ୍ଡ ୩୦ ସିସ୍ଟ, ଚୁଡ଼ା ୭ଖଣ୍ଡ, ୮ ସିସ୍ଟ କାଠ ବୋଝେଇ ହୋଇଥିଲା। ବୁଧବାର ଗାଡିଟିକୁ ବେତନଟୀ ବନବିଭାଗକୁ ହସ୍ତାନ୍ତର ପରେ ବନବିଭାଗ ପକ୍ଷରୁ କେଶ ନମ୍ବର ୫୦ ବି ୨୦୨୪/୨୫ ରେ ମାମଲା ରୁଜୁକରି ଗାଡିଟିକୁ କୋର୍ଟଚାଲାଣ କରିଛି ବେତନଟୀ ବନବିଭାଗ। ଗାଡି ଜବତ ସମୟରେ ପିକଅପ ଡ୍ରାଇଭର ଫେରାର ହୋଇଯାଇଥିବା ଖବର ମିଳିଛି।ଗାଡି ଜବତ ସମୟରେ ବେତନଟୀ ବନଅଧିକାରୀ ମନୱର ଖାଁ, ଫରେଷ୍ଟର ପ୍ରଶାନ୍ତ ସିଂ, ବୈଁଶିଙ୍ଗା ଫରେଷ୍ଟ ଗାର୍ଡ ଉତମ ଦାସ, ଯୁଗୋଳ ଫରେଷ୍ଟ ଗାର୍ଡ ଜୟନ୍ତି ପାତ୍ରଙ୍କ ସମେତ ଅନେକ ପାରା କର୍ମଚାରୀ ଉପସ୍ଥିତ ଥିଲେ।

ଷଷ୍ଠ ସନ୍ଧ୍ୟାରେ ପାଇକା ମହୋତ୍ସବ

ଦର୍ଶକଙ୍କୁ ଆକୃଷ୍ଟ କରୁଛି ବିଭିନ୍ନ ଷ୍ଟଲ୍



ମାର୍ଶାଘାଇ, ୧୨।୩ (ସଂଚାର ବ୍ୟୁରୋ) : ମାର୍ଶାଘାଇ ବ୍ଲକ ମଙ୍ଗରାଜପୁର ପୋତାରୀ ଖେଳ ପଡିଆରେ ଅନୁଷ୍ଠିତ ଦଶମ ବାର୍ଷିକ ପାଇକା ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ବୁଧବାର ମଞ୍ଚରେ ଆଧ୍ୟାତ୍ମିକ, ପୌରାଣିକ ଏବଂ ଆଧୁନିକତାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ଅରିଲୋ ଆଶ୍ରମର ଆଧ୍ୟାତ୍ମିକ ଗୁରୁ ବାବା ବଳିଆଙ୍କ ଆଶ୍ରିତ ପ୍ରବଚକ ଗୋପାଳ ଦାସଙ୍କ ଦ୍ୱାରା ଆଧ୍ୟାତ୍ମିକ ପ୍ରବଚନ କରାଯାଇଥିଲା । ମହାକୁମ୍ଭ ମେଳା ଗସ୍ତ ସମୟରେ ସେ ଉତ୍ତର ପ୍ରଦେଶରେ ନର୍ମଦା, ସରସ୍ୱତୀ ନଦୀକୁ ସ୍ଥାନୀୟ ଅଂଚଳରେ ପୂଜା କରୁଥାନ୍ତି ବୋଲି ଜାଣିବାକୁ ପାଇଥିଲେ ତେଣୁ ପାଇକା ନଦୀ କୁଳ ପୋତାରୀ ଗ୍ରାମରେ ପାଇକାନଦୀ ନାମରେ ମହୋତ୍ସବ ଆୟୋଜନ କରାଯାଇଥିବାରୁ ଆୟୋଜକ ଫ୍ରେଣ୍ଡସ ୟୁଥ କ୍ଲବର କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ। ଢେଙ୍କାନାଳର ମହାକାଳୀ ନାଟ୍ୟ ଗ୍ରୁପ ଦ୍ୱାରା ପୌରାଣିକ ଗୀତିନାଟ୍ୟ 'ଦୁର୍ଯ୍ୟୋଧନଙ୍କ ଜାନୁ ଭଙ୍ଗ' ଗୀତିନାଟ୍ୟ ପରିବେଷଣ । ଜଗତସିଂହପୁର ପାୟଲ ଡ୍ୟାନ୍ସ ଗ୍ରୁପ ଦ୍ୱାରା ଆଧୁନିକ ସଙ୍ଗୀତର ତାଳେ ତାଳେ କଳାକାରମାନେ ଡ୍ୟାନ୍ସ କରିଥିଲେ । ଅତିଥି ମାନେମଞ୍ଚ ନିକଟରେ ପହଂଚିବାରେ ବିଳମ୍ବ ହୋଇଥିବାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅଧାରେ ସଭାକାର୍ଯ୍ୟ କରାଯାଇଥିଲା । ମୁଖ୍ୟ ଅତିଥି ଭାବରେ ଭୁବନେଶ୍ୱରରେ ଲୋକସଭା ଆସନରେ ବିଜେଡି ପ୍ରାର୍ଥୀ ହୋଇଥିବା ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟ ଙ୍କ ପୁତ୍ର କ୍ୟାପଟେନ ମନ୍ମଥ ରାଉତରାୟ ଯୋଗଦେଇଥିଲେ । ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଯୁବନେତା ତଥା ଯାଦବ ମହାସଭାର ନୂତନ ସମ୍ପାଦକ ଚିତ୍ତରଞ୍ଜନ ଦାସ , ଭୁବନେଶ୍ୱର ଛାତ୍ରନେତା ରକିଭାଇ, ଟିକରପଙ୍ଗା ସମିତିସଭ୍ୟ ରାଜ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଫ୍ରେଣ୍ଡସ ୟୁଥ କ୍ଲବ ସଭାପତି ତଥା ଜିଲ୍ଲାପରିଷଦ ସଦସ୍ୟ ପ୍ରତାପ କୁମାର ମଲିକ ସଭାପତିତ୍ୱ କରିଥିଲେ ।

କିସ୍‌କୁ ବଦନାମ କରି ବନ୍ଦ କରିବା ଷଡ଼ଯନ୍ତ୍ର ବିରୋଧରେ ତାତିଲେ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୧୨।୩ (ସଂଚାର ବ୍ୟୁରୋ): କିସ୍‌କୁ ବାରମ୍ବାର ବଦନାମ କରି ବନ୍ଦ କରିବା ପାଇଁ ନିର୍ଦ୍ଦିଷ୍ଟ ଟିଭି ଚ୍ୟାନେଲ୍ ଚଳାଇଥିବା ଷଡ଼ଯନ୍ତ୍ର ବିରୋଧରେ କିସ୍‌ର ପୁରାତନ, ବର୍ତ୍ତମାନର ଛାତ୍ରଛାତ୍ରୀ ସଂଘ ଆଗକୁ ଆସିଛନ୍ତି । ଆଜି ଏ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଛାତ୍ରଛାତ୍ରୀମାନେ କହିଛନ୍ତି କିଟ୍ ବିଶ୍ୱବିଦ୍ୟାଳୟରେ ଘଟିଥିବା ଅଭାବନୀୟ ଘଟଣା ପ୍ରସଙ୍ଗ ଛାଡ଼ି ଏବେ ଏହି ଟିଭି ଚ୍ୟାନେଲ୍ କିସ୍ ପଛରେ ଲାଗିଛନ୍ତି । ଦୀର୍ଘ ୨୨ ଦିନ କାଳ ଏଭଳି ନକାରତ୍ମକ ସମ୍ବାଦ ପରିବେଷଣକୁ ସମସ୍ତ ସଂଘ ବିରୋଧ କରିବା ସହ ଘୋର ନିନ୍ଦା କରିଛନ୍ତି। କୌଣସି କାରଣ ନଥାଇ, କିସ୍‌କୁ ଆକ୍ରମଣ କରିବା କେତେଦୂର ଯୁକ୍ତିଯୁକ୍ତ ? କିଟ୍ ହେଉଛି ଆମର ଭାତହାଣ୍ଡି, ଆମର ହୃତପିଣ୍ଡ। ଦୁଇଟି ଟିଭି ଚ୍ୟାନେଲ୍ କିସ୍‌କୁ ବଦନାମ କରିଚାଲିଛନ୍ତି । କିସ୍ ଏବେ ଇଜି ଟାର୍ଗେଟ ହୋଇଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି ।

୪୦ ହଜାର ଆଦିବାସୀ ଛାତ୍ରଛାତ୍ରୀ ଏଠାରୁ ପାଠ ପଢ଼ିସାରିଲେଣି, ଆଉ ୪୦ ହଜାର ଛାତ୍ରଛାତ୍ରୀ ଏବେ ପାଠ ପଢୁଛନ୍ତି । ଯେଉଁଭଳି ଭାବେ ନିର୍ଦ୍ଦିଷ୍ଟ ଦୁଇଟି ଟିଭି ଚ୍ୟାନେଲ୍ କିସ ଓ ଏହାର ଛାତ୍ରଛାତ୍ରୀଙ୍କୁ ମାନସିକ ନିର୍ଯାତନା ଦେଉଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ।

ଏଭଳି ହୀନ ଖବର ପ୍ରସାରଣ ବନ୍ଦ କରିବା ସହ ନିସର୍ତ୍ତ କ୍ଷମା ନ ମାଗନ୍ତି, ତେବେ ଖୁବ୍ ଶୀଘ୍ର ୪୦ ହଜାର କିସ୍ ପିଲା ସଂପୃକ୍ତ ଟିଭି ଚ୍ୟାନେଲ ଅଫିସ ଘେରାଉ କରିବେ । ଏହା ସହ ଓଡ଼ିଶା ସମେତ ୧୫ଟି ରାଜ୍ୟରୁ କିସ୍‌ରେ ଥିବା ୮୦ ହଜାର କିସ୍ ପିଲା ଓ ତାଙ୍କ ସହ ଜଡ଼ିତ ୮ଲକ୍ଷ ଆଦିବାସୀ ପରିବାର ୧୫ଟି ରାଜ୍ୟରେ ଟିଭି ଚ୍ୟାନେଲ ଓ ମାଲିକଙ୍କ ବିରୋଧରେ ଆନ୍ଦୋଳନ କରିବେ ଏବଂ ସଂପୃକ୍ତ ଚ୍ୟାନେଲ ସମସ୍ତ ରିପୋର୍ଟରଙ୍କୁ ସବୁଠି ବିରୋଧ କରିବେ ବୋଲି କହିଛନ୍ତି ।

ପ୍ରଧାନ ଡାକଘରେ ୩ଦିନ ହେଲା ଲିଙ୍କ୍ ଫେଲ, ଗ୍ରାହକ ହନ୍ତସନ୍ତ

ବାରିପଦା, ୧୨।୩ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ପ୍ରଧାନ ଡାକଘର କାର୍ଯ୍ୟାଳୟରେ ୩ ଦିନ ହେଲା ଲିଙ୍କ୍ ଫେଲ୍ ହୋଇଯାଇଛି। ମାର୍ଚ୍ଚ ମାସରେ ସମସ୍ତେ ପୋଷ୍ଟ ଅଫିସରେ ନିଜର ଫିକ୍ସ ଡିପୋଜିଟ, ଉଠାଣ, ରେଜେଷ୍ଟ୍ରି, ସୁକନ୍ୟା ଯୋଜନା ଡିପୋଜିଟ ଏବଂ ପୋଷ୍ଟାଲର ବିଭିନ୍ନ ସଂରକ୍ଷିତ ଡିପୋଜିଟ୍ ଆରଡ଼ି ଇତ୍ୟାଦି ଇଣ୍ଟରନେଟ ଫେଲ ଯୋଗୁଁ କରି ପାରୁ ନାହାନ୍ତି। ଦୈନିକ ଶହ ଶହ ପାଖାପାଖି ଗ୍ରାମାଞ୍ଚଳ ଓ ସହରାଞ୍ଚଳରୁ ଗ୍ରାହକ ପ୍ରବଳ ଗରମ ସତ୍ତ୍ୱେ ଆସି ନିଜ କାମ ନ କରି ପାରି ମନ ଦୁଃଖ ଓ ଅଶାନ୍ତିରେ ଫେରୁଛନ୍ତି ।

ସାଧାରଣତଃ ଡାକଘର ଉପରେ ଗ୍ରାମାଞ୍ଚଳ ଲୋକେ ବେଶି ନିର୍ଭରଶୀଳ। ଏ ନେଇ ପୋଷ୍ଟ ଅଫିସର ଅଧିକାରୀଙ୍କୁ ପଚାରିଲେ କହୁଛନ୍ତି ଲିଙ୍କ୍ ଆସିଲେ ଆମେ ଆପଣଙ୍କର କାମ କରିଦେବୁ। କେନ୍ଦ୍ରୀୟ କାର୍ଯ୍ୟାଳୟରେ ଯଦି ଏଭଳି ଅବ୍ୟବସ୍ଥା ହୁଏ ତାହାହେଲେ ଲୋକେ କ'ଣ କରିବେ? ତେଣୁ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହାର ସମାଧାନ ପାଇଁ ସାଧାରଣରେ ଦାବି ହେଉଛି ।

ସ୍ୱର୍ଣଚୂଡ ଯୁବ ମହୋତ୍ସବ ଉଦ୍‌ଘାଟିତ

ଯୁବଶକ୍ତି ଦେଶର ମେରୁଦଣ୍ଡ

ନୀଳଗିରି, ୧୨।୩ (ସଂଚାର ବ୍ୟୁରୋ): ନୀଳଗିରି ମାଟିର ସର୍ବବୃହତ ତଥା ପ୍ରତିଷ୍ଠିତ ମହୋତ୍ସବ ସ୍ୱର୍ଣଚୁଡ ଯୁବମହୋତ୍ସବ ୨୦୨୫ ଏକ ବର୍ଣ୍ଣାଢ୍ୟ ସନ୍ଧ୍ୟାରେ କେ.ସି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ସବ୍ୟସାଚୀ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ସନ୍ଧ୍ୟାରେ ଚାନ୍ଦିପୁର ଡିଆରଡିଓର ନିର୍ଦେଶକ ସୁବୋଧ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବଶକ୍ତି ଦେଶର ମେରୁଦଣ୍ଡ କହିବା ସହିତ ଏକ ସଶକ୍ତ ଯୁବପୀଢ଼ି ସମାଜଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ଉଦବୋଧନ ଦେଇଥିଲେ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଅତିଥି ଆହ୍ୱାନ ସହିତ ସ୍ୱାଗତ ସଙ୍ଗୀତର ମୂର୍ଚ୍ଛନାରେ ଜଗତରନାଥ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପାଞ୍ଜଳି ପ୍ରଦାନ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ସାଂସ୍କୃତିକ ସନ୍ଧ୍ୟାରେ ବିଶିଷ୍ଟ ଅତିଥି ପିଏଚ୍ଡ଼ଇ ଚାନ୍ଦିପୁରର କର୍ଣ୍ଣେଲ ଗୁଣାକର ବାରିକ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ପାଇଁ ନୀଳଗିରି ଯୁବସମାଜକୁ ଧନ୍ୟବାଦ ଦେବା ସହ ଆଗାମୀ ପିଢ଼ିକୁ ଦିଗ୍‌ଦର୍ଶନ ଦେବ ବୋଲି ବକ୍ତବ୍ୟ ରଖିଥିଲେ। ନୀଳଗିରିର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ରତ୍ନାକର ଟାଉନ ହାଇସ୍କୁଲର ପ୍ରଧାନଶିକ୍ଷକ ବିନୋଦବିହାରୀ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଦୈନିକ ଖବରକାଗଜ ସମାଜ ନୀଳଗିରି ପ୍ରତିନିଧି ଅତୁଲ କୁମାର ସ ଯୋଗଦେଇଥିଲେ। ଏହି



ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଶାର ଲବ୍ଧପ୍ରତିଷ୍ଠିତ ଗାୟକ, କଳାକାର ଯୋଗଦେଇ ଉତ୍ସବକୁ ରଙ୍ଗୀନ କରିଥିବା ବେଳେ ସ୍ଥାନୀୟ ଛୋଟଛୋଟ ନୃତ୍ୟଶିଳ୍ପୀ, କଣ୍ଠଶିଳ୍ପୀ ପ୍ରମୁଖ ଯୋଗଦେଇ ସେମାନଙ୍କର କଳାନୈପୂର୍ଣ୍ଣ ପ୍ରଦର୍ଶନ କରିଥିଲେ। ପରେ କମିଟି ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

ବିବାହ ଉତ୍ସବକୁ ସ୍ମରଣୀୟ କରିବାକୁ ଦମ୍ପତିଙ୍କ ନିଆରା ପ୍ରୟାସ

ଅତିଥିଙ୍କୁ ଦେଲେ ଗଛ ଉପହାର

କାକଟପୁର/ଅସ୍ତ୍ରରଙ୍ଗ, ୧୨।୩ (ସଂଚାର ବ୍ୟୁରୋ): ବିବାହ ଉତ୍ସବକୁ ସ୍ମରଣୀୟ କରିବାକୁ ସବୁ ଦମ୍ପତି ଚାହିଁଥାନ୍ତି। ଏଥିପାଇଁ

ବିଜୁଙ୍କୁ ଅସମ୍ମାନ ପ୍ରସଙ୍ଗରେ ବିଜେଡି-ବିଜେପି ମୁହାଁମୁହିଁ

ପ୍ରବାଦପୁରୁଷଙ୍କ ସ୍ମୃତି ନଷ୍ଟ ପାଇଁ ଷଡ଼ଯନ୍ତ୍ର: ବିଜେଡି

ପ୍ରକୃତ ବିଜୁପ୍ରେମୀ କିଏ ଖୋଜିବାକୁ ପଡ଼ିବ: ରବି ନାୟକ



ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ଆଜି ବିଧାନସଭାରେ ମୁଲତବୀ ଆଲୋଚନାରେ ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ ପ୍ରସଙ୍ଗକୁ ନେଇ ମୁହାଁମୁହିଁ ହୋଇଛନ୍ତି ବିଜେଡି ଓ କଂଗ୍ରେସ। ବିଜୁବାବୁଙ୍କ ସ୍ମୃତି ମଳିନ କରିବାକୁ ରାଜ୍ୟ ସରକାର ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ କରି ବିଜେଡି ବିଧାୟକମାନେ ବିଜେପି ଉପରେ ବର୍ଷିଥିବା ବେଳେ ଶାସକ ଦଳର ବିଧାୟକମାନେ ଏହାର କଡ଼ା ଜବାବ ଦେଇଛନ୍ତି।

କାହିଁକି ବିଜୁ ଜୟନ୍ତୀରେ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ କରାଗଲାନାହିଁ, ସେନେଇ ସରକାରଙ୍କୁ ପ୍ରଶ୍ନ ଘେରରେ ଛନ୍ଦିବାକୁ ଚେଷ୍ଟା କରିଥିଲା ବିଜେଡି। ଆଜି ଏ ସମ୍ପର୍କରେ ଏକ ମୁଲତବୀ ପ୍ରସ୍ତାବ ଆଣି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି ଯେ ଝଡ଼ର ଇଗଲ ଆଖ୍ୟା ପାଇଥିବା ବିଜୁ ପଟ୍ଟନାୟକ କେବଳ ପୂର୍ବତନ ମୁଖ୍ୟମନ୍ତ୍ରୀ ନୁହଁନ୍ତି, ସେ ଜଣେ ସ୍ୱାଧୀନତା ସଂଗ୍ରାମୀ। ବିଜେପି ସରକାରୀ ଡାଏରୀରେ ବି ମାର୍ଚ୍ଚ ୫କୁ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ଭାବେ ସ୍ଥାନ ଦେଇ ଛୁଟି ଘୋଷଣା କରିଥିଲା। ହେଲେ ବିଜୁ ଜୟନ୍ତୀରେ ୨ ଦିନ ପୂର୍ବରୁ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନକୁ ବନ୍ଦ କଲେ ସରକାର। ବରିଷ୍ଠ ବିଜେଡି ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ୧୯୯୩ରୁ ବିଜୁ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ଭାବେ ପାଳିତ ହୋଇଆସୁଥିଲା। ମେଣ୍ଟ ସରକାର ସମୟରେ ବିଜେପି ବି ଏହାକୁ ମାନିନେଇଥିଲା। ହେଲେ ବର୍ତମାନର ବିଜେପି ସରକାର ବିଜୁ ସ୍ମୃତିକୁ ନଷ୍ଟ କରିବାକୁ ଯେଉଁ ଷଡ଼ଯନ୍ତ୍ର କରିଛନ୍ତି, ତାହା ନିନ୍ଦନୀୟ। ଛୁଟି ଘୋଷଣା ନ କଲେ ବି ତାଙ୍କ ଜନ୍ମଦିନରେ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ହେଉ ବୋଲି ସେ ଦାବି କରିଛନ୍ତି। ବିଜୁଙ୍କୁ ନେଇ ବିଜେଡି ଆକ୍ଷେପର ଜବାବ ଦେଇଥିଲେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ଓ ଅନ୍ୟ ବିଜେପି ବିଧାୟକ। ଶ୍ରୀ ନାଏକ କହିଥିଲେ ଯେ ବିଜୁ ଜୟନ୍ତୀ ପାଳନ ନେଇ ବିରୋଧୀ ଦଳ ନେତା ତଥା ବିଜୁବାବୁଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ପରାମର୍ଶ ଦେବା କଥା। କିନ୍ତୁ ପରାମର୍ଶ ନଦେଇ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ କି ବିଧାନସଭା ବିଜୁ ଜୟନ୍ତୀ କାର୍ଯ୍ୟକ୍ରମକୁ ବି ସେ ଆସିଲେନି। ଆଜି ଗୃହରେ ତାଙ୍କ ଦଳ ମୁଲତବୀ ଆଲୋଚନା କରୁଛି, କିନ୍ତୁ ନବୀନ ଅନୁପସ୍ଥିତ ଅଛନ୍ତି। ତେଣୁ ବିଜୁପ୍ରେମୀ କିଏ ତାହା ଖୋଜିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଏଥିସହ ବିଜୁବାବୁଙ୍କ ପ୍ରତି ବିରୋଧୀ ଦଳର ଆବେଗ ଅଛି, ହେଲେ ସ୍ପଷ୍ଟତା ନାହିଁ। ଶଙ୍ଖ ଭବନରେ ବିଜୁଙ୍କର କିଛି ସ୍ମୃତି ନାହିଁ। ଯେଉଁମାନେ ବିଜୁଙ୍କ ଦାୟାଦ ନୁହଁନ୍ତି ସେମାନେ ବାଘ ଛାଲ ପିନ୍ଧି ବାଘ ହେବାର ଅଭିନୟ କରୁଛନ୍ତି। ୨୦୧୨ରୁ ଏପ୍ରିଲ ୨୪ ତାରିଖକୁ ଜାତୀୟ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରାଯାଇଆସୁଛି। ଜାତୀୟ ପଞ୍ଚାୟତିରାଜ ଦିବସକୁ ସ୍ମରଣୀୟ କରିବା ପାଇଁ ରାଜ୍ୟରେ ଭିନ୍ନ ଭିନ୍ନ ସମୟରେ ପଞ୍ଚାୟତିରାଜ ଦିବସ ପାଳନ ନକରି ଏପ୍ରିଲ ୨୪ରେ ଜାତୀୟ ପଞ୍ଚାୟତିରାଜ ଦିବସ ସହ ରାଜ୍ୟରେ ପଞ୍ଚାୟତିରାଜ ଦିବସ ପାଳନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ସରକାର ବରେଣ୍ୟ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜନ୍ମତିଥିକୁ ମହାଆଡ଼ମ୍ବର ସହକାରେ ପାଳନ ମଧ୍ୟ କରିଥିବା ଶ୍ରୀ ନାଏକ କହିଛନ୍ତି।

ଅନୁପ୍ରବେଶକାରୀଙ୍କୁ ଡିଜିପିଙ୍କ ନା'


- ଜଳପଥରେ ଉଡ଼ିବ ଡ୍ରୋନ୍
- ଗଳାବାଟରେ ସର୍ଭେଲାନ୍ସ କଡ଼ାକଡ଼ି



ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ଜଳପଥରେ ଏରିଏଲ ସର୍ଭେ କରିବ ଡ୍ରୋନ୍। ଫିସିଙ୍ଗ ଟ୍ରେନିଂ ସେଣ୍ଟର ଉପରେ ରହିବ କଡ଼ା ନଜର। ଟ୍ରେନ ଜରିଆରେ ଅନୁପ୍ରବେଶ ଉପରେ ରହିଛି ସର୍ଭେଲାନ୍ସ। ସମସ୍ତ ସୀମାବର୍ତ୍ତୀ ଜିଲ୍ଲାରେ ଆଲର୍ଟ ରହିବାକୁ ଡିଜିପି ୱାଇବି ଖୁରାନିଆଙ୍କ ନିର୍ଦ୍ଦେଶ। ଜଳପଥରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବ। ସମୁଦ୍ର ପଥରେ ବନ୍ଦ ହେବ ଅନୁପ୍ରବେଶ। ଏନେଇ ପ୍ରସ୍ତୁତି ଆରମ୍ଭ କରିଛି ଓଡ଼ିଶା ପୁଲିସ। ଉପକୂଳରେ ପାଟ୍ରୋଲିଂ ପାଇଁ ଅଭିଜ୍ଞ ଅବସରପ୍ରାପ୍ତ ନୌସେନା ଅଧିକାରୀଙ୍କୁ ନିଯୁକ୍ତି ମିଳିବ। ସୂଚନାଯୋଗ୍ୟ ଯେ ରାଜ୍ୟରେ ୪୮୦ କିଲୋମିଟର ସମୁଦ୍ର ଉପକୂଳରେ ୧୮ଟି ମେରାଇନ ଥାନା ରହିଛି। ବର୍ତ୍ତମାନ ପାଟ୍ରୋଲିଂ ପାଇଁ ୧୫ଟି ବୋଟ ରହିଛି। ୧୦ଟି ନୂଆ ଫିସିଙ୍ଗ୍ କ୍ରାଫ୍ଟ ପାଇଁ ରାଜ୍ୟ ସରକାରଙ୍କ ସହ ଆଲୋଚନା ହୋଇଛି। ଖୁବଶୀଘ୍ର ଇଣ୍ଟରସେପ୍ଟର ବୋଟ୍ ମଧ୍ୟ ତଟରକ୍ଷା ପାଇଁ ବ୍ୟବହାର କରାଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି।ଅନୁପ୍ରବେଶକାରୀଙ୍କ ଉପରେ ଓଡ଼ିଶା ପୁଲିସର ରହିଛି କଡ଼ା ନଜର। କିଛିଦିନ ତଳେ ଭୁବନେଶ୍ୱର ରେଳ ଷ୍ଟେସନରୁ ୧୦ ଜଣ ବାଂଲାଦେଶୀ ଗିରଫ ହେବା ପରେ ସ୍ପେଶାଲ ଡ୍ରାଇଭକୁ ଆହୁରି ବ୍ୟାପକ କରାଯାଇଛି। ଟ୍ରେନ ଯୋଗେ ରାଜ୍ୟ ବାହାରୁ ଆସୁଥିବା ବାଂଲାଦେଶୀଙ୍କ ଉପରେ ସ୍ପେଶାଲ ସର୍ଭେଲାନ୍ସ ରହିଛି। ବିନା ପାସପୋର୍ଟ ଓ ଭିସାରେ ପ୍ରବେଶ କରି ରାଜଧାନୀ ଆଖପାଖରେ ଆସି ଡେରା ପକାଉଥିବା ଅନୁପ୍ରବେଶକାରୀ ଏବେ ପୁଲିସ ସ୍କାନରରେ। ସୀମାବର୍ତ୍ତୀ ଜିଲ୍ଲାମାନଙ୍କରେ ପାଟ୍ରୋଲିଂକୁ ବ୍ୟାପକ କରିବା ସହ ଛଦ୍ମବେଶୀଙ୍କୁ ସ୍କାନରରେ ରଖିବା ପାଇଁ ସମସ୍ତ ଜିଲ୍ଲାର ଏସପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରୀ ଖୁରାନିଆ କହିଛନ୍ତି। ତାଙ୍କ କହିବାନୁସାରେ, ଅନୁପ୍ରବେଶ ଦ୍ୱାରା ଦେଶର ଅର୍ଥନୀତି ଉପରେ ବ୍ୟାକ କୁପ୍ରଭାବ ପଡୁଛି। ସେହିପରି ନିଶା କାରବାର, ବନ୍ଧୁକ ଚାଲାଣ, ଜାଲ ନୋଟ ବ୍ୟବହାର ଆଦି ଅପରାଧ ମଧ୍ୟ ବାଂଲାଦେଶୀଙ୍କ ଯୋଗୁଁ ବଢୁଥିବାରୁ ସେମାନଙ୍କ ଅନୁପ୍ରବେଶ ରୋକିବା ସକାଶେ ଓଡ଼ିଶା ପୁଲିସ୍ ପକ୍ଷରୁ ବୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି ବୋଲି ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି।

ହୋମଗାର୍ଡ ହେବାକୁ ଉଚ୍ଚଶିକ୍ଷିତଙ୍କ ଆବେଦନ

୧୦୭ ପଦବୀ ପାଇଁ ଆବେଦନ କଲେଣି ୯ ହଜାରରୁ ଅଧିକ



ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ହୋମଗାର୍ଡ ଚାକିରି ପାଇଁ ଉଚ୍ଚଶିକ୍ଷିତ ହାଉଜାଉ ହେଉଛନ୍ତି। ରାଉରକେଲା ପୁଲିସ ଜିଲ୍ଲାରେ ୧୦୭ଟି ହୋମଗାର୍ଡ ପଦବୀରେ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିବା ବେଳେ ଇତିମଧ୍ୟରେ ଆବେଦନକାରୀଙ୍କ ସଂଖ୍ୟା ୯ ହଜାର ଅତିକ୍ରମ କରିଗଲାଣି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଆବେଦନକାରୀଙ୍କ ମଧ୍ୟରେ ରହିଛନ୍ତି ବିଟେକ୍, ଏମ୍‌ଟେକ୍ ଏବଂ ଏମସିଏ କରିଥିବା ପିଲା। ତେବେ ହୋମଗାର୍ଡ ଚାକିରି ପାଇଁ ଉଚ୍ଚଶିକ୍ଷିତ ପିଲାଙ୍କ ମଧ୍ୟରେ ଏଭଳି ପ୍ରତିଯୋଗିତାକୁ ନେଇ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇଛି। ଉଚ୍ଚଶିକ୍ଷିତ ପିଲାଙ୍କ ରେସ୍ ଲାଗିଛି ହୋମଗାର୍ଡ ଚାକିରି ପାଇଁ। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ, ଆବେଦନକାରୀଙ୍କ ମଧ୍ୟରେ କିଏ କିଏ ବିଟେକ୍ ଓ ଏମଟେକ୍ କରିଛନ୍ତି ତ କିଏ ଏମସିଏ ଏବଂ ଡିଗ୍ରୀ। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପ୍ରାଇଭେଟ୍ କଲେଜରେ ପାଠ ପଢ଼ି ବି ପିଲା ଧାଇଁ ଆସିଛନ୍ତି ହୋମଗାର୍ଡ ହେବା ଆଶାରେ । ପୋଷ୍ଟ ୧୦୭ଟାକୁ ଆବେଦନ ଟପିଲାଣି ୯ ହଜାର। ଆଜି ଆବେଦନର ଶେଷ ତାରିଖରେ ରାଉରକେଲା ରିଜର୍ଭ ଲାଇନରେ ଜମିଛି ଚାକିରି ଆଶାୟୀଙ୍କ ଭିଡ଼। ରାଉରକେଲା ପୁଲିସ ଜିଲ୍ଲା ଗୃହରକ୍ଷୀ ସଂଗଠନରେ ଗୃହରକ୍ଷୀ ଭାବେ ନିଯୁକ୍ତି ପାଇଁ ଗତ ୧୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଆବେଦନର ତାରିଖ ଥିଲା ଗତ ୨୧ରୁ ମାର୍ଚ୍ଚ ୧୨ ତାରିଖ। ଏଥିପାଇଁ ଆବେଦନକାରୀଙ୍କ କମ୍ପ୍ୟୁଟର ଜ୍ଞାନ, ଗାଡ଼ି ଚାଳନା, ରୋଷେଇ, ବିଦ୍ୟୁତ୍ ମିସ୍ତ୍ରୀ, ପାଇପ ମିସ୍ତ୍ରୀ ଭଳି କ୍ଷେତ୍ରରେ ଦକ୍ଷତା ଥିବା ଆବଶ୍ୟକ। ଆବେଦନକାରୀଙ୍କ ଶିକ୍ଷାଗତ ଯୋଗ୍ୟତା ପୂର୍ବରୁ ପଞ୍ଚମ ଶ୍ରେଣୀ ଥିବା ବେଳେ ଏବେ ଏହାକୁ ଦଶମ ଶ୍ରେଣୀ କରାଯାଇଛି। ବୟସ ସୀମା ରହିଛି ୨୦ରୁ ୬୦ ବର୍ଷ। ବଡ଼ କଥା ହେଉଛି ଯେ ହୋମଗାର୍ଡ ସେବା ସ୍ଥାୟୀ ଚାକିରି ନୁହେଁ। ଏହା ଏକ ସ୍ୱେଚ୍ଛାକୃତ ସେବା ଏବଂ ଏହାର କାର୍ଯ୍ୟକାଳ ୩ ବର୍ଷ । ତଥାପି ହୋମଗାର୍ଡ ଚାକିରି ପାଇଁ ଉଚ୍ଚଶିକ୍ଷିତ ଆବେଦନକାରୀଙ୍କ ସଂଖ୍ୟା ସର୍ବାଧିକ ଥିବା ଜଣାପଡ଼ିଛି। ଏହା ପଛରେ ବେକାରୀ ସଂଖ୍ୟା ବଢ଼ିବା ଏକ ପ୍ରମୁଖ କାରଣ। ଅବଶ୍ୟ ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମିର ତଥ୍ୟ ଅନୁସାରେ ୨୦୨୩-୨୪ରେ ରାଜ୍ୟରେ ବେକାରୀ ହାର ଥିଲା ୩.୧ ପ୍ରତିଶତ। ପୂର୍ବ ଆର୍ଥିକ ବର୍ଷରେ ଏହା ୩.୯ ପ୍ରତିଶତ ଥିବାବେଳେ ୦.୮ ପ୍ରତିଶତ ହ୍ରାସ ପାଇଛି ବୋଲି ଗତ ମାସରେ ବିଧାନସଭାରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ ସୂଚନା ଦେଇଥିଲେ।

୨୭ରେ ବିଧାନସଭା ଘେରିବ କଂଗ୍ରେସ

- ୭ ଦିନ ବିଧାନସଭା ବର୍ଜନ ନିଷ୍ପତ୍ତି
- ତାରାଙ୍କ ନିଲମ୍ବନ ନେଇ ଲଢ଼େଇ ଡାକରା



ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ବିଧାନସଭାରେ ବିଜେପି ସଦସ୍ୟଙ୍କ ଆକ୍ରମଣ ଅଭିଯୋଗ ସାଙ୍ଗକୁ ବିଧାୟକ ତାରା ବାହିନୀପତିଙ୍କୁ ନିଲମ୍ବିନ ପ୍ରତିବାଦରେ ବିଧାନସଭା ଘେରାଉ କରିବ କଂଗ୍ରେସ। ଘେରାଉ କାର୍ଯ୍ୟକ୍ରମକୁ ଜୋରଦାର କରାଯିବା ସହ ରାଜ୍ୟବ୍ୟାପୀ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହୋଇଛି ଦଳ। ଏନେଇ ଆଜି କଂଗ୍ରେସ ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି ନେଇଛନ୍ତି ଦଳର ବରିଷ୍ଠ ନେତା। ଏଥିସହ ତାରାଙ୍କ ନିଲମ୍ବନ ପ୍ରତିବାଦରେ ବିଧାନସଭାକୁ ଦଳର ବିଧାୟକମାନେ ବର୍ଜନ ମଧ୍ୟ କରିଛନ୍ତି। ରାଜ୍ୟରେ ମହିଳାଙ୍କ ବିରୋଧରେ ବଢ଼ିଚାଲିଛି ଅତ୍ୟାଚାର। ବିଧାନସଭାରେ ଏ ପ୍ରସଙ୍ଗ ଉଠାଇଲେ ସ୍ପୀକର ଚପାଇ ଦେବାକୁ ବିଜେପି ଉଦ୍ୟମ କରୁଛି ବୋଲି ଅଭିଯୋଗ କରିଛି କଂଗ୍ରେସ। କଂଗ୍ରେସର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ଧସ୍ତାଧସ୍ତି ସହ ଠେଲାପେଲା କରିଛନ୍ତି ବିଜେପି ନେତା ଓ ମନ୍ତ୍ରୀ। ଏହାର ପ୍ରତିବାଦ ସ୍ୱରୂପ ଆସନ୍ତା ୨୭ ତାରିଖରେ ବିଧାନସଭା ଘେରାଉ କରାଯିବ। ଗୃହରେ ବିଜେପି ସଦସ୍ୟଙ୍କ ଆକ୍ରମଣ ଘଟଣାକୁ ସର୍ବସମ୍ମତି କ୍ରମେ ନିନ୍ଦା କରାଯାଇଛି। ଆଜିଠୁ ଅଧିବେଶନରୁ ଦୂରେଇ ରହିବା ସହ ଦଳୀୟ ବିଧାୟକମାନେ ଗାନ୍ଧି ମୂର୍ତ୍ତି ତଳେ ଧାରଣା ଦେଇଥିଲେ। ତାରାଙ୍କ ଉପରୁ ନିଲମ୍ବନ ଆଦେଶ ନ ହଟିବା ପର୍ଯ୍ୟନ୍ତ ବିଧାନସଭା ଅଧିବେଶନରେ କୌଣସି ଦଳୀୟ ବିଧାୟକ ଯୋଗ ଦେବେ ନାହିଁ ବୋଲି କଂଗ୍ରେସ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। କଂଗ୍ରେସ ପକ୍ଷରୁ ବିଜେପିର ଜନବିରୋଧୀ ନୀତି ପ୍ରତିବାଦରେ ପ୍ରସ୍ତୁତ ହେବ ରଣନୀତି। ମହିଳାଙ୍କ ସୁରକ୍ଷା ଓ ଅଧିକାର ସାଙ୍ଗକୁ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବିରୋଧରେ ଆନ୍ଦୋଳନ ହେବ। ସରକାରଙ୍କ ବିରୋଧରେ ଜୋରଦାର ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଥିବା କଂଗ୍ରେସ ଗରିବ ଓ ଶୋଷିତ ଚାଷୀଙ୍କ ସ୍ୱର ହେବ। ସରକାରକୁ ଆସିବାର ୯ ମାସ ପୂରିସାରିଥିବା ବେଳେ ଏହି ସମୟରେ ସୀମା ଟପିଲାଣି ହିଂସା। ଏ ସମ୍ପର୍କରେ ସରକାରଙ୍କଠାରୁ ଦଳ ଜବାବ ମାଗିଛି। କଂଗ୍ରେସ ଭବନରେ ବୈଠକ ପୂର୍ବରୁ କଂଗ୍ରେସ ବିଧାୟକ ତାରାଙ୍କୁ ଭେଟିଥିଲେ ଦଳର ପ୍ରଭାରୀ ଅଜୟ କୁମାର ଲଲ୍ଲୁ।ସବୁ ବରିଷ୍ଠ ନେତାଙ୍କ ସମେତ ବିଧାୟକମାନେ ଏକାଠି ହୋଇ ଡବଲ ଇଞ୍ଜିନ ସରକାର ବିରୋଧରେ ଲମ୍ବା ଲଢ଼େଇ ପାଇଁ ରଣନୀତି ପ୍ରସ୍ତୁତ କରିଥିବା ଜଣାପଡ଼ିଛି।

ଗଙ୍ଗୁଆ ନାଳରେ ହେବ ୬ ଲେନ୍ ରାସ୍ତା

- ୫୦ କୋଟି ମଞ୍ଜୁର କଲେ କେନ୍ଦ୍ରମନ୍ତ୍ରୀ
- ସୁଧୁରିବ ଟ୍ରାଫିକ୍ ସ୍ଥିତି



ଭୁବନେଶ୍ୱର,୧୨।୩୦(ସଂଚାର ବ୍ୟୁରୋ): ଦୂର ହେବାକୁ ଯାଉଛି ଭୁବନେଶ୍ୱର ପଲାଶୁଣିରେ ଦୀର୍ଘ ବର୍ଷର ଟ୍ରାଫିକ୍ ସମସ୍ୟା। ଗଙ୍ଗୁଆ ନାଳ ଉପରେ ୬ ଲେନ୍ ବିଶିଷ୍ଟ ରାସ୍ତା ନେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ। ଦିଲ୍ଲୀ ଗସ୍ତରେ ଆଜି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସାକ୍ଷାତ କରିଥିଲେ। ପଲାଶୁଣି ଗଙ୍ଗୁଆ ନାଳ ଉପରେ ଥିବା ବ୍ରିଜର ପ୍ରଶସ୍ତିକରଣ ତଥା ପଲାଶୁଣିରେ ଟ୍ରାଫିକ୍ ସମସ୍ୟାର ଦୂରିକରଣ ନେଇ ୬ ଲେନ୍ ବିଶିଷ୍ଟ ରାସ୍ତା ପ୍ରକଳ୍ପରେ ମୋହର ବାଜିଥିବା ନେଇ ସୂଚନା ଦେଇଛନ୍ତି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ। କେନ୍ଦ୍ର ମନ୍ତ୍ରୀ ଶ୍ରୀ ଗଡକରୀ ଏହି ପ୍ରକଳ୍ପ ପାଇଁ ୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଭୁବନେଶ୍ୱର ସାଂସଦଙ୍କ ପ୍ରସ୍ତାବ ଅନୁସାରେ ପଲାଶୁଣିରେ ଥିବା ୪ ଥାକିଆ ରାସ୍ତାକୁ ୬ ଥାକିଆ କରାଯିବ। ବର୍ତ୍ତମାନ ଗଙ୍ଗୁଆ ନାଳ ଉପରେ ୪ ଥାକିଆ ପୋଲ ରାସ୍ତା ରହିଛି। ୪ ଥାକିଆ ରାସ୍ତାରେ ଉଭୟ ବାମ ଓ ଦକ୍ଷିଣ ପାର୍ଶ୍ୱରେ ଆଉ ଗୋଟିଏ ଲେଖାଏଁ ଲେନ୍ ରାସ୍ତା ବାହାର କରାଯିବ। ସେହିପରି ୨୪୦ ମିଟର ଲମ୍ବ ବିଶିଷ୍ଟ ପୋଲ ଉପରେ ଆଉ ଦୁଇଟି ଅତିରିକ୍ତ ଲେନ୍ ପୋଲ ରାସ୍ତା ନିର୍ମାଣ କରାଯିବ ବୋଲି ଭୁବନେଶ୍ୱର ସାଂସଦ ସୂଚନା ଦେଇଛନ୍ତି। ଏହି ପ୍ରକଳ୍ପକୁ ମଞ୍ଜୁରି ଦେଇଥିବାରୁ ସେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି।

- ହୋଲି ପାଇଁ ସଚେତନ କରାଇଲେ ନୂଆ ଡିସିପି

'ରଙ୍ଗ ଲଗାଅ, ନିଶାରେ ରଙ୍ଗିଲା ହୁଅନି'



ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ରଙ୍ଗ ଲଗାଇ ନିଶାରେ ଉତ୍ପାତ କଲେ ବନ୍ଧାହେବେ। ମଦ ପିଇ ରୋମିଓ ବନିଲେ ସାବାଡ଼ ହେବେ। ହୋଲି ପୂର୍ବରୁ ଆକ୍ସନ ମୋଡ୍‌ରେ ନୂଆ ଡିସିପି। ହୋଲି ଦିନ ସହରରେ ମୁତୟନ ହେବେ ୨୦ ପ୍ଲାଟୁନ ଫୋର୍ସ। ଆଇନଶୃଙ୍ଖଳା ଓ ମଦୁଆଙ୍କୁ ଜଗିବେ ୨୦ ପ୍ଲାଟୁନ ଫୋର୍ସ। ନକଲି ମଦ କାରବାର ରୋକିବାକୁ ହେବ ସ୍ପେଶାଲ ଡ୍ରାଇଭ। ନିଶାଦ୍ରବ୍ୟ ବିକ୍ରିର ପ୍ରମାଣ ମିଳିଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ଦେଇଛନ୍ତି ଭୁବନେଶ୍ୱରର ନୂଆ ଡିସିପି ଜଗମୋହନ ମିନା। ହୋଲିଦିନ ପାଣିରେ ବୁଡ଼ି ଦୁର୍ଘଟଣାମାନ ଘଟିବାର ଆଶଙ୍କା ଥିବାରୁ ଓଡ୍ରାଫ ଓ ଅଗ୍ନିଶମ ଟିମ୍ ସହ ଆଲର୍ଟ ରହିବ କମିଶନରେଟ ପୁଲିସ। ଡ୍ରିଙ୍କ ଆଣ୍ଡ ଡ୍ରାଇଭ ଉପରେ ରହିବ କଡ଼ା ନଜର। ପ୍ରତ୍ୟେକ ଛକରେ ମୁତୟନ ହେବେ ପୁଲିସ ଟିମ। ଏ ନେଇ ପ୍ରତ୍ୟେକ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହିଂସାତ୍ମକ ବାର୍ତ୍ତା ସୋସିଆଲ ମିଡିଆରେ ନ ଦେବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି ଭୁବନେଶ୍ୱର ଡିସିପି। ସେହିପରି ଅପରାଧୀଙ୍କ ଉପରେ କଡ଼ା ନଜର ରହିଛି। ହୋଲି ପୂର୍ବରୁ ରାଜଧାନୀ ଉପକଣ୍ଠସ୍ଥ ବିଭିନ୍ନ ଗ୍ରାମରେ ଦୋଳମେଳନ ଥିବାରୁ ଆଲର୍ଟ ରହିବାକୁ ସମସ୍ତ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି ଡିସିପି ଶ୍ରୀ ମିନା। ଏଥିସହ ସରାଇ ଆପ ଜରିଆରେ ହୋଟେଲ ବୁକିଂକୁ ମଧ୍ୟ କଡ଼ାକଡ଼ି କରାଯିବ ବୋଲି ଡିସିପି କହିଛନ୍ତି। ଏଥିସହ କୌଣସି ପ୍ରକାର କଡ଼ା ରଙ୍ଗ ପରିବର୍ତ୍ତେ କେବଳ ହର୍ବାଲ ରଙ୍ଗର ବ୍ୟବହାର କରିବାକୁ ମଧ୍ୟ ଶ୍ରୀ ମିନା ରାଜଧାନୀବାସୀଙ୍କୁ ପରାମର୍ଶ ଦେଇଛନ୍ତି।

ରାଜ୍ୟରେ ପାଳନ ହେବ ଜାଡ୍, ନେତୃତ୍ୱ ନେବେ ମହିଳା

ମାସେ ବ୍ୟାପୀ ଆୟୋଜିତ ହେବ ବିଭିନ୍ନ କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ସଡ଼କ ସୁରକ୍ଷା ଓ ଆଚରଣରେ ପରିବର୍ତ୍ତନ ପାଇଁ ଓଡ଼ିଶା ସରକାର ଏକ ପରିବର୍ତ୍ତନକାରୀ ପଦକ୍ଷେପ ଆଣିବାକୁ ଯାଉଛନ୍ତି। ଖୁବ୍ ଶୀଘ୍ର ରାଜ୍ୟରେ ଆରମ୍ଭ ହେବ ୩୦ ଦିନିଆ ଶୂନ୍ୟ ଦୁର୍ଘଟଣା ଦିବସ (ଜାଡ୍)। କେବଳ ଦୃଷ୍ଟିକୋଣ ନୁହେଁ ନେତୃତ୍ୱ ନେବା କ୍ଷେତ୍



ଖୁବଶୀଘ୍ର ଆସିବ ୧୦୦ ଏବଂ ୨୦୦ଟଙ୍କିଆ ନୋଟ୍

ନୂଆଦିଲ୍ଲୀ,୧୨।୩: ୧୦୦ ଏବଂ ୨୦୦ ଟଙ୍କା ନୋଟ ସମ୍ପର୍କରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏକ ବଡ଼ ଘୋଷଣା କରିଛି। କହିରଖୁଛୁ କି, ଭାରତୀୟ ରିଜର୍ଭ ବ୍ୟାଙ୍କ ଖୁବ ଶୀଘ୍ର ୧୦୦ ଏବଂ ୨୦୦ ଟଙ୍କାର ନୂତନ ନୋଟ ଜାରି

ଆରବିଆଇର ଘୋଷଣା



କରିବାକୁ ଯାଉଛି, କିନ୍ତୁ ସେଗୁଡିକର ଡିଜାଇନରେ କୌଣସି ପରିବର୍ତ୍ତନ ହେବ ନାହିଁ। ଏହି ନୂତନ ନୋଟଗୁଡ଼ିକରେ ଗଭର୍ନର ସଞ୍ଜୟ ମାଲହୋତ୍ରାଙ୍କ ସ୍ୱାକ୍ଷର ରହିବ ବୋଲି ଆରବିଆଇ ସୂଚନା ଦେଇଛି। ଏହା ଏକ ସାଧାରଣ ପ୍ରକ୍ରିୟା ଯେଉଁଥିରେ ପ୍ରତ୍ୟେକ ନୂତନ ରାଜ୍ୟପାଳଙ୍କ ନିଯୁକ୍ତି ପରେ ତାଙ୍କ ସ୍ୱାକ୍ଷର ସମ୍ବଳିତ ନୋଟ ଜାରି କରାଯାଏ।

ସୂଚନାଥାଉ କି, ପୁରୁଣା ୧୦୦ ଏବଂ ୨୦୦ ଟଙ୍କିଆ ନୋଟ ବୈଧ ରହିବ ଏବଂ ଏହାକୁ ବଦଳାଯିବ ନାହିଁ ବୋଲି ଆରବିଆଇ ସ୍ପଷ୍ଟ କରିଛି। ଏହି ନୋଟଗୁଡ଼ିକ ଖୁବ ଶୀଘ୍ର ବ୍ୟାଙ୍କ ଏବଂ ଏଟିଏମରେ ଉପଲବ୍ଧ ହେବ ବୋଲି ଆରବିଆଇ କହିଛି। ତେବେ ଆସନ୍ତୁ ଜାଣିବା ଲୋକମାନେ କେଉଁଠାରେ ନଗଦ ଅଧିକ ବ୍ୟବହାର କରନ୍ତି। ଏହା ସହିତ, ଆମେ ଏହା ମଧ୍ୟ ଜାଣିବା ଯେ ୨୦୦୦ ଟଙ୍କା ନୋଟ ବିମୁଦ୍ରୀକରଣ ପରେ ଭାରତରେ ନଗଦ ପ୍ରବାହ କିପରି ଥିଲା। ରିପୋର୍ଟ ଅନୁଯାୟୀ, ୨୦୦୦ ଟଙ୍କାର ନୋଟ ଉପରେ ନିଷେଧ ସତ୍ତ୍ୱେ, ଦେଶରେ ନଗଦ ପ୍ରଚଳନ ପୂର୍ବ ଅପେକ୍ଷା ଅଧିକ ବୃଦ୍ଧି ପାଇଛି। ଯଦି ଆମେ ଆରବିଆଇର ତଥ୍ୟ ଦେଖିବା, ତେବେ ଆମେ ଜାଣିବା ଯେ ମାର୍ଚ୍ଚ ୨୦୧୭ ରେ ନଗଦ ପ୍ରଚଳନ ୧୩.୩୫ ଲକ୍ଷ କୋଟି ଟଙ୍କା ଥିଲା, କିନ୍ତୁ ମାର୍ଚ୍ଚ ୨୦୨୪ ସୁଦ୍ଧା ଏହା ବୃଦ୍ଧି ପାଇ ୩୫.୧୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏହା ବ୍ୟତୀତ, ୟୁପିଆଇ ମାଧ୍ୟମରେ ଡିଜିଟାଲ କାରବାର ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ମାର୍ଚ୍ଚ ୨୦୨୦ରେ ୟୁପିଆଇ କାରବାର ୨.୦୬ ଲକ୍ଷ କୋଟି ଥିଲା, ଯେତେବେଳେ ଫେବୃଆରୀ ୨୦୨୪ ସୁଦ୍ଧା ଏହା ୧୮.୦୭ ଲକ୍ଷ କୋଟିକୁ ବୃଦ୍ଧି ପାଇଥିଲା। ଯଦି ଆମେ ସମ୍ପୂର୍ଣ୍ଣ ୨୦୨୪ ବର୍ଷ ବିଷୟରେ କହିବା, ତେବେ ଏହି ବର୍ଷ ଡିଜିଟାଲ କାରବାର ପ୍ରାୟ ୧୭୨ ବିଲିୟନ ହୋଇଛି।

ରିପୋର୍ଟ ଅନୁଯାୟୀ, ଆର୍ଥିକ ବର୍ଷ ୨୪ରେ ଦିଲ୍ଲୀ, ତାମିଲନାଡୁ, ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ଏବଂ କର୍ଣ୍ଣାଟକରେ ସର୍ବାଧିକ ସଂଖ୍ୟକ ଏଟିଏମ ଉଠାଣ ରେକର୍ଡ କରାଯାଇଛି। ପ୍ରକୃତରେ, ପର୍ବପର୍ବାଣୀ ଏବଂ ନିର୍ବାଚନ ସମୟରେ ନଗଦର ଚାହିଦା ବୃଦ୍ଧି ପାଏ। ଏହା ବ୍ୟତୀତ, ଗ୍ରାମାଞ୍ଚଳରେ ଡିଜିଟାଲ ପେମେଣ୍ଟର ପହଞ୍ଚ ସୀମିତ, ଯାହା ହେତୁ ଏଠାରେ ଲୋକମାନେ ନଗଦ ଅଧିକ ବ୍ୟବହାର କରନ୍ତି।



ଆଜିର ସୁନା ଦର

ବିବାହ ସିଜିନ ଆରମ୍ଭରୁ ଲଗାତାର ଭାବରେ ବଢୁଛି ଦାମ୍। ଅନ୍ତର୍ଜାତୀୟ ବଜାରରେ ସୁନା ଦର ବଢୁଥିବାରୁ ଘରୋଇ ବଜାରରେ ଦର ବଢୁଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୭ ହଜାର ୯୮୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୦, ୬୫୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୮୦ ହଜାର ୬୫୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୭ ହଜାର ୯୮୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୦,୬୫୦ ଟଙ୍କା ଓ ୮୭,୯୮୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୦, ୮୦୦ ଟଙ୍କା ଓ ୮୮, ୧୩୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୦,୬୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୭, ୯୮୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୦,୬୫୦ ଓ ୮୭,୯୮୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦,୦୦୦ ଟଙ୍କା ହୋଇଛି।

୨୬ ଜିଲ୍ଲାରେ ୬୨ ଗ୍ରାମୀଣ ଶିଳ୍ପ ପାର୍କ

ଭୁବନେଶ୍ୱର, ୧୨।୩: ରାଜ୍ୟର ୨୬ଟି ଜିଲ୍ଲାରେ ୬୨ଟି ଗ୍ରାମୀଣ ଶିଳ୍ପ ପାର୍କ ଥିବା ନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ବିଧାନସଭାରେ ସୂଚନା ଦେଇଛନ୍ତି। ସେଥିରୁ ଗଞ୍ଜାମରେ ସର୍ବାଧିକ ପାଞ୍ଚଟି ପାର୍କ ରହିଛି। ସେଗୁଡ଼ିକ ଛତ୍ରପୁର, ଗଞ୍ଜାମ, ହିଞ୍ଜିଳିକାଟୁ, ସୋରଡ଼ା ଓ ଖେରଗଡ଼ରେ ଖୋଲାଯାଇଛି। ମୟୂରଭଞ୍ଜ ଓ ସୁନ୍ଦରଗଡ଼ରେ ମଧ୍ୟ ଚାରିଟି ଲେଖାଏଁ ଗ୍ରାମୀଣ ଶିଳ୍ପ ପାର୍କ ରହିଛି। ଗ୍ରାମୀଣ ଶିଳ୍ପ ପାର୍କଗୁଡ଼ିକ ମଧ୍ୟରୁ ଅନୁଗୁଳରେ ତିନିଟି, ଢେଙ୍କାନାଳରେ ତିନିଟି, ପୁରୀରେ ତିନିଟି, ରାୟଗଡ଼ାରେ ତିନିଟି ଓ ସମ୍ବଲପୁରରେ ତିନିଟି ପାର୍କ ରହିଛି। ଏହି ପାର୍କଗୁଡ଼ିକ ଅନୁଗୁଳ, ବଲାଙ୍ଗୀର, ବାଲେଶ୍ୱର, ବରଗଡ଼, ଭଦ୍ରକ, ବୌଦ୍ଧ, କଟକ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା, ପୁରୀ, ରାୟଗଡ଼ା, ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡ଼ରେ ଖୋଲାଯାଇଛି। ଗ୍ରାମୀଣ ଶିଳ୍ପ ପାର୍କଗୁଡ଼ିକରେ ଉତ୍ପାଦନ କରାଯାଉଥିବା ସାମଗ୍ରୀଗୁଡ଼ିକୁ ପଲ୍ଲିଶ୍ରୀ ମେଳା, ପ୍ରଦର୍ଶନୀ, ଓରମାସ୍ ଆଉଟ୍‌ଲେଟ୍, ସ୍ଥାନୀୟ ସ୍କୁଲ୍ ଓ ଭେଣ୍ଡରମାନଙ୍କ ଜରିଆରେ ବିକ୍ରି କରାଯାଉଛି। ଏହି ପାର୍କଗୁଡ଼ିକରେ ଆଚାର, ମିଲେଟ୍, ଖେଳନା, ବଡ଼ି, ପାମ୍ଫଡ଼, ପୋଷାକ, ମସଲା, କାଗଜବ୍ୟାଗ, ଫିନାଇଲ୍, ଅଗରବତୀ, ଦୁଗ୍ଧଜାତୀୟ ଉତ୍ପାଦ ଓ ଟେରାକୋଟା ଆଦି ଉତ୍ପାଦନ କରାଯାଉଛି। ଏହା ବ୍ୟତୀତ ଶିଆଳି ପତ୍ରରେ ଖଲି, ମତ୍ସ୍ୟଚାଷ, ଛତୁଚାଷ, ଝାଡୁ ତିଆରି, ବାଉଁଶରେ କଳାକୃତି, କୁକୁଡ଼ା ପାଳନ, ବିଉଟି ପାର୍ଲର, ସିମେଣ୍ଟ ରିଙ୍ଗ, ବେକରି, ବିଉଟି ପାର୍ଲର, ଚକୋଲେଟ୍ ପ୍ରସ୍ତୁତି ଆଦି କାର୍ଯ୍ୟ ଏହି ପାର୍କଗୁଡ଼ିକରେ ହେଉଛି।

ଉତ୍ପାଦନ କରୁଛନ୍ତି ବଡ଼ି, ପାମ୍ଫଡ଼, ଆଚାର

ଇଣ୍ଡିଗୋ ଏବଂ ଆକାଶ ଏୟାରଲାଇନ୍ସ ଯାତ୍ରୀଙ୍କ ପାଇଁ ଆଣିଦେଇଛି ହୋଲି ଅଫର୍

୯୯୯ ଟଙ୍କାରେ ବିମାନ ଯାତ୍ରା ସୁଯୋଗ

ନୂଆଦିଲ୍ଲୀ, ୧୨।୩: ବିମାନ ଯାତ୍ରୀଙ୍କ ପାଇଁ ଖୁସି ଖବର। ବହୁତ କମ୍ ପଇସାରେ ମଧ୍ୟ ବିମାନ ଯାତ୍ରା କରିପାରିବେ ସାଧାରଣ ଲୋକ। ଶସ୍ତାରେ ବିମାନ ଯାତ୍ରା କରିବାର ସୁଯୋଗ ଆଣିଦେଇଛି ଇଣ୍ଡିଗୋ ଏବଂ ଆକାଶା ବିମାନ। ହୋଲି ଅବସରରେ ଯାତ୍ରୀଙ୍କୁ ଘରୋଇ ଏବଂ ଅନ୍ତର୍ଜାତୀୟ ଉଡ଼ାଣରେ ବଢ଼ିଆ ଡିସକାଉଣ୍ଟ ଦେଉଛି ଇଣ୍ଡିଗୋ ଏବଂ ଆକାଶା ଏୟାରଲାଇନ୍ସ।



ଆକାଶ ଏୟାରଲାଇନ୍ସ ସମସ୍ତ ଶୁଳ୍କ ସହିତ ଯାତ୍ରୀଙ୍କ ପାଇଁ ୧୪୯୯ ଟଙ୍କାରୁ ଉଡାଣ ଆରମ୍ଭ କରୁଛି। ଘରୋଇ ଟିକେଟର ଦାମ୍ ୧୪୯୯ ଟଙ୍କା ରହିଛି। ଯାତ୍ରୀମାନେ ପ୍ରୋମୋ କୋଡ ହୋଲି୧୫ର ବ୍ୟବହାର କରି ଘରୋଇ ଓ ଅର୍ନ୍ତରାଷ୍ଟ୍ରୀୟ ଉଭୟ ରୁଟ୍ ପାଇଁ ୧୫% ରିହାତିର ସୁବିଧା ପାଇପାରିବେ। ଏହି ଅଫର ଅଧିନରେ ଫ୍ଲାଇଟ୍ ବୁକିଂ ୧୦ ମାର୍ଚ୍ଚରୁ ୧୩ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଲାଗୁ ରହିଛି। ଏହି ସୁବିଧା ୧୭ ମାର୍ଚ୍ଚରୁ ଯାତ୍ରୀଙ୍କୁ ମିଳିପାରିବ।

ଇଣ୍ଡିଗୋ ଯାତ୍ରୀଙ୍କ ପାଇଁ ଗେଟ୍ ୱେ ସେଲ୍ ନାମକ ଅଫର ୧୦ ମାର୍ଚ୍ଚରୁ ଲଞ୍ଚ କରିଛି। ଏଥିପାଇଁ ଅଲଗା ଅଲଗା ଅଫର ରହିଛି। ଘରୋଇ ଯାତ୍ରୀଙ୍କ ପାଇଁ ୧୧୯୯ ଟଙ୍କା ଏବଂ ଇଣ୍ଟରନ୍ୟାସନାଲ ଯାତ୍ରୀଙ୍କ ପାଇଁ ୪୧୯୯ ରୁ ଅଫରର ସୁବିଧା ରହୁଛି। ଅଫର ୧୦ ମାର୍ଚ୍ଚରୁ ୧୨ ମାର୍ଚ୍ଚ ପର୍ଯ୍ୟନ୍ତ ଲାଗୁ ରହିବ। ୧୭ ମାର୍ଚ୍ଚରୁ ୨୧ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଯାତ୍ରା ପାଇଁ ଏହି ସୁବିଧା ରହିଛି। ଷ୍ଟାର ଏୟାର ପକ୍ଷରୁ "ହୋଲି ହେଁ" ପ୍ରମୋଶନ ଆରମ୍ଭ ହୋଇଛି। ଏହାର ପ୍ରତ୍ୟେକ ରୁଟ ପାଇଁ ଇକୋନମି କ୍ଲାସ୍ ଭଡା ୯୯୯ରୁ ଆରମ୍ଭ ହୋଇଥିବା ବେଳେ ବିଜନେସ କ୍ଲାସ୍ ୩୦୯୯ରୁ ଉଡ଼ାଣ ଆରମ୍ଭ ହେଉଛି। ଏହି ସ୍ପେଶାଲ ଅଫର ଲାଭ ଉଠାଇବା ପାଇଁ ୧୧ ମାର୍ଚ୍ଚରୁ ୧୭ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଯାତ୍ରୀ ବୁକିଂ କରିପାରିବେ। ଆଉ ଏହି ଅଫରରେ ୧୧ ମାର୍ଚ୍ଚରୁ ୩୦ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ମଧ୍ୟରେ ଯାତ୍ରା କରିବାର ସୁଯୋଗ ମିଳିବ।

ଏଲନ ମସ୍କଙ୍କ କମ୍ପାନୀ ସ୍ପେସ୍‌ଏକ୍ସ ସହ ହାତ ମିଳାଇଲା ଜିଓ



ମୁମ୍ବାଇ ୧୨।୩: ମୁକେଶ ଅମ୍ବାନୀଙ୍କ ଜିଓ ପ୍ଲାଟଫର୍ମସ ଲିମିଟେଡ୍ (ଜେପିଏଲ) ଏବଂ ଏଲନ୍ ମସ୍କଙ୍କ ସ୍ପେସ୍‌ଏକ୍ସ ଭାରତରେ ଷ୍ଟାରଲିଙ୍କ ବ୍ରଡବ୍ୟାଣ୍ଡ ଇଣ୍ଟରନେଟ୍ ସେବା ଉପଲବ୍ଧ କରାଇବା ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତିନାମା ପରେ, ଭାରତର ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳ ସମେତ ସାରା ଦେଶରେ ସାଟେଲାଇଟ୍ ଆଧାରିତ ବ୍ରଡବ୍ୟାଣ୍ଡ ସେବା ଉପଲବ୍ଧ ହେବ। ଏହା ସାହାଯ୍ୟରେ, ସେହି ଦୂରଦୂରାନ୍ତ ଅଞ୍ଚଳଗୁଡ଼ିକୁ ମଧ୍ୟ ସହଜରେ ସଂଯୋଗ କରାଯାଇପାରିବ ଯେଉଁଠାରେ ସଂଯୋଗ ଯୋଗାଇବା କଷ୍ଟକର ରହିଛି। ଜିଓ ବିଶ୍ୱର ସର୍ବବୃହତ ମୋବାଇଲ୍ ଅପରେଟର ହୋଇଥିବା ବେଳେ, ଷ୍ଟାରଲିଙ୍କ୍ ବିଶ୍ୱର ଅଗ୍ରଣୀ ଲୋ ଆର୍ଥ ଅର୍ବିଟ (ଲିଓ) ସାଟେଲାଇଟ୍ କନଷ୍ଟେଲେସନ ଅପରେଟର।

ଏହି ଚୁକ୍ତିନାମା ଅନୁସାରେ ଜିଓ ଗ୍ରାହକମାନଙ୍କ ପାଇଁ ଷ୍ଟାରଲିଙ୍କ ସମାଧାନଗୁଡ଼ିକ ଜିଓ ଷ୍ଟୋର ସମୂହ ଏବଂ ଅନଲାଇନରେ ଉପଲବ୍ଧ ହେବ। ଜିଓ ପକ୍ଷରୁ ପ୍ରକାଶ କରାଯାଇଛି ଯେ ସ୍ପେସଏକ୍ସ ସହିତ ଚୁକ୍ତିନାମାରେ ସମଗ୍ର ଭାରତରେ ସମସ୍ତ ଉଦ୍ୟୋଗ, କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟ ଏବଂ ସମୁଦାୟଗୁଡିକ ପାଇଁ ନିର୍ଭରଯୋଗ୍ୟ ଇଣ୍ଟରନେଟ୍ ଉପଲବ୍ଧ କରାଯାଇପାରିବ। ଷ୍ଟାରଲିଙ୍କ୍ ସବୁଠାରୁ ଅହ୍ୱାନପୂର୍ଣ୍ଣ ସ୍ଥାନଗୁଡିକରେ ଦ୍ରୁତ ଏବଂ ସୁଲଭ ଉପାୟରେ ସବୁଠାରୁ ହାଇ-ସ୍ପିଡ୍ ଇଣ୍ଟରନେଟ୍ ବିସ୍ତାର କରି ଜିଓ ଏୟାରଫାଇବର ଏବଂ ଜିଓଫାଇବରର ପରିପୂରକ ହେବ। ଦୁଇ କମ୍ପାନୀ ଭାରତର ଡିଜିଟାଲ୍ ଇକୋସିଷ୍ଟମରେ ସହଯୋଗର ଅନ୍ୟାନ୍ୟ ସମ୍ଭାବନା ମଧ୍ୟ ଅନୁସନ୍ଧାନ କରିବେ। ରିଲାଏନ୍ସ ଜିଓର ଗ୍ରୁପ୍ ସିଇଓ ମାଥ୍ୟୁ ଓମେନ୍ କହିଛନ୍ତି, "ପ୍ରତ୍ୟେକ ଭାରତୀୟଙ୍କୁ ସୁଲଭ ଏବଂ ହାଇ-ସ୍ପିଡ୍ ବ୍ରଡବ୍ୟାଣ୍ଡର ସୁବିଧା ଉପଲବ୍ଧ ହେବା ସୁନିଶ୍ଚିତ କରିବା ଜିଓର ସର୍ବୋଚ୍ଚ ପ୍ରାଥମିକତା ରହିଛି। ଷ୍ଟାରଲିଙ୍କଙ୍କୁ ଭାରତକୁ ଆଣିବା ପାଇଁ ସ୍ପେସଏକ୍ସ ସହିତ ଆମର ସହଭାଗିତା ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି ଏବଂ ସମସ୍ତଙ୍କ ପାଇଁ ନିରବଚ୍ଛିନ୍ନ ବ୍ରଡବ୍ୟାଣ୍ଡ ସଂଯୋଗ ଦିଗରେ ଏକ ବଡ଼ ପଦକ୍ଷେପ। ଜିଓର ବ୍ରଡବ୍ୟାଣ୍ଡ ଇକୋସିଷ୍ଟମରେ ଷ୍ଟାରଲିଙ୍କଙ୍କୁ ସାମିଲ କରି, ଆମେ ଆମର ଉପଲବ୍ଧତାର ବିସ୍ତାର କରୁଛୁ ଏବଂ ଏହି ଏଆଇ-ଚାଳିତ ଯୁଗରେ ହାଇ-ସ୍ପିଡ୍ ବ୍ରଡବ୍ୟାଣ୍ଡର ନିର୍ଭରଯୋଗ୍ୟତା ଏବଂ ଉପଲବ୍ଧତାକୁ ବୃଦ୍ଧି କରୁଛୁ, ଯାହା ଦ୍ୱାରା ସାରା ଦେଶରେ ସମୁଦାୟ ଏବଂ ବ୍ୟବସାୟଗୁଡ଼ିକୁ ସଶକ୍ତ କରାଯାଇପାରିବ।

ସ୍ପେସଏକ୍ସର ସଭାପତି ଏବଂ ମୁଖ୍ୟ ପରିଚାଳନା ଅଧିକାରୀ ଗ୍ୱିନ୍ ସଟଓ୍ୱେଲ କହିଛନ୍ତି, "ଭାରତର ଯୋଗାଯୋଗ ସଂଯୋଗ ବା କନେକ୍ଟିଭିଟିକୁ ଆଗକୁ ବଢ଼ାଇବା ପାଇଁ ଜିଓର ପ୍ରତିବଦ୍ଧତାକୁ ଆମେ ପ୍ରଶଂସା କରୁଛୁ। ଆମେ ଜିଓ ସହିତ କାମ କରିବାକୁ, ଭାରତ ସରକାରଙ୍କଠାରୁ ଅନୁମୋଦନ ପାଇବାକୁ ଏବଂ ଜନସାଧାରଣ, ସଂଗଠନ ଏବଂ ବ୍ୟବସାୟଗୁଡ଼ିକୁ ଷ୍ଟାରଲିଙ୍କ ହାଇ-ସ୍ପିଡ୍ ଇଣ୍ଟରନେଟ୍ ସେବା ଉପଲବ୍ଧ କରାଇବାକୁ ଉତ୍ସାହିତ ରହିଛୁ।" ଏହି ଚୁକ୍ତିନାମା ଭାରତରେ ଷ୍ଟାରଲିଙ୍କ ସେବା ଉପଲବ୍ଧ କରିବା ପାଇଁ ସ୍ପେସଏକ୍ସର ଅନୁମତି ପାଇବା ଉପରେ ନିର୍ଭର କରେ।

ମୋବାଇଲ୍ ଗ୍ରାହକ ଲକ୍ଷେ ୫୮ ହଜାର ବଢ଼ିଲେ

ଭୁବନେଶ୍ୱରଃ ରାଜ୍ୟରେ ମୋବାଇଲ୍ ଗ୍ରାହକ ସଂଖ୍ୟାରେ ୧,୫୮,୧୫୧ ବୃଦ୍ଧି ଘଟିଛି। ଫଳରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୩ କୋଟି ୪୩ ଲକ୍ଷ ୪୬ ହଜାର ୯୮କୁ ବୃଦ୍ଧି ପାଇଛି ବୋଲି ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଜାରି କରିଥିବା ରିପୋର୍ଟରୁ ଜଣାପଡ଼ିଛି। ରାଜ୍ୟରେ ମୋବାଇଲ୍ ସେବା ପ୍ରଦାନ କରୁଥିବା ଚାରିଟି କମ୍ପାନି ମଧ୍ୟରୁ ତିନିଟି କମ୍ପାନି ୨୦୨୪ ଡିସେମ୍ବରରେ ନିଜ ଗ୍ରାହକ ବଢ଼ାଇଥିବା ବେଳେ ଗୋଟିଏ କମ୍ପାନି ପୁରୁଣା ଗ୍ରାହକ ହରାଇଛି। ରିଲାଏନ୍ସ ଜିଓ ସର୍ବାଧିକ ୧,୩୪,୪୦୩

ତିନି କମ୍ପାନି ଯୋଡ଼ିଲେ, ଗୋଟିଏ ହରାଇଲା

ନୂଆ ଗ୍ରାହକ ଯୋଡ଼ିଛି। ଫଳରେ ଓଡ଼ିଶାରେ ଏହାର ମୋଟ୍ ମୋବାଇଲ୍ ଗ୍ରାହକ ସଂଖ୍ୟା ୧ କୋଟି ୫୬ ଲକ୍ଷ ୫୬ ହଜାର ୬୩୨କୁ ବୃଦ୍ଧି ପାଇଛି। ଭାରତ ଏୟାରଟେଲ୍ ୧୮,୪୨୩ ନୂଆ ଗ୍ରାହକ ଯୋଡ଼ିବାରୁ ଏହାର ମୋଟ୍ ଗ୍ରାହକ ପରିମାଣ ୧ କୋଟି ୧୭ ଲକ୍ଷ ୩୭ ହଜାର ୭୦୫କୁ ବୃଦ୍ଧି ପାଇଛି। ସରକାରୀ ଟେଲିକମ୍ କମ୍ପାନି ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ଗତ ଡିସେମ୍ବରରେ ୯୪୯୭ ନୂଆ ଗ୍ରାହକ ସୃଷ୍ଟି କରିଛି। ଏହାର ମୋଟ୍ ମୋବାଇଲ୍ ଗ୍ରାହକ ସଂଖ୍ୟା ୫୫ ଲକ୍ଷ ୭୩ ହଜାର ୩୨୧ ରହିଛି। କେବଳ ଭୋଡାଫୋନ୍ ଆଇଡିଆ ଏହି ମାସରେ ୪୧୭୨ ଜଣ ପୁରୁଣା ଗ୍ରାହକଙ୍କୁ ହରାଇବାରୁ ଏହାର ମୋଟ୍ ଗ୍ରାହକ ସଂଖ୍ୟା ୧୩ ଲକ୍ଷ ୭୮ ହଜାର ୪୪୦କୁ ହ୍ରାସ ପାଇଛି।

ଟେସ୍‌ଲା କାର୍ କିଣିଲେ ଟ୍ରମ୍ପ୍



ୱାଶିଂଟନ, ୧୨।୩: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟେସଲା କାର କିଣିଛନ୍ତି। ଆମେରିକାର ରାଷ୍ଟ୍ରପତି ଏକ ଚମକଦାର ଲାଲ ରଙ୍ଗର ଟେସଲା ମଡେଲ ଏକ୍ସ କ୍ରୟ କରିଛନ୍ତି। କମ୍ପାନୀର ସିଇଓ ଏଲନ ମସ୍କ ଏହି କାର ବାଛିବାରେ ଡୋନାଲ୍ଡ ଟ୍ରମ୍ପଙ୍କୁ ସାହାଯ୍ୟ କରିଛନ୍ତି। ଏଲନ ମସ୍କଙ୍କ ଇଲେକ୍ଟ୍ରିକ୍ ଯାନ କମ୍ପାନୀକୁ ସମର୍ଥନ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଏହି କାରଟି କିଣିଥିବା କୁହାଯାଉଛି। ଡୋନାଲ୍ଡ ଟ୍ରମ୍ପ୍ ନିକଟରେ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଘୋଷଣା କରିଥିଲେ ଯେ, ସେ ଏକ ଟେସଲା କାର କିଣିବାକୁ ଯାଉଛନ୍ତି। ଏହି ପୋଷ୍ଟରେ ଏଲନ୍ ମସ୍କ ଆମେରିକା ରାଷ୍ଟ୍ରପତିଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ଏଲନ ମସ୍କ ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ଏକ ଟେସଲା କାରରେ ଟେଷ୍ଟ ଡ୍ରାଇଭ୍ କରୁଥିବାର ଏକ ଫଟୋ ମଧ୍ୟ ସେୟାର କରିଛନ୍ତି। ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ସେ ଏହି କାରକୁ ୮୦ ହଜାର ଆମେରିକୀୟ ଡଲାରରେ କିଣିଛନ୍ତି, ଯେଉଁଥିରେ ତାଙ୍କୁ କୌଣସି ରିହାତି ମିଳିନାହିଁ। ଡୋନାଲ୍ଡ ଟ୍ରମ୍ପ ଆହୁରି କହିଛନ୍ତି ଯେ, 'ମସ୍କ ମୋତେ ରିହାତି ଦେବା ଉଚିତ ଥିଲା।' ଆମେରିକୀୟ ରାଷ୍ଟ୍ରପତି ଗଣମାଧ୍ୟମ ସାମ୍ନାରେ ଏହି କାରଟି କିଣିଛନ୍ତି। ଏଲନ୍ ମସ୍କ ଡୋନାଲ୍ଡ ଟ୍ରମ୍ପଙ୍କ ସାମ୍ନାକୁ ୪ଟି ଟେସଲା କାର ଆଣିଥିଲେ। ଡୋନାଲ୍ଡ ଟ୍ରମ୍ପ ଏଲନ ମସ୍କଙ୍କୁ ଜଣେ ଦେଶପ୍ରେମୀ ବୋଲି କହିଛନ୍ତି। ଆମେରିକା ରାଷ୍ଟ୍ରପତି ଆହୁରି କହିଛନ୍ତି, 'ବେଳେ ବେଳେ ମୁଁ ଜାଣିପାରେ ନାହିଁ ତାଙ୍କର ଉଦ୍ଦେଶ୍ୟ କ'ଣ, କିନ୍ତୁ ମୁଁ କହିପାରିବି ଯେ ସେ ଜଣେ ମହାନ ବ୍ୟକ୍ତି।' ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ହେବା ପରେ, ସେ ମସ୍କଙ୍କୁ ସରକାରୀ ଦକ୍ଷତା ବିଭାଗ (DOGE) ର ଦାୟିତ୍ୱ ଦେଇଥିଲେ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ସେବେଠାରୁ ଏହି ବିଭାଗ ସରକାରୀ ଖର୍ଚ୍ଚ ହ୍ରାସ କରିବା ପାଇଁ କାମ କରୁଛି। ଏଥି ପାଇଁ ହଜାର ହଜାର ସରକାରୀ କର୍ମଚାରୀ ଚାକିରି ହରାଇଛନ୍ତି। ଏଲନ ମସ୍କଙ୍କ ବିରୋଧରେ ପ୍ରତିବାଦ ସ୍ୱରୂପ ଆମେରିକାର ମାସାଚୁସେଟ୍ସରେ ୭ଟି ଟେସଲା ଚାର୍ଜିଂ ଷ୍

ଯୁବକଙ୍କ ଅସ୍ତ୍ରୋପଚାର ପାଇଁ ରକ୍ତ ଦେଲେ ଡାକ୍ତର



ହିଞ୍ଜିଳିକାଟୁ,୧୨।୩(ସଂଚାର ବ୍ୟୁରୋ): ଜଣେ ଅସହାୟକୁ ରକ୍ତଦାନ କରି ମାନବିକତାର ପରିଚୟ ପ୍ରଦାନ କରିଛନ୍ତି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ସନ୍ତୋଷ କୁମାର ଷଡ଼ଙ୍ଗୀ । ଗଜପତି ଜିଲ୍ଲାର ଜଣେ ଯୁବକଙ୍କ ଜଘଂହାଡ଼ ଅସ୍ତ୍ରୋପଚାର ପାଇଁ ରକ୍ତ (ଏ ପଜିଟିଭ) ଆବଶ୍ୟକତା ପଡିଥିଲା । ପରିବାର ଚିନ୍ତିତ ହୋଇ ଏଣେତେଣେ ବୁଲାବୁଲି କରି ରକ୍ତ କେଉଁଠୁ ପାଇବେ ତାହାର ଯୋଜନା କରୁଥିବା ବେଳେ ହିଞ୍ଜିଳିକାଟୁ ତ୍ରିରଙ୍ଗା ସେବା ସଂଘର ସ୍ୱେଚ୍ଛାସେବୀମାନଙ୍କୁ ସୂଚନା ଦେଇଥିଲେ । ସୂଚନା ପାଇବା ମାତ୍ରେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ସନ୍ତୋଷ କୁମାର ଷଡ଼ଙ୍ଗୀ ୨୨ କିଲୋମିଟର ଦୂର ବ୍ରହ୍ମପୁର ଯାଇ ଏମକେସିଜି ବଡ଼ ମେଡିକାଲରେ ରକ୍ତଦାନ କରିଥିଲେ । ମଧୁ ନାୟକ ନାମକ ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ରକ୍ତ ଦରକାର ପଡିଥିଲା । ତେବେ ଏହାମଧ୍ୟରେ ଡାକ୍ତର ଷଡ଼ଙ୍ଗୀ ଜରୁରୀକାଳୀନ ପରିସ୍ଥିତିରେ ୪ ଥର ରକ୍ତଦାନ କରିଥିବା ବେଳେ ରକ୍ତଦାନ ପାଇଁ ଯୁବପିଢ଼ି ଆଗେଇ ଆସିବା ଦରକାର ବୋଲି ସେ କହିଛନ୍ତି । ହସ୍ପିଟାଲ ବେଡରେ ଶୋଇ ରକ୍ତ ଦେଉଥିବା ଡାକ୍ତରଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ବେଳେ ଲୋକମାନେ ଡାକ୍ତର ଷଡ଼ଙ୍ଗୀ ଓ ତ୍ରିରଙ୍ଗା ସେବା ସଂଘକୁ ବହୁତ ପ୍ରଶଂସା କରିଥିଲେ ।

ଋଣ ସୁଝି ନପାରିବାରୁ ଆତ୍ମହତ୍ୟା

ବାଲିପାଟଣା,୧୨।୩(ସଂଚାର ବ୍ୟୁରୋ): ବାଲିପାଟଣା ଥାନା ଫକୀରପଡା ଗ୍ରାମରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି । ମୃତକ ଜଣଙ୍କ ହେଲେ ତରବୋଇ ଗ୍ରାମର ଅମରେଶ ମହାରଣା ଓରଫ କୁକା। ସୂଚନା ଅନୁସାରେ ତରବୋଇ ଗ୍ରାମର ନରି ମହାରଣା ପରିବାର ସହ ଫକୀରପଡା ଗ୍ରାମରେ ଘର ଭଡା ନେଇ ରହୁଥିଲେ। କିଛି ବର୍ଷ ପୂର୍ବରୁ ତାଙ୍କ ବଡ଼ ପୁଅ ଆତ୍ମହତ୍ୟା କରିଥିଲେ। ସାନ ପୁଅ ଓ ବୋହୁ ନାତି ନାତୁଣୀ ପାଖରେ ରହୁଥିଲେ। କୁକା ଏକ ଘରୋଇ ସଂସ୍ଥା ରେ କାମ କରନ୍ତି। ଗତକାଲି ପତ୍ନୀ ଏବଂ ପିଲା ମାନଙ୍କୁ ସାଙ୍ଗରେ ନେଇ ଦୋପଟି ମେଳଣ ବୁଲିବାକୁ ଯାଇଥିଲା। ରାତିରେ ଫେରିବା ପରେ ଘରେ କୌଣସି କଥାକୁ ନେଇ ପରିବାର ଲୋକଙ୍କ ସହ ଯୁକ୍ତିତର୍କ ହୋଇଥିଲା। ପତ୍ନୀ ଓ ପିଲାମାନଙ୍କୁ ଘର ବାହାରକୁ ତାଡି କବାଟ କିଳି ଶୋଇଥିଲେ। ଆଜି ସକାଳୁ ଉଠିବାରେ ବିଳମ୍ବ ହେବାରୁ ଘର ଲୋକଙ୍କ ସନ୍ଦେହ ହୋଇଥିଲା। ଝରକା ଫାଙ୍କରେ ଦେଖିବା ବେଳକୁ କୁକା ଶୋଇବା ଘର ଫ୍ୟାନରେ ବେକରେ ଗାମୁଛା ବାନ୍ଧି ଝୁଲୁଥିବାର ଦେଖିବାକୁ ପାଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଁଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଘରୋଇ ଋଣ ଭାର ଏବଂ ଅନ୍ୟ କିଛି କାରଣରୁ ଯୁବକ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି।

ମିଶନ ଶକ୍ତି କାର୍ଯ୍ୟକାରିଣୀ କମିଟିର ପୁନର୍ଗଠନ ବିରୋଧ ବିକ୍ଷୋଭ



ବିଞ୍ଝାରପୁର,୧୨।୩(ସଂଚାର ବ୍ୟୁରୋ): ମିଶନ ଶକ୍ତି କାର୍ଯ୍ୟକାରିଣୀ କମିଟିର ପୁନର୍ଗଠନକୁ ବିରୋଧ। ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ୍ ବ୍ଲକ ସ୍ତରୀୟ ମହାସଂଘ ପକ୍ଷରୁ ମିଶନ ଶକ୍ତି କାର୍ଯ୍ୟକାରିଣୀ କମିଟି କୁ ପୁନର୍ଗଠନ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଇସି ମେମ୍ବରମାନେ। ଦୀର୍ଘ ଦିନ ଧରି ବିନା ପାରିଶ୍ରମିକ ରେ ସେମାନେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ପାଇଁ କାର୍ଯ୍ୟ କରିଆସୁଥିଲେ ମଧ୍ୟ ନୂଆ ସରକାର ସେମାନଙ୍କୁ ଅଣଦେଖା କରୁଥିବା ଇସି ମେମ୍ବରମାନେ ଅଭିଯୋଗ କରିଛନ୍ତି। ରାଜ୍ୟ, ଜିଲ୍ଲା, ବ୍ଲକ୍ ଏବଂ ବ୍ଲକ୍ ସ୍ତରୀୟ କାର୍ଯ୍ୟକାରିଣୀ କମିଟିର ପୁନର୍ଗଠନ ନିର୍ଦ୍ଦେଶକୁ ବାତିଲ କରିବାକୁ ଦାବି କରିଛନ୍ତି ଇସି ସଦସ୍ୟମାନେ। ଏ ନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଞ୍ଝାରପୁର ବ୍ଲକ୍ ସ୍ତରୀୟ ମହାସଂଘର ସଭାପତି ଭାରତୀ କାଣ୍ଡୀ ନେତୃତ୍ୱରେ ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି।

ଗଞ୍ଜେଇ ଚୋରା ଚାଲାଣ ବେଳେ ୨ ଗିରଫ



ସୁବର୍ଣ୍ଣପୁର,୧୨।୩(ସଂଚାର ବ୍ୟୁରୋ): ସ୍କୁଟିରେ ଗଞ୍ଜେଇ ନେଇ ଯାଉଥିବା ସମୟରେ ପୁଲିସ ହାବୁଡ଼ରେ ପଡିଛନ୍ତି ହୋମଗାର୍ଡ ସହ ଆଉ ଜଣେ ବ୍ୟକ୍ତି। ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବିନିକା ପୁଲିସ। ସୁବର୍ଣ୍ଣପୁର ଜିଲ୍ଲା ବିନିକା ପୁଲିସ ପାଟ୍ରୋଲିଙ୍ଗ କରୁଥିବା ସମୟରେ ଏକ ସ୍କୁଟିରେ ଦୁଇଜଣ ଯୁବକ ଯାଉଥିବା ସମୟରେ ପାପକ୍ଷୟ ରାସ୍ତାର ବିଦ୍ୟୁତ ଗ୍ରିଡ ନିକଟରେ ଅଟକାଇଥିଲେ। ପୁଲିସ ସ୍କୁଟି ଅଟକାଇବା ପରେ ସ୍କୁଟିରୁ ୭ କେଜି୬୫୦ ଗ୍ରାମ ଗଞ୍ଜେଇ ଜବତ କରିବା ସହିତ ଦୁଇଜଣ ଯୁବକକୁ ଗିରଫ କରିଥିଲା। ଜଣେ ବ୍ୟକ୍ତି ସୁବର୍ଣ୍ଣପୁର ଥାନା ଧଉରାଖମନ୍ ଗ୍ରାମର ନିତ୍ୟାନନ୍ଦ ଷାଣ୍ଡ ହୋଇଥିବା ବେଳେ ଅନ୍ୟ ବ୍ୟକ୍ତି ଜଣେ ହେଉଛନ୍ତି ପ୍ରଶାନ୍ତ ଷାଣ୍ଡ ସୋନପୁର ପୁଲିସରେ ହୋମଗାର୍ଡ ଭାବରେ କାମ କରୁଛନ୍ତି। ବିନିକା ଥାନାରେ କେସ ନମ୍ବର ୩୮/୨୦୨୫ରେ ଏକ ମାମଲା ରୁଜୁ କରି ପୁଲିସ ଦୁଇ ଜଣ ବ୍ୟକ୍ତିକୁ ଗିରଫ କରି କୋର୍ଟ ଚାଲାଣ କରିଛି

ବିଜେପିର ଫଳକ ପଲିଟିକ୍ସ ; ସ୍ପଷ୍ଟ ହେଲା ଫାଟ

ଫଳକରୁ ଦୁଇ ମନ୍ତ୍ରୀଙ୍କ ନାଁ କାଟିବା ପଛରେ କିଏ ?

ବ୍ରହ୍ମପୁର,୧୨।୩(ସଂଚାର ବ୍ୟୁରୋ): ବିଜେପି ସରକାରକୁ ଆସିବାର ଦୀର୍ଘ ମାସ ବିତିଲାଣି। ତଥାପି ରାଜ୍ୟ ଠାରୁ ଆରମ୍ଭ କରି ଜିଲ୍ଲା ସ୍ତରରେ ଦଳୀୟ ନେତାଙ୍କ ମଧ୍ୟରେ ଥିବା ଫାଟରେ ପେଚ୍ ପଡୁନଥିବା ଜଣାପଡିଛି। ବିଶେଷ କରି ଅସଲ ଏବଂ ଆମଦାନୀଙ୍କ ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳୁଛି। ଏହାରି ଭିତରେ ବ୍ରହ୍ମପୁର ସହରରେ ଫଳକ ପଲିଟିକ୍ସ ଏବେ ଦଳୀୟ ନେତାଙ୍କ ମଧ୍ୟରେ ରହିଥିବା ବିବାଦକୁ ଆହୁରି ସ୍ପଷ୍ଟ କରିଦେଇଛି।

ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ରହ୍ମପୁର ଗସ୍ତରେ ଆସି ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି କାର୍ଯ୍ୟକ୍ରମ ସହ ସହରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦଘାଟନ ଓ ଶିଳାନ୍ୟାସ କରିଥିଲେ। ଏଥିମଧ୍ୟରୁ ସହରର ଗେଟ୍ ବଜାର ଫ୍ଲାଏ ଓଭର ପାଇଁ ଶୁଭ ମଧ୍ୟ ଦେଇଥିଲେ। ତେବେ ଯେଉଁ



ସ୍ଥାନରେ ଫଳକ ଲଗାଯାଇଥିଲା, ସେଠାକୁ ମୁଖ୍ୟମନ୍ତ୍ରୀ ଗସ୍ତ କରିନଥିଲେ। ଗେଟ୍ ବଜାର ନିକଟକୁ ଯାଇ ମୁଖ୍ୟମନ୍ତ୍ରୀ ଫଳକ ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ଥିବା ଯଦିଓ ପୂର୍ବରୁ ସୂଚନା ମିଳିଥିଲା କିନ୍ତୁ ସେହିଭଳି କିଛି ଚିତ୍ର ଦେଖିବାକୁ ମିଳିନଥିଲା। ଉକ୍ତ ଫଳକରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ, ବିଧାୟକ କେ. ଅନୀଲ କୁମାରଙ୍କ ନାଁ ରହିଥିଲା। କିନ୍ତୁ ଦୁଃଖର ବିଷୟ ଗଞ୍ଜାମ ଜିଲ୍ଲାରୁ ଦୁଇ ଦୁଇ ଜଣ ମନ୍ତ୍ରୀ ଥିବା ସତ୍ତ୍ୱେ ସେମାନଙ୍କ ନାମକୁ ଫଳକରେ ସ୍ଥାନ ଦିଆଯାଇନଥିଲା।

ମଙ୍ଗଳବାର ରାତିରେ କିନ୍ତୁ ଫଳକକୁ ପରିବର୍ତ୍ତନ କରାଯାଇଥିବା ଦେଖିବାକୁ ମିଳିଥିଲା। ବାଣିଜ୍ୟ ଓ ପରିବହନ ତଥା ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଓ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ନାଁ ଥିବା ଫଳକ ଲଗାଯାଇଥିଲା। ସାଧାରଣରେ ହେଉଥିବା ଚର୍ଚ୍ଚା ପ୍ରକାରେ, ନିର୍ବାଚନ ପରଠୁ ହିଁ ଗଂଜାମ ଏବଂ ବିଶେଷ କରି ବ୍ରହ୍ମପୁର ବିଜେପିରେ ଦୁଇ ନେତାଙ୍କ ଗୋଷ୍ଠୀ ମଧ୍ୟରେ ଶୀତଳ ଯୁଦ୍ଧ ଲାଗି ରହିଛି। ତେଣୁ ଜାଣିଶୁଣି ଦଳର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଉଭୟ ମନ୍ତ୍ରୀଙ୍କ ନାଁ କୁ ଫଳକରେ ସ୍ଥାନ ଦେଇନଥିଲେ। ଯାହାକୁ ନେଇ ଅନ୍ୟ ନେତାଙ୍କ କ୍ୟାମ୍ପ୍ ରେ ଅସନ୍ତୋଷ ଦେଖାଦେବା ସହ ସାଧାରଣରେ ବି ଏହାକୁ ନିନ୍ଦା କରାଯାଇଥିଲା। ବାସ୍ତବରେ ଉକ୍ତ ଦିନ ଉଦ୍ଘାଟନ କାର୍ଯ୍ୟକ୍ରମରେ ଦୁଇ ଜଣ ମନ୍ତ୍ରୀ ଉପସ୍ଥିତ ଥିବା ସତ୍ତ୍ୱେ କିଏ ଏବଂ କାହିଁକି ଫଳକରେ ସେମାନଙ୍କ ନାଁ ରଖି ନଥିଲେ ତାକୁ ନେଇ ପ୍ରଶ୍ନ ଉଠିଥିଲା। ଜାଣିଶୁଣି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ ପକ୍ଷରୁ ଏଭଳି କରାଯାଇଥିବା ଆଲୋଚନା ବି ବଢ଼ିଥିଲା। ସମ୍ପ୍ରତି ଫଳକ ପରିବର୍ତ୍ତନ ଦଳୀୟ ହେବିୱେଟ୍ ଙ୍କ ମଧ୍ୟରେ ଥିବା ବଡ ଫାଟକୁ ସ୍ପଷ୍ଟ କରିଦେଇଥିବା ସ୍ଥାନୀୟ ରାଜନୈତିକ କରିଡ଼ରରେ ଆଲୋଚନା ହେଉଛି।

ଜୈବିକ କୃଷି ନିମନ୍ତେ ରାଜ୍ୟସ୍ତରରେ ମହିଳା ସ୍ୱୟଂସହାୟକ ଦଳ ସମ୍ମାନିତ

କନ୍ଧମାଳ,୧୨।୩(ସଂଚାର ବ୍ୟୁରୋ): ସମାଜରେ ଧିରେ ଧିରେ ଦେଶିଧାନ ଚାଷ ଲୋପ ପାଉଥିବା ବେଳେ ସମନ୍ୱିତ କୃଷି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କନ୍ଧମାଳ ଜିଲ୍ଲା କୃଷି ବିଭାଗ ଏହାକୁ ପୁର୍ନରୁଦ୍ଧାର କରିବା ନିମନ୍ତେ ମହିଳା ସ୍ୱୟଂ ସହାୟକ ଦଳ ମାଧ୍ୟମରେ ଜୈବିକ ପଦ୍ଧତିରେ ପ୍ରଚେଷ୍ଟା କରାଯାଉଛି। ଏହି ପରିପ୍ରେକ୍ଷିରେ ରାଇକିଆ ବ୍ଲକ୍‌ର ସ୍ଥାନୀୟ ସୁଗଡ ବାଡି ପଞ୍ଚାୟତର ଲାମ୍ବାଡିକିଆ ଗ୍ରମ ମା ଲକ୍ଷ୍ମୀ ସ୍ୱୟଂସହାୟକ ଦଳ ନିଜର ପ୍ରଚେଷ୍ଟା ଓ ଅନୁଷ୍ଠାନର ସହଯୋଗରେ ୧୩ ପ୍ରକାରର ଦେଶି ଧାନ



ଜୈବିକ ପଦ୍ଧତିରେ ଚାଷ କରି ରାଜ୍ୟ ସ୍ତରର ଏକ ସମ୍ମିଳନୀ ରେ ସମ୍ମାନିତ ହୋଇଛନ୍ତି। ଏଥିରେ ଲୁପ୍ତ ପାଇଯାଇଥିବା ଧାନ ଯଥା- କରକରିଆ, ସିରେସାକା, ନିର୍ପତିଆ, ତୁଳସୀ କଂଟି, ଭାସୁମତୀ, କାସାରାଙ୍ଗା, ଲଙ୍ଗିଜଂଡେଗା, ଲାଦା ନିରପତିଆ, ବୁକୁରାଙ୍ଗା, ଝଙ୍କା, ବିକୋକା, ଜିଆ ଧାନ ଓ ଗଞ୍ଜୁଟୁରେକା ଭଳି ଲୁପ୍ତ ପାଇଯାଇଥିବା ଆଦିବାସୀ ଅଞ୍ଚଳ ର ଧାନ ସଂପୃକ୍ତ ଥିଲା । ତତ୍ସହିତ ଜୈବିକ ପଦ୍ଧତି ରେ ବିଭିନ୍ନ ଖତ ସାର ଯଥା- ହାଣ୍ଡି ଖତ, ବିଜାମୃତ ଓ ଜୀବାମୃତ ସ୍ପ୍ରସ୍ତୁତି ଓ ବିକ୍ରୟ କରି ସ୍ଥାନୀୟ ଅଂଚଳରେ ଉଦାହରଣ ସୃଷ୍ଟି କରି ପାରିଛନ୍ତି । ଏହିଭଳି ଭିନ୍ନ ପ୍ରୟାସକୁ ସ୍ଥାନୀୟ ଅଂଚଳରେ ପ୍ରସଂସା କରିବା ସହିତ ଦଳର ସଭାପତି ଓ ସଂପାଦିକା ସରିତା ପ୍ରଧାନ ଓ ଅନିମା ପ୍ରଧାନଙ୍କୁ ସ୍ୱାତୀ ଅନୁଷ୍ଠାନର ସଂପାଦକ ହରି ଶଙ୍କର ରାଉତ ଧନ୍ୟବାଦ ଜଣାଇଛନ୍ତି । ଏହିପରି ସାମୁହିକ ପ୍ରଚେଷ୍ଟାକୁ ଅନୁଷ୍ଠାନ ତରଫରୁ ବିଶ୍ୱରଞ୍ଜନ ଦଳବେହେରା ଓ ମିନାକ୍ଷୀ ଦାଶ ପରିଚାଳନା କରିଥିରେ।

ଏପ୍ରିଲ ୭ରୁ ହେବ ବନଦୁର୍ଗା ମହୋତ୍ସବ

ସଂସ୍କୃତିର ସୁରକ୍ଷା ଓ ସମସ୍ୟା ସମାଧାନର ବାଟ ଦେଖାଇବ ମହୋତ୍ସବ : ନରସିଂହ

ବଲାଙ୍ଗିର,୧୨।୩(ସଂଚାର ବ୍ୟୁରୋ): ଏକ ବୃହତ୍ତର ସ୍ୱାର୍ଥ ରକ୍ଷା ପାଇଁ ଲୋୟର ସୁକତେଲ ବୁଡି ଅଞ୍ଚଳର ଲୋକେ ସବୁ କିଛି ତ୍ୟାଗ କରିଛନ୍ତି । ମା, ମାଟି, ମନ୍ଦିର, ଆତ୍ମୀୟସ୍ୱଜନ ଏ ସମସ୍ତଙ୍କୁ ଛାଡି ୨୯ଖଣ୍ଡ ଗାଁର ଲୋକେ ବିସ୍ଥାପିତ ହୋଇଛନ୍ତି। ସମସ୍ତଙ୍କ ଆରାଧ୍ୟା ଦେବୀ ମା' ବନଦୁର୍ଗାଦେବୀଙ୍କ ନାମରେ ବନଦୁର୍ଗା ମହୋତ୍ସବ କମିଟି ଗଠନ କରି ବନଦୁର୍ଗା ମହୋତ୍ସବ ସହ ମନ୍ଦିରର ପୁନଃଉଦ୍ଧାର କରିବାକୁ ଏକତ୍ରିତ ହୋଇଛନ୍ତି କର୍ମକର୍ତ୍ତା । ଆଜି ବନଦୁର୍ଗା ମହୋତ୍ସବ ମଂଚ ଭୂମିପୂଜା ଉତ୍ସବରେ ମହୋତ୍ସବ କମିଟିର ଅଧ୍ୟକ୍ଷ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଉପସ୍ଥିତ ଥିବା ତଳି ତଥା ବୁଡି ଅଞ୍ଚଳର ଲୋକଙ୍କୁ ନିଜ ବକ୍ତବ୍ୟରେ କହିଛନ୍ତି ଏ ଉତ୍ସବ ମାଧ୍ୟମରେ ଏ ଅଞ୍ଚଳର ଲୋକଙ୍କର ଶିକ୍ଷା, ସଂସ୍କୃତି, ପରଂପରା ତଥା ସେମାନେ ଭୋଗୁଥିବା ସମସ୍ୟାକୁ ନେଇ ଏକ ଉତ୍ତମ ମାହୋଲରେ ମତ ବିନିମୟ କରିପାରିବା ଯାହାକି ଶିକ୍ଷା, ସଂସ୍କୃତି,



ପରଂପରାର ସୁରକ୍ଷା ଓ ସମସ୍ୟାର ସମାଧାନ ଦିଗରେ ଆମକୁ ସାହାଯ୍ୟ କରିବ ।

ଲୋୟର ସୁକତେଲ ଡ୍ୟାମ ତଳେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ମଣ୍ଡଳିର ପୂର୍ବତନ ମୁଖ୍ୟ ଯନ୍ତ୍ରୀ ବେଲାର ସିଂ ଭୋଇ, ଗୌକ୍ତିଆ ଲୋକନାଥ କୁମୁରା, ଝାଙ୍କରପାଲି ଗୌକ୍ତିଆ ଦୁର୍ଗା ଭୋଇ, ସାମାଜିକ କର୍ମୀ ଧର୍ମେନ୍ଦ୍ର ନନ୍ଦ, ଲୋଚନ ବିଶ୍ୱାଲ ପ୍ରମୁଖ ମଂତାସୀନ ଥିଲେ । ଏହି ଉତ୍ସବ ଆୟୋଜନରେ ମୁଖ୍ୟତଃ ମାଗୁରବେଡା, ଗ.ଶ.ଡୁଙ୍ଗୁରିପାଲି, କୁଶମେଲ, କୁଟୁମଡୋଲା, ଖୁଣ୍ଟପାଲି, ରେଙ୍ଗାଲି, ରତାଖଣ୍ଡି, ବାରପୁଡୁଗିଆ, ଝାଙ୍କରପାଲି ଓ ବୁଡାପାଲି ପଂଚାୟତର ଜନପ୍ରତିନିଧିମାନେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ଆସନ୍ତା ଏପ୍ରିଲ ମାସ ୭ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପି ଏହି ମହୋତ୍ସବ ପାଳନ କରାଯିବାର ସ୍ଥିରିକୃତ ହୋଇଛି।


ଜ୍ୟୋତି କଳସ ରଥକୁ ସ୍ୱାଗତ ଓ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ବିଷମ କଟକ,୧୨।୩(ସଂଚାର ବ୍ୟୁରୋ): ରାୟଗଡା ଜିଲ୍ଲା ବିଷମ କଟକଠାରେ ବିଶ୍ୱ ଗାୟତ୍ରୀ ପରିବାର ତରଫରୁ ଜ୍ୟୋତି କଳସ ରଥ ପରିକ୍ରମା କରି ଯଜ୍ଞ ଦ୍ୱୀପ ଓ ପାଞ୍ଚ କୁଣ୍ଡୀୟ ମହାଯଜ୍ଞ ଓ ଜନଜାଗରଣ



କାର୍ଯ୍ୟ କରାଯାଇଅଛି। ସୁଦୂର ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ପାବନ ଜ୍ୟୋତି କଳସ ରଥକୁ ବିଷମ କଟକ ଗାୟତ୍ରୀ ପରିବାର ନେତୃତ୍ୱରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ମଙ୍ଗଳବାର ସନ୍ଧ୍ୟା ସମୟରେ ସ୍ଥାନୀୟ ମୁଣ୍ଡାବନ୍ଧ ନାଳ ଠାରୁ ଜଳ ଭରି କଳସଯାତ୍ରା ରେ ସହର ପରିକ୍ରମା କରାଯାଇ ରାଧା କୃଷ୍ଣ ମନ୍ଦିର ପରିସରରେ ସ୍ଥାପନ କରାଯାଇ ଦୀପ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ବୁଧବାର ମନ୍ଦିର ପରିସରରେ ପାଞ୍ଚ କୁଣ୍ଡୀୟ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ବସନ୍ତ ଋତେଇ ରଥ ଆଗମନର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବିଷଦ ଭାବେ ବୁଝାଇଥିଲେ। ଗାୟତ୍ରୀ ଯଜ୍ଞ ଓ ପ୍ରବଚନ ଦ୍ୱିପହର ଦୁଇଟା ପର୍ଯ୍ୟନ୍ତ ଚାଲିଥିଲା । ସବିତା ମିଶ୍ର ଓ ମିନାକ୍ଷୀ ପଟ୍ଟନାୟକ ହୋମ ଯଜ୍ଞ ପ୍ରବଚନ ଦେଇଥିଲେ।ଯଜ୍ଞ ପରେ ସମସ୍ତ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରଯାଇଥିଲା।

ଜିଲ୍ଲାପାଳଙ୍କୁ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ସ୍ମାରକପତ୍ର



ବାଲେଶ୍ୱର,୧୨।୩(ସଂଚାର ବ୍ୟୁରୋ): ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ତରଫରୁ ଜିଲ୍ଲାପାଳଙ୍କୁ ଭେଟି ୩ ଦଫା ଦାବୀ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗତ ଦୁଇବର୍ଷ ତଳେ ବିଗତ ସରକାର ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ କରିଥିଲେ କିନ୍ତୁ ଆଉଟସୋର୍ସିଂ କର୍ମଚାରୀଙ୍କୁ ନିୟମିତ ପାଇଁ ପଦକ୍ଷେପ ନେଇ ନଥିଲେ । ବହୁବାର ଶାନ୍ତିପୂର୍ଣ୍ଣ ଧର୍ମଘଟପରେ ପୂର୍ବ ସରକାର ପ୍ରତିଶ୍ରୁତି ଦେଇ ମଧ୍ୟ ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରତି ନ୍ୟାୟ ଦେଇନାହାନ୍ତି। ନିର୍ବାଚନର କିଛି ମାସ ତଳେ ୨୫ ପ୍ରତିଶତ ଦରମା ବୃଦ୍ଧି କରିଥିଲେ କିନ୍ତୁ ସମସ୍ତ ଆଉଟସୋର୍ସିଂ କର୍ମଚାରୀଙ୍କୁ ଏଯାଏ ମିଳିନାହିଁ। ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ସହ ଛଟେଇ ବନ୍ଦ କରିବା, ଡେଲିୱେଜସ୍ କର୍ମଚାରୀଙ୍କୁ ସମାନ ଆର୍ଥିକ ଓ ଆନୁଷଙ୍ଗିକ ସୁବିଧା ପ୍ରଦାନ କରିବା ସହ ସମସ୍ତ ବର୍ଗର ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ଦାବୀ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଯଦି ରାଜ୍ୟ ସରକାର ମାର୍ଚ୍ଚ ୧୯ ତାରିଖ ପୂର୍ବରୁ ଦାବୀ ପୂରଣ ନ କରନ୍ତି ତାହେଲେ ବାଧ୍ୟ ହୋଇ ମାର୍ଚ୍ଚ ୨୪ ତାରିଖରୁ ଭୁବନେଶ୍ୱର ଗାନ୍ଧୀମାର୍ଗରେ ବସିବୁ ବୋଲି ରାଜ୍ୟ ଗଣମାଧ୍ୟମ ସଂଯୋଜକ ସାନୁ କୁମାର ଶାସମଲ କହିଛନ୍ତି ।

ରୁଙ୍ଗଟା ମାଇନ୍ସରେ ଜାତୀୟ ସୁରକ୍ଷା ସପ୍ତାହ

ବଡବିଲ,୧୨।୩(ସଂଚାର ବ୍ୟୁରୋ): ରୁଙ୍ଗଟା ମାଇନସ, କରାକୋଲ୍‌ହା ପ୍ଲାଣ୍ଟରେ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନ ଅବସରରେ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ ବୃହତ୍ ସ୍ତରରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍

SANCHAR ସଂଚାର ଗୁରୁବାର ୧୩ ମାର୍ଚ୍ଚ ୨୦୨୫

ନାରୀ



ମହିଳାଙ୍କୁ ସ୍ୱତନ୍ତ୍ର ସୁବିଧା

ମହିଳାଙ୍କ ସୁବିଧା ଓ ସୁରକ୍ଷା ପାଇଁ ଅନେକ ଯୋଜନା ପ୍ରଣୟନ ହୋଇଛି। ଏହା ବିଷୟରେ ଊଣା ଅଧିକେ ସମସ୍ତେ ଅବଗତ ଅଛନ୍ତି। କିନ୍ତୁ ଅଧିକାଂଶ ମହିଳା ବିଶେଷ କରି ଗ୍ରାମାଞ୍ଚଳ ତଥା କିଛି ଶିକ୍ଷିତ ମହିଳା ବି ଏ ବିଷୟରେ ସଚେତନ ନୁହନ୍ତି। ଏଣୁ ସେମାନଙ୍କ ଅବଗତି ନିମନ୍ତେ ଆମର ଏଥରର ସ୍ୱତନ୍ତ୍ର ଆଲେଖ୍ୟ...

↗ **ହୋଟେଲ୍‌ରେ ଟଏଲେଟ୍ ବ୍ୟବହାର:** ଭାରତୀୟ ସରାୟ ଆକ୍ଟ ୧୮୬୭ ଅନୁସାରେ ଜଣେ ମହିଳା ପ୍ରାକୃତିକ କ୍ରିୟା ସମ୍ପାଦନ କରିବାପାଇଁ ଯେକୌଣସି ହୋଟେଲ୍ ଏପରିକି ତାହା ପଞ୍ଚତାରକା ହୋଇଥିଲେ ବି ୱାସ୍‌ରୁମ୍ ବ୍ୟବହାର କରିବା ସହ ମାଗଣାରେ ପାଣି ମାଗି ପିଇପାରିବେ। ଏଥିରେ କୌଣସି ହୋଟେଲ୍ ମନାକଲେ ଆପଣ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇପାରିବେ।

↗ **ପିଲାଙ୍କୁ ସୁରକ୍ଷିତ ସ୍ତନ୍ୟପାନ:** ଏହା ସମ୍ବିଧାନର ଧାରା ୨୧ ଅର୍ଥାତ୍ ମୌଳିକ ଅଧିକାର ସହିତ ଯୋଡ଼ିହୋଇଛି। ଏହା ଅଧୀନରେ ସୁପ୍ରିମ୍‌କୋର୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସର୍ବସାଧାରଣ ସ୍ଥାନରେ ଏକ ସ୍ୱତନ୍ତ୍ର କୋଠରି ନିର୍ମାଣ କରିବାକୁ ଆଦେଶ ଦେଇଛନ୍ତି, ଯେଉଁଠାରେ ଜଣେ ମହିଳା ନବଜାତ ଶିଶୁକୁ ସ୍ତନ୍ୟପାନ କରାଇପାରିବେ। ଅନେକ ସ୍ଥାନରେ ତଥା କାର୍ଯ୍ୟାଳୟରେ ଏହି ସୁବିଧାର ଅଭାବ ପରିଲକ୍ଷିତ ହେଉଛି।

↗ **ଋତୁସ୍ରାବ ଛୁଟି:** ଭାରତରେ ଏଯାଏ ମହିଳାମାନଙ୍କ ଋତୁସ୍ରାବ ଲାଗି ସବୈତନିକ ଛୁଟି ପାଇଁ କୌଣସି ବିଧିବଦ୍ଧ ଆଇନ ପ୍ରଣୟନ ହୋଇନାହିଁ। ସୁପ୍ରିମ୍‌କୋର୍ଟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ଏ ସଂକ୍ରାନ୍ତରେ ବିଚାରବିମର୍ଶ କରି ନିଷ୍ପତ୍ତି ନେବାକୁ ସଂପୂର୍ଣ୍ଣ ଅଧିକାର ଦେଇଛନ୍ତି। ମହିଳାମାନେ ଋତୁସ୍ରାବର ପ୍ରଥମ କିମ୍ବା ଦ୍ୱିତୀୟ ଦିନ ଛୁଟି ନେଇପାରିବେ ବୋଲି ଓଡ଼ିଶା ସରକାର ଘୋଷଣା କରିଛନ୍ତି। ଏହାପୂର୍ବରୁ ବିହାରରେ ୧୯୯୨ ମସିହାରେ ମହିଳା କର୍ମଚାରୀଙ୍କୁ ପ୍ରତିମାସରେ ଦୁଇଦିନ ସବୈତନିକ ଛୁଟି ଦିଆଯାଉଛି। ସେହିପରି କେରଳରେ ୨୦୦୩ରୁ ସମସ୍ତ ବିଶ୍ୱବିଦ୍ୟାଳୟ ତଥା ଶିକ୍ଷାନୁଷ୍ଠାନରେ ମହିଳାମାନଙ୍କୁ ମାସିକ ଋତୁସ୍ରାବ ଅବକାଶ ଦିଆଯାଉଛି।

↗ **ଯୌନ ଉତ୍ପୀଡ଼ନ ପାଇଁ ସୁରକ୍ଷା ବ୍ୟବସ୍ଥା:** ଭାରତୀୟ ସମ୍ବିଧାନର ଧାରା ୧୪ ଓ ୧୫ ଅଧୀନରେ ସମତା ତଥା ଧାରା ୨୧ ଅଧୀନରେ ସ୍ୱାଭିମାନର ସହିତ ଜିଇବା, ନିଜ ମନପସନ୍ଦର ବ୍ୟବସାୟ କରିବାର ଅଧିକାର ରହିଛି। ଏହା ଅଧୀନରେ ମହିଳାମାନେ ଲୈଙ୍ଗିକ ଉତ୍ପୀଡ଼ନ ମୁକ୍ତ ସୁରକ୍ଷିତ ବାତାବରଣରେ ରହିବାର ଅଧିକାର ବି ରହିଛି। କାର୍ଯ୍ୟସ୍ଥଳରେ ମହିଳାମାନେ ସାମ୍ନା କରୁଥିବା ଯୌନ ହିଂସା ବା ଉତ୍ପୀଡ଼ନକୁ ରୋକିବା ପାଇଁ ୨୦୨୩ରେ ପୋସ୍ ଆକ୍ଟ ଜାରି କରାଯାଇଥିଲା। ଏହି ଅଧିନିୟମ ଅନୁସାରେ ମହିଳାମାନେ ସାମ୍ନା କରୁଥିବା ଯୌନ ହିଂସାକୁ ରୋକିବା ସହ କେସ୍ ଦେଇପାରିବେ ଏବଂ ଅପରାଧୀଙ୍କୁ ନିୟନ୍ତ୍ରଣ ପାଇଁ ଆଇନଗତ ପ୍ରାବଧାନ କରିପାରିବେ।

↗ **ସାଧାରଣ ଓ ଦିବ୍ୟାଙ୍ଗ ମହିଳାଙ୍କ ପାଇଁ ଭ୍ରମଣ ସୁବିଧା:** ମହିଳାମାନଙ୍କ ଭ୍ରମଣ ଓ ଯାତ୍ରା ପାଇଁ ଅନେକ ସୁବିଧା ରହିଛି। କର୍ଣ୍ଣାଟକ, ତାମିଲନାଡୁ ଓ ପଞ୍ଜାବ ପରି ରାଜ୍ୟ ମହିଳାମାନଙ୍କ ସୁରକ୍ଷିତ ତଥା ସୁବିଧା ଯାତ୍ରା ପାଇଁ ଫ୍ରି ବସ୍ ପାସ୍‌ର ବ୍ୟବସ୍ଥା କରିଛନ୍ତି। ସେହିପରି ଦିବ୍ୟାଙ୍ଗ ମହିଳାଙ୍କ ସୁରକ୍ଷିତ ଯାତ୍ରା, ରହଣି, ଦର୍ଶନ, ଲଗେଜ୍ ପରିବହନ ଆଦି ପାଇଁ ମଧ୍ୟ ବ୍ୟବସ୍ଥା ରହିଛି। ଏପରିକି ଓଡ଼ିଶା ସମେତ ଅନେକ ରାଜ୍ୟରେ ଦିବ୍ୟାଙ୍ଗଙ୍କ ପାଇଁ ଫ୍ରି ବସ୍ ଓ ଟ୍ରେନ୍ ଟିକେଟ୍‌ର ସୁବିଧା ରହିଛି। କିଛି ହୋଟେଲ୍ ଦିବ୍ୟାଙ୍ଗ ମହିଳା ଓ ସାଧାରଣ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ମହିଳା ରୁମ୍ ସେଲ୍ ବ୍ୟବସ୍ଥା ମଧ୍ୟ କରିଥାନ୍ତି।

↗ **ସ୍ୱାବଲମ୍ବୀ ଯୋଜନା:** ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ଓ ରୋଜଗାରକ୍ଷମ କରାଇବା ପାଇଁ ସରକାର ମିଶନଶକ୍ତି, ବେଟି ବଚାଓ ବେଟି ପଢାଓ, ସ୍ୱଧାର ଗୃହ ଯୋଜନା, ମହିଳା ସମୃଦ୍ଧି ଯୋଜନା ପରି ଅନେକ ଯୋଜନା ହାତକୁ ନେଇଛନ୍ତି। ଏହାଦ୍ୱାରା ସେମାନେ ନିଜେ ସକ୍ଷମ ହୋଇପାରିବେ। ମହିଳାମାନେ ଆଉ ଘରେ ନରହି, ପୁରୁଷମାନଙ୍କ ଉପରେ ନିର୍ଭର ନହୋଇ ନିଜେ ରୋଜଗାର କରି ଘର ଚଳାଇବା ସହିତ ପିଲାଙ୍କ ଖର୍ଚ୍ଚ ଉଠାଇ ପାରୁଛନ୍ତି।

↗ **ଋତୁସ୍ରାବ ପାଇଁ ସଚେତନତା ଓ ସୁବିଧା:** କିଶୋରୀମାନଙ୍କୁ ଋତୁସ୍ରାବ ବିଷୟରେ ସଚେତନତା ପାଇଁ ସରକାରଙ୍କ ପକ୍ଷରୁ 'ଖୁସି' ଯୋଜନା କରାଯାଇଛି। ଏହା ଅଧୀନରେ ପ୍ରତି ସ୍କୁଲ୍‌ରେ ମାଗଣା ସାନିଟାରି ନ୍ୟାପ୍‌କିନ୍ ବଣ୍ଟନ ବ୍ୟବସ୍ଥା ରହିଛି। ଖାଲି ସେତିକି ନୁହେଁ, ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ଯେପରିକି ଏୟାର୍‌ପୋର୍ଟ, ରେଳ ଷ୍ଟେସନ୍, ସିନେମା ହଲ୍‌ମାନଙ୍କରେ ସାନିଟାରି ନ୍ୟାପ୍‌କିନ୍ ଭେଣ୍ଡିଂ ମେସିନ୍ ରହିଛି, ଯେଉଁଠି ଅଳ୍ପ ଟଙ୍କା ବ୍ୟୟରେ ଆପଣ ନ୍ୟାପ୍‌କିନ୍ ପାଇପାରିବେ।



ମହିଳାମାନଙ୍କ ଲାଗି ଅନେକ ସୁବିଧା ରହିଛି। ଖାଲି ଗ୍ରାମାଞ୍ଚଳ ନୁହେଁ ସହରାଞ୍ଚଳର ଶିକ୍ଷିତ ମହିଳା ବି ଏ ବାବଦରେ ସବୁକଥା ଜାଣିନଥିବେ। ଯଦି ସାନିଟେସନ୍, ଟଏଲେଟ୍ ଓ ଯୌନ ଉତ୍ପୀଡ଼ନ ନେଇ ଲଗାତାର ଟିଭି, ପେପର୍‌ରେ ବିଜ୍ଞାପନ ବା ହୋର୍ଡିଂ ମାଧ୍ୟମରେ ସଚେତନତା ପ୍ରସାର କରାଯାଆନ୍ତା ତେବେ ଲୋକମାନେ ଆହୁରି ଅଧିକ ସଚେତନ ହୋଇପାରନ୍ତେ। ପୋଲିଓ ଟିକା, ମ୍ୟାଲେରିଆ ଭଳି ରୋଗର ପ୍ରଚାର ପାଇଁ ଯେପରି ଆଞ୍ଚଳିକ ରେଡିଓ, ଟିଭିରେ ସଚେତନ କରାଯାଏ, ସେହିପରି ଏହି ଜରୁରୀ ପ୍ରସଙ୍ଗ ଉପରେ କମ୍ୟୁନିଟି ରେଡିଓ, ଅଙ୍ଗନବାଡ଼ି କର୍ମୀମାନଙ୍କ ଦ୍ୱାରା ସଚେତନ କରାଗଲେ ଗାଁ ଗହଳିର ମହିଳାମାନେ ଏ ବାବଦରେ ଜାଣିପାରିବେ। କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡ଼ନର ଶିକାର ହେଲେ ପ୍ରତି କାର୍ଯ୍ୟାଳୟରେ ମଧ୍ୟ ଗୋଟେ ଆଭ୍ୟନ୍ତରୀଣ କମିଟି ରହିଛି, ଯାହାଦ୍ୱାରା ଜଣେ ମହିଳା ଲିଖିତ ଭାବେ ଅଭିଯୋଗ କରିପାରିବେ ଏବଂ ସଂପୃକ୍ତ ଦୋଷୀଙ୍କୁ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ କରାଇପାରିବେ। ଏଣୁ ସରକାରୀ ସ୍ତରରେ ଖାଲି ଯୋଜନା ପ୍ରସ୍ତୁତ କରିଦେଲେ ହେବନି, ତାକୁ ବ୍ୟବସ୍ଥିତ ଶୈଳୀରେ ପ୍ରଚାରପ୍ରସାର କରି ସଚେତନ କରାଗଲେ ଏ ବିଷୟରେ ଅନେକ ମହିଳା ଜାଣିପାରିବା ସହିତ ଏହାର ଲାଭ ଉଠାଇ ପାରିବେ'' ବୋଲି କହନ୍ତି ସମାଜସେବୀ ଶୁଭଶ୍ରୀ ଦାସ।



ମହିଳାଙ୍କ ପାଇଁ ମହୌଷଧି

ମହିଳାଙ୍କ ସ୍ୱାସ୍ଥ୍ୟ ସମସ୍ୟା ଏବେକା ସମୟରେ ଚିନ୍ତାର ବିଷୟ ହୋଇଗଲାଣି। ଖାଲି କର୍ମଜୀବୀ ମହିଳା ନୁହନ୍ତି ବରଂ ଗୃହିଣୀଙ୍କ କ୍ଷେତ୍ରରେ ଅନେକ ସମସ୍ୟା ଦେଖାଦେଉଛି। ବିଶେଷ କରି ରକ୍ତଚାପ, ଶରୀର କ୍ଲାନ୍ତ, ସାଇଟିକା ଅବସାଦ, ବ୍ରେଷ୍ଟ କ୍ୟାନ୍‌ସର୍ ପରି ଗୁରୁତର ସମସ୍ୟା ଦେଖିବାକୁ ମିଳୁଛି। ଏସବୁ ରୋଗ ପାଇଁ ଡାକ୍ତରୀ ଚିକିତ୍ସା ଖର୍ଚ୍ଚବହୁଳ ହେଉଛି। ଯାହାକି ଗୋଟେ ସାଧାରଣ ବର୍ଗ ପରିବାର ପାଇଁ ଏକପ୍ରକାର ଅସମ୍ଭବ କହିଲେ ଚଳେ। ତେଣୁ ଏପରି ଅବଶ୍ୟମ୍ଭାବୀ ଖର୍ଚ୍ଚକୁ ଏଡ଼ାଇବା ପାଇଁ ମହିଳାମାନଙ୍କୁ ମୁଖ୍ୟତଃ ସଚେତନ ହେବାକୁ ପଡ଼ିବ। ଡାକ୍ତରୀ ଔଷଧ ବଦଳରେ ସଚେତନ ହୋଇ ଘରୋଇ ଚିକିତ୍ସା କରାଇଲେ ଯାବତୀୟ ରୋଗ ଆପଣଙ୍କ ପାଖ ମାଡ଼ିବନି। ତେବେ ଆସନ୍ତୁ ଜାଣିବା, ଆପଣଙ୍କ ମସଲା ଡବାରେ ଥିବା କିଛି ଜିନିଷ କିପରି ଆପଣଙ୍କୁ ଯାବତୀୟ ରୋଗରୁ ରକ୍ଷା କରିବ...

ଧନିଆ ମଞ୍ଜି: ଧନିଆ ମଞ୍ଜି ଖାଇବା ଦ୍ୱାରା ଅନେକ ପ୍ରକାର ରୋଗରୁ ଉପଶମ ମିଳିଥାଏ। ଶରୀରରୁ ବର୍ଜ୍ୟ ନିଷ୍କାସନ କରିବା ସହିତ ରକ୍ତକୁ ସଫା ରଖିଥାଏ। ବିଭିନ୍ନ ପେଟରୋଗ ତଥା ଆଣ୍ଠୁଗଣ୍ଠି ପୀଡ଼ାରୁ ମଧ୍ୟ ମୁକ୍ତି ମିଳିଥାଏ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଭରି ରହିଥାଏ। ଯାହାକି ଶରୀରକୁ ବଳ ଯୋଗାଇବା ସହିତ ନାନା ରୋଗରୁ ଦୂରେଇ ରଖିଥାଏ। ଏହା ଋତୁସ୍ରାବ ଜନିତ ପୀଡ଼ାରୁ ମଧ୍ୟ ମୁକ୍ତି ଦେଇଥାଏ। ଉଷୁମ ପାଣିରେ ଧନିଆକୁ ଭିଜାଇ ଏହାର ପାଣି ସକାଳୁ ଖାଲି ପେଟରେ ପିଇବା ଦ୍ୱାରା ଲାଭଦାୟକ ହୋଇଥାଏ। ଏହାଛଡ଼ା ଆପଣ ଧନିଆ ପତ୍ର ଚଟଣିକୁ ମଧ୍ୟ ଖାଦ୍ୟରେ ସାମିଲ କରିପାରିବେ।

ଜୁଆଣି: ଏଥିରେ ପ୍ରଚୁର ପରିମାଣରେ ପ୍ରୋଟିନ୍, ଫ୍ୟାଟ୍, କାର୍ବୋହାଇଡ୍ରେଟ୍, କ୍ୟାଲ୍‌ସିୟମ୍, ଥିଆମାଇନ୍, ରିବୋଫ୍ଲୋବିନ୍, ଫସ୍‌ଫରସ୍, ଆଇରନ୍ ଆଦି ପୋଷକତତ୍ତ୍ୱ ଭରପୂର ଥାଏ। ଜୁଆଣି ପାଣିକୁ ପିଇବା ଦ୍ୱାରା ବଦହଜମି, ଗ୍ୟାସ୍ ସମସ୍ୟା, ପେଟଫୁଲା ଆଦି ରୋଗରୁ ମୁକ୍ତି ମିଳିଥାଏ। ଜୁଆଣି ଋତୁସ୍ରାବ ଯନ୍ତ୍ରଣା ମଧ୍ୟ ଲାଘବ କରିଥାଏ। ଜୁଆଣି ଡିଟକ୍ସ ଭଳି କାମ କରିଥାଏ। ଯାହାଦ୍ୱାରା ଶରୀରର ବର୍ଜ୍ୟ ନିଷ୍କାସିତ ହୋଇଥାଏ। ମେଦବହୁଳତା, ଓଜନ ନିୟନ୍ତ୍ରଣ ଆଦି ହ୍ରାସ କରିବ। ସକାଳୁ ଖାଲିପେଟରେ ଜୁଆଣି ପାଣି ପିଇଲେ ମହିଳାମାନଙ୍କ ପାଇଁ ଲାଭଦାୟକ। ଗର୍ଭଧାରଣ ପରେ ଶରୀରରେ ରକ୍ତସଂଚାଳନ ପାଇଁ ମଧ୍ୟ ଏହା ଉପକାରୀ। ଏହାକୁ ରୁଟି, ପରଟାରେ ମଧ୍ୟ ପକାଇ ଖାଇପାରିବେ।

ପାନମଧୁରି: ପାନମଧୁରି ଖାଲି ଏକ ମସଲା ନୁହେଁ। ଏଥିରେ ରହିଛି ବିଭିନ୍ନ ରୋଗ ଉପଶମର ଔଷଧୀୟ ଗୁଣ। ପାନମଧୁରିରେ ଆଇରନ୍, ମିନେରାଲ୍, ପୋଟାସିୟମ୍, ଭିଟାମିନ୍ ସି ଭଳି ପୋଷକ ତତ୍ତ୍ୱ ଭରି ରହିଛି। ଏହା ଆମ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଓଜନ କମାଇବା ପାଇଁ ପାନମହୁରି ପାଣି ମହୌଷଧି ଭାବେ କାମ କରେ। ଏହା ପାଣି ପିଇଲେ ଶରୀର ଥଣ୍ଡା ରହେ। ଟ୍ରାନ୍ସ-ଆନାଥୋଲ୍ ଉପାଦାନ ଥିବାରୁ ଏଥିରେ ଆଣ୍ଟିଭାଇରାଲ୍ ଗୁଣ ରହିଥାଏ। ଏହାସହ ପାନମଧୁରି ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଏ। ଯାହାଦ୍ୱାରା ରୋଗ ସଂକ୍ରମଣ ଆଶଙ୍କା କମିଯାଏ। ପାନମଧୁରିକୁ ମିଶ୍ରି ସହିତ ମିଶାଇ ଗୁଣ୍ଡ କରି ଉଷୁମ ପାଣି ସହିତ ଖାଲିପେଟରେ ଖାଇଲେ ଗ୍ୟାସ୍ ଓ କନ୍‌ଷ୍ଟିପେସନ୍ ସହିତ ପେଟର ବିଭିନ୍ନ ସମସ୍ୟା ଦୂର ହୋଇଥାଏ। ଏହା ମହିଳାମାନଙ୍କ ପାଇଁ ଖୁବ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।

ଦେହ ମନକୁ ସୁସ୍ଥ ରଖେ ନୃତ୍ୟ

ଡ୍ୟାନ୍ସ ଥେରାପି ବା ନୃତ୍ୟ ଚିକିତ୍ସା ହେଉଛି ଭାବନାତ୍ମକ, ସୃଜନାତ୍ମକ ତଥା ଶାରୀରିକ ସୁସ୍ଥତା ପାଇଁ ଉପଯୋଗ ହେଉଥିବା ଏକ ନୃତ୍ୟଶୈଳୀ; ଯାହା ଉଭୟ ଶରୀର ଓ ମନକୁ ସୁସ୍ଥ ରଖିଥାଏ। ଦିନଯାକର ପରିଶ୍ରମ ସାଙ୍ଗକୁ ମାନସିକ ଚିନ୍ତା ଆମ ଜୀବନଶୈଳୀ ଉପରେ ଅନେକ ପ୍ରଭାବ ପକାଇଥାଏ। ସେଥିରୁ ମୁକ୍ତି ପାଇବାକୁ ଆଉ ନିଜକୁ ଫୁର୍ତ୍ତି ରଖିବାକୁ କିଏ ଯୋଗର ସାହାରା ନିଅନ୍ତି ତ କିଏ ସୁକ୍ଷମ ଖାଦ୍ୟପେୟ ଉପରେ ଧ୍ୟାନ ଦେବାକୁ ଚେଷ୍ଟା କରିଥାନ୍ତି। କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଅଳ୍ପ କିଛି ମୂହୁର୍ତ୍ତର ଡ୍ୟାନ୍ସ ବି ଆମ ମନ ଓ ମସ୍ତିଷ୍କକୁ ସତେଜ କରିବାର କ୍ଷମତା ରଖିଥାଏ। ନିୟମିତ ରୂପରେ କରାଯାଉଥିବା ଏହି ଡ୍ୟାନ୍ସ ଆମକୁ ଶାରୀରିକ, ମାନସିକ ସ୍ତରରେ ସୁସ୍ଥ ରଖିବା ସଙ୍ଗେ ସଙ୍ଗେ ଅନେକ ରୋଗରୁ ମଧ୍ୟ ରକ୍ଷା କରିଥାଏ। ଯେମିତିକି:

➤ **ମନକୁ ଫୂର୍ତ୍ତି ରଖେ:** ଆଜିର ବ୍ୟସ୍ତମୟ ଜୀବନ ଭିତରେ ଛୋଟ ଛୋଟ କଥାକୁ ନେଇ ଦୁଶ୍ଚିନ୍ତାରେ ରହିବା କିମ୍ବା କୌଣସି ଘଟଣା ସମ୍ପର୍କରେ ଭାବି ମନ ଭିତରେ ଭୟ ଆସିବା ଯେମିତି ଆମର ଏକ ଅଭ୍ୟାସରେ ପରିଣତ ହୋଇଗଲାଣି। ତେଣୁ ଏଭଳି ପରିସ୍ଥିତିରେ ମନକୁ ଶାନ୍ତ ରଖିବା ପାଇଁ ଡ୍ୟାନ୍ସ ଥେରାପି ଏକ ଭଲ ବିକଳ୍ପ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଥାନ୍ତି। କିଛି ସମୟ ନାଚିବା ଦ୍ୱାରା ମନରୁ କେବଳ ଅବସାଦ ଦୂର ହୁଏ ତାହା ନୁହେଁ, ନିଜକୁ ବେଶ୍ ଫୂର୍ତ୍ତି ବି ଲାଗିଥାଏ। କାମ କରିବା ପାଇଁ ମଧ୍ୟ ଆତ୍ମବିଶ୍ୱାସ ବଢ଼େ।

➤ **ଶରୀରକୁ ଶକ୍ତି ଦିଏ:** ଡ୍ୟାନ୍ସ କରିବା ଦ୍ୱାରା ଆଳସ୍ୟ ଦୂର ହୋଇ ଶରୀର ଫୂର୍ତ୍ତି ଲାଗେ। ସରଳରେ କହିବାକୁ ଗଲେ, ନୃତ୍ୟ ଶରୀରରେ ଉର୍ଜାର ସ୍ତରକୁ ଖୁବ୍ ବଢ଼ାଇଦିଏ। ଏପରିକି କେତେକ ସର୍ବେକ୍ଷଣରୁ ପ୍ରମାଣିତ ହୋଇଛି ଯେ, ପ୍ରତିଦିନ କିଛି ସମୟ ନୃତ୍ୟାଭ୍ୟାସ କରୁଥିବା ବ୍ୟକ୍ତିଙ୍କର କାର୍ଯ୍ୟ କରିବାର କ୍ଷମତା ନୃତ୍ୟ କରୁ ନଥିବା ବ୍ୟକ୍ତିଙ୍କ ତୁଳନାରେ ଯଥେଷ୍ଟ ଅଧିକ ହୋଇଥାଏ।

➤ **ଏକାଗ୍ରତା ବଢ଼ାଏ:** ଡ୍ୟାନ୍ସ କରିବା ଦ୍ୱାରା ଏକାଗ୍ରତା ବଢ଼ିଥାଏ; ଯଦ୍ଦ୍ୱାରା ବ୍ୟକ୍ତି ନିଜ ଜୀବନରେ ପୂର୍ବାପେକ୍ଷା ଅଧିକ ଅନୁଶାସିତ ହୋଇଯା'ନ୍ତି। କେବଳ ସେତିକି ନୁହେଁ, ପ୍ରତିଦିନ କିଛି କିଛି ସମୟ ନୃତ୍ୟ ଅଭ୍ୟାସ କରିବା ଫଳରେ ଆତ୍ମବିଶ୍ୱାସ ବି ବୃଦ୍ଧିପାଏ।

➤ **ଶରୀରରେ ରକ୍ତ ସଂଚାଳନ ଠିକ୍ ରଖେ:** ଡ୍ୟାନ୍ସ କରିବା ଦ୍ୱାରା ଶରୀରର ପ୍ରତ୍ୟେକଟି ଅଙ୍ଗ ଚଳଚଞ୍ଚଳ ହୁଏ; ଯାହାଦ୍ୱାରା ପୂରା ଶରୀରରେ ରକ୍ତ ସଂଚାଳନ ଠିକ୍ ଭାବରେ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ଠିକ୍ ହେଲେ ଅନେକ ରୋଗ ହେବାର ଆଶଙ୍କା ବି କମିଯାଏ।

➤ **ହୃଦୟକୁ ସୁସ୍ଥ ରଖେ:** ହୃଦ୍ ସମ୍ବନ୍ଧୀୟ ରୋଗରେ ପୀଡ଼ିତ ଥିବା ବ୍ୟକ୍ତିଙ୍କ ପାଇଁ ଡ୍ୟାନ୍ସ ଏକ ଉତ୍ତମ ଗତିବିଧି ବୋଲି ଅନେକେ ମତ ଦେଇଥା'ନ୍ତି। କିନ୍ତୁ ସେମାନେ ସ୍ପିଡ୍ ଡ୍ୟାନ୍ସ କରିବା ଠିକ୍ ନୁହେଁ। ସୁମଧୁର ସଙ୍ଗୀତର ତାଳେ ତାଳେ ହାଲୁକା ଭାବେ କିଛି ସମୟ ନୃତ୍ୟ କରିବା ଦ୍ୱାରା ସେମାନଙ୍କର ହୃଦ୍‌ସ୍ପନ୍ଦନ ଠିକ୍ ହେବା ସହିତ ସ୍ୱାସ୍ଥ୍ୟରେ ମଧ୍ୟ ଅନେକ ଉନ୍ନତି ଆସିଥାଏ ବୋଲି ସୂଚନା ରହିଛି।

➤ **ଓଜନ କମାଏ:** ନିୟମିତ କିଛି ସମୟ ନାଚ କରିବା ଦ୍ୱାରା ଶରୀରରୁ କିଛି କ୍ୟାଲୋରି ଖର୍ଚ୍ଚ ହୁଏ; ଯଦ୍ଦ୍ୱାରା ଏହା ଶରୀରର ଓଜନ କମାଇବାରେ ବିଶେଷ ସହାୟକ ହୋଇଥାଏ। ଏଥିପାଇଁ ଫ୍ରିଷ୍ଟାଇଲ୍ ଡ୍ୟାନ୍ସ ହେଉଛି ସବୁଠୁ ଭଲ ବିକଳ୍ପ। ଫାଷ୍ଟ ମ୍ୟୁଜିକ୍‌ରେ ଡ୍ୟାନ୍ସ କରିବା ଦ୍ୱାରା ଶରୀର ଚଳଚଞ୍ଚଳ ହୋଇଯାଏ। ଫଳରେ ଶରୀରରେ ଜମା ହୋଇ ରହିଥିବା ଚର୍ବି ଅଂଶ ଧୀରେ ଧୀରେ କମିବାକୁ ଲାଗେ। ଯଦ୍ଦ୍ୱାରା ଶରୀରର ମୋଟାପଣ କମି ଧୀରେ ଧୀରେ ଶରୀର ସୁଗଠିତ ହୁଏ।

➤ **ଶରୀର ଚଳଚଞ୍ଚଳ ହୁଏ:** ଶରୀରର କୌଣସି ସ୍ଥାନ ହଠାତ୍ ମୋଡ଼ି କିମ୍ବା ମକଚି ହୋଇଗଲେ ଆମକୁ ଭୀଷଣ କଷ୍ଟ ହୋଇଥାଏ। ବଡି ମୁଭ୍‌ମେଣ୍ଟ ଠିକ୍‌ରେ ନ ହେଲେ ଏହି ସମସ୍ୟା ଦେଖାଯାଇଥାଏ ବୋଲି ଅନେକେ ମତ ଦେଇଥା'ନ୍ତି। କିନ୍ତୁ ଯେଉଁମାନେ ନିୟମିତ କିଛି କିଛି ସମୟ ନୃତ୍ୟାଭ୍ୟାସ କରିଥା'ନ୍ତି, ସେମାନଙ୍କର ବଡି ମୁଭ୍‌ମେଣ୍ଟ ବହୁତ ଭଲ ଭାବରେ ହୋଇଥାଏ। ଫଳରେ ସେମାନଙ୍କଠାରେ ଆଣ୍ଠୁଗଣ୍ଠି ଦରଜ ହେବାର ସମସ୍ୟା କମ୍ ରହେ।



ବାପାମା'ଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ଛୁଇଁଲେ ଏଭରେଷ୍ଟ



ମହାରାଷ୍ଟ୍ର ପୁଲିସର ଇନ୍‌ସ୍‌ପେକ୍ଟର୍ ଦ୍ୱାରକା ଦୋଖେ ୫୦ ବର୍ଷ ବୟସରେ ରାଜ୍ୟ ପୁଲିସର ପ୍ରଥମ ମହିଳା ଅଧିକାରୀ ଭାବେ ସର୍ବୋଚ୍ଚ ଗିରିଶୃଙ୍ଗ ଛୁଇଁବାକୁ ସଫଳ ହୋଇଛନ୍ତି। ପୁଲିସ ବିଭାଗରେ ଭର୍ତ୍ତି ହେବା ପୂର୍ବରୁ ୯ ବର୍ଷ ଧରି ଶିକ୍ଷକତା କରୁଥିଲେ ଦ୍ୱାରକା। ହିମାଚଳ ପ୍ରଦେଶ ୟୁଥ୍ ହଷ୍ଟେଲ୍‌ରେ ଥରେ ସେ ଶିକ୍ଷାଦାନ କରୁଥିବା ସମୟରେ ସେଠାକାର ଛାତ୍ରଛାତ୍ରୀ ତାଙ୍କୁ ଏକ ବହି ଉପହାର ଦେଇଥିଲେ। ଯାହାକି ତିନି ବର୍ଷ ଧରି ସେମିତି ପଡ଼ି ରହିଥିଲା। ତିନି ବର୍ଷ ପରେ ଉକ୍ତ ବହିଟି ପଢ଼ିବା ପରେ ପାହାଡ଼, ପର୍ବତ, ବରଫ ଏବଂ ସେଠାରେ ରହୁଥିବା ସାଧୁସନ୍ଥଙ୍କ ବିଷୟରେ ଜାଣିବାକୁ ପ୍ରବଳ ଆଗ୍ରହ ହିଁ ତାଙ୍କୁ ଏଭରେଷ୍ଟ ଆରୋହଣ ପାଇଁ ମନ ବଳାଇଥିଲା।

ମହାରାଷ୍ଟ୍ର ପୁଲିସରେ ଯୋଗ ଦେଲା ପରେ ସେ ପ୍ରଥମେ ୨୦୧୭ରେ ୧୬,୦୦୦ ହଜାର ଫୁଟ ଉଚ୍ଚ ରୂପକୁଣ୍ଡ ପର୍ବତ ଚଢ଼ିଥିଲେ। ଏହାପରେ ୨୦୧୮ରେ ନେପାଳର ୬,୭୭୦ ମିଟର ଉଚ୍ଚ ମୀରା ଶୃଙ୍ଗ ଚଢ଼ିଲେ। ୨୦୧୯ରେ ସେ ପ୍ରଥମ ଥର ଏଭରେଷ୍ଟ ଚଢ଼ିବା ପାଇଁ ଯୋଜନା କରିଥିଲେ। ହେଲେ ସେହି ବର୍ଷ ବାପାଙ୍କ ଦେହାନ୍ତ, ନିର୍ବାଚନ କାର୍ଯ୍ୟ ଓ ଲକ୍‌ଡାଉନ୍ ଯୋଗୁଁ ସେ ଅସଫଳ ହୋଇଥିଲେ। ଜାନୁଆରି ମାସରେ ତାଙ୍କ ମାଆଙ୍କ ପରଲୋକ ହେଲା। ତାଙ୍କ ମାଆ ତାଙ୍କର ସବୁଠୁ ପ୍ରିୟ ଓ ନିକଟତର ଥିଲେ। ଏହି ଖବର ତାଙ୍କୁ ମାନସିକ ଭାବେ ଏକ ଶକ୍ତ ଧକ୍କା ଦେଇଥିଲା। ଏଣୁ ଆଉ ଗୋଟେ ବର୍ଷ ଅପେକ୍ଷା କରିବାକୁ ପରିବାର ଲୋକେ ପରାମର୍ଶ ଦେଇଥିଲେ। ୨୦୨

ରାଜରାସ୍ତାରେ ଯନ୍ତ୍ରଣା ବଖାଣିଲେ କିଡ୍‌ନୀ ରୋଗୀ

ନ୍ୟାୟ ଦିଅ ନଚେତ ଗୁଳି କରି ମାରିଦିଅ

- ଏସ୍.ସି.ବି କିଡ୍‌ନୀ ରାକେଟ ପେଣ୍ଠସ୍ଥଳୀ
- ୧୭୫ ପ୍ରତିରୋପଣକାରୀ ମଧ୍ୟରୁ ୧୨୫ ମୃତ
- ଡାକ୍ତର ପ୍ରଶାସନ ମାଲାମାଲ
- ରୋଗୀଙ୍କ ଅବସ୍ଥା ବେହାଲ



ଭୁବନେଶ୍ୱର,୧୨।୩(ସଂଚାର ବ୍ୟୁରୋ): ଦେଶର ସମ୍ବିଧାନରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ମୌଳିକ ଅଧିକାର ଅନ୍ତର୍ଭୁକ୍ତ। ସମସ୍ତଙ୍କୁ ମାଗଣା ଓ ନିଶ୍ଚିତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ବାଧ୍ୟତାମୂଳକ। ଖିଲାପକାରୀଙ୍କୁ ଅତି କମ୍‌ରେ ସାତବର୍ଷ ଜେଲ୍ ବ୍ୟବସ୍ଥା ରହିଛି। କିନ୍ତୁ ରାଜ୍ୟରେ ଏକମାତ୍ର କିଡ୍‌ନୀ ପ୍ରତିରୋପଣକାରୀ ଏସ୍. ସି.ବି. ମେଡ଼ିକାଲରେ ଚାରିବର୍ଷ ହେଲା ପ୍ରଫେସର ନାହାଁନ୍ତି। ଜଣେ ସହକାରୀ ପ୍ରଫେସର ଓ ପିଜି ଛାତ୍ରଛାତ୍ରୀମାନେ କିଡ୍‌ନୀ ପ୍ରତିରୋପଣ କରୁଛନ୍ତି। ବର୍ଷକ ମଧ୍ୟରେ ୧୨୫ ଜଣ କିଡ୍‌ନୀ ରୋଗୀ ମୃତ୍ୟୁବରଣ କଲେଣି। ଅନେକ ବିକଳାଙ୍ଗ ଅବସ୍ଥାରେ ଆଉ କେତେକ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଗରିବ କିଡ୍‌ନୀ ରୋଗୀଙ୍କ ଗୁହାରି କେହି ଶୁଣୁନାହାଁନ୍ତି। ଟଙ୍କା ଆଗରେ ସବୁ ଆଇନ କାନୁନ୍ ନୀତି ନିୟମ ତୁଚ୍ଛ ହୋଇପଡ଼ିଛି। ବୁଧବାର ରାଜଧାନୀର ରାଜରାସ୍ତାରେ କିଡ୍‌ନୀ ରୋଗୀ ଓ ସେମାନଙ୍କ ପରିବାର ସରକାର ତୁମେ ଆମକୁ ନ୍ୟାୟ ଦିଅ ନଚେତ ସର୍ବସାଧାରଣରେ ଗୁଳିକରି ମାରିଦିଅ ବୋଲି ନେହୁରା ହୋଇଛନ୍ତି। ସରକାର ମାଗଣା ସ୍ୱାସ୍ଥ୍ୟ ସେବା ପାଇଁ ହଜାର ହଜାର କୋଟି ଖର୍ଚ୍ଚ କରୁଛନ୍ତି, ହଜାର ହଜାର କୋଟିର ଔଷଧ ଦେଖୁଛ ବୋଲି ରେକର୍ଡ଼ କରୁଛନ୍ତି। ଆମକୁ ଉତ୍ତମ ମାନର ଔଷଧ କାହିଁକି ମାଗଣାରେ ମିଳିବ ନାହିଁ। ଏସ୍.ସି.ବି. ରାଜ୍ୟର ଏକମାତ୍ର ସରକାରୀ କିଡ୍‌ନୀ ପ୍ରତିରୋପଣକାରୀ ଚିକିତ୍ସାଳୟ। ଏସ୍. ସି.ବିରେ ସମସ୍ତ ପ୍ରକାର ପରୀକ୍ଷକ, ନିରୀକ୍ଷକ ପାଇଁ ଯନ୍ତ୍ରପାତି ରହିଛି। ଆମକୁ ବାହାରେ ପରୀକ୍ଷା ପାଇଁ କାହିଁକି ପଠାଉଛ। ଏଥିରେ ଏସ୍.ସି.ବି.ର ଡାକ୍ତର, ଡାକ୍ତରାଣୀ ଓ ପ୍ରଶାସନର କେତେ ପାଉଛନ୍ତି? ଆମେ ଆମର ଜମି, ବାଡ଼ି, ସୁନାଗହଣା ବିକି ଭିକାରି ହେବୁ ଏହା ଡାକ୍ତର, ଡାକ୍ତରାଣୀମାନେ କାହିଁକି ମାଲାମାଲେ ହେବେ, ଏହାର ଉତ୍ତର ଆଜି କିଡ୍‌ନୀ ରୋଗୀମାନେ ରାଜ୍ୟ ସରକାରଙ୍କୁ ପଚାରିଛନ୍ତି। ଜାତୀୟ ମେଡ଼ିକାଲ କାଉନସିଲ୍‌ର ଆଇନ ଅନୁସାରେ ଜଣେ ଅଭିଜ୍ଞ ପ୍ରଫେସର ଜଣେ ସହକାରୀ ଓ ସହଯୋଗୀ ପ୍ରଫେସରଙ୍କ ଜରିଆରେ କିଡ୍‌ନୀ ପ୍ରତିରୋପଣ କରିବା ପାଇଁ କଡ଼ା ନିର୍ଦ୍ଦେଶ ରହିଛି। ଆମ ରାଜ୍ୟରେ ଅଭିଜ୍ଞ ପ୍ରଫେସରମାନେ ରାଜ୍ୟରେ ଅନ୍ୟ ଚିକିତ୍ସାଳୟରେ ରହି କିଡ୍‌ନୀ ରୋଗୀଙ୍କୁ କଟକ ଏସ୍‌ସିବି ପଠାଇବେ ଏବଂ ଏସ୍‌ସିବିରେ ଜଣେ ଅନଭିଜ୍ଞ ସହକାରୀ ପ୍ରଫେସର କିଡ୍‌ନୀ ପ୍ରତିରୋପଣ କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶର ଅସଲ ଉଦ୍ଦେଶ୍ୟ କ'ଣ? ଜଣେ ପ୍ରଫେସର ଅଧିନରେ ସହକାରୀ ପ୍ରଫେସର କାର୍ଯ୍ୟ କରିବ। ଜଣେ ସହକାରୀ ପ୍ରଫେସର ଅଧିନରେ ଅଭିଜ୍ଞ ପ୍ରଫେସରମାନେ କାର୍ଯ୍ୟ କରିବେ ଏହା ରାଜ୍ୟ ସରକାରଙ୍କ କେଉଁ ନିଯୁକ୍ତି ଅଧିନରେ ଉଲ୍ଲେଖ ରହଛି ବୋଲି ରୋଗୀମାନେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଏସ୍‌ସିବିରେ ୧୭୫ଜଣ କିଡ୍‌ନୀ ପ୍ରତିରୋପଣକାରୀଙ୍କ ମଧ୍ୟରୁ ୧୨୫ଜଣ ମଲେଣି, ବହୁ ବିକଳାଙ୍ଗ, ଅନେକ ମୃତ୍ୟୁ ଅପେକ୍ଷାରେ। ଏଥିପାଇଁ ଏସ୍‌ସିବିର ସହକାରୀ ପ୍ରଫେସର ଓ ପ୍ରଶାସନ କାହିଁକି ଦୋଷୀ ହେବେ ନାହିଁ। ଟଙ୍କା ଦିଅ, ଭଲ ଚିକିତ୍ସା ନିଅ, ଟଙ୍କା ନିଅ, ଜୀବନ ନେଇଯାଅ ନଚେତ ମୃତ୍ୟୁ ନେଇଯାଅ କହୁଥିବା ଏସ୍‌ସିବିର ପ୍ରଶାସନ ଓ ସହାୟକ ପ୍ରଫେସର କେତେ ଟଙ୍କାର ମାଲିକାଣୀ। କେତେ ଚଳନ୍ତି ଅଚଳନ୍ତି ସମ୍ପତ୍ତିର ମାଲିକାନା, ଯାହାର କ୍ରାଇମ ବ୍ରାଞ୍ଚ ଓ ଭିଜିଲାନ୍ସ ତଦନ୍ତ କାହିଁକି ହେବନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଆମେ ସରକାରର ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ସଚିବଙ୍କ ପାଖରେ ଗୁହାରି କଲୁ, ସେମାନେ କିଛି ଶୁଣିଲେ ନାହିଁ। ସେତେବେଳେ ଓ ସରକାରର ବିଧାୟକ, ସାଂସଦ ଓ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିଧାୟକ, ସାଂସଦଙ୍କ ପାଖରେ ଗୁହାରି କଲୁ ଓ ସରକାର ମଧ୍ୟ କିଡ୍‌ନୀ ରାକେଟ ଟଙ୍କାରେ ବାୟା, କିଛି ଶୁଣୁନାହାଁନ୍ତି।

ସହରାଞ୍ଚଳରେ ୧୦୯ ଗୃହରକ୍ଷୀ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ

କଟକ,୧୨।୩(ସଂଚାର ବ୍ୟୁରୋ): କଟକ ସହରାଂଚଳରେ ଖାଲି ପଡ଼ିଥିବା ୧୦୯ଟି ଗୃହରକ୍ଷୀ ସାଧାରଣ ପଦବୀ ଚୟନ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି। ଆବେଦନକାରୀ କଟକ ସହରାଂଚଳ ପୋଲିସ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ। ଆବେଦନକାରୀଙ୍କ ବୟସ ୦୧.୦୧.୨୦୨୫ରିଖ ସୁଦ୍ଧା ୨୦ ବର୍ଷରୁ କମ୍ ଓ ୬୦ ବର୍ଷରୁ ଅଧିକ ହୋଇନଥିବ ଏବଂ ସେ ପଂଚମ ଶ୍ରେଣୀ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଆବଶ୍ୟକ। ସେ ଓଡ଼ିଆ ଭାଷାରେ କହିବା, ପଢ଼ିବା ଲେଖିବା ଜାଣିଥିବା ଆବଶ୍ୟକ। ଆବେଦନକାରୀଙ୍କ ନାମରେ କୌଣସି ଫୌଜଦାରୀ ମକଦ୍ଦମାରେ ସଂପୃକ୍ତ ନ ଥିବେ ଏବଂ ତାଙ୍କର କୌଣସି ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟା ନଥିବ। ଡ୍ରାଇଭିଂ, କମ୍ପ୍ୟୁଟର ଡାଟା ଏଂଟ୍ରି, ହାଡଓୟାର, ଇଲେକ୍ଟ୍ରିସିଆନ୍, ଅଟୋମୋବାଇଲ୍, ମେକାନିକ, ରୋଷେୟା, ଭଣ୍ଡାରୀ, ସଫେଇ କର୍ମଚାରୀ, ପାଣି ପାଇପ ମେକାନିକ, ମାଳି ଆଦି କାର୍ଯ୍ୟ କ୍ଷେତ୍ରରେ ଅଭିଜ୍ଞତା ଥିବା ଆବେଦନକାରୀମାନଙ୍କୁ ଅଗ୍ରାଧିକାର ଦିଆଯିବ। ଏହି ପଦବୀରେ ଆବେଦନ କରିବା ନିମନ୍ତେ ଆବେଦନ ଫର୍ମ ନିକଟସ୍ଥ ଥାନା, ଫାଣ୍ଡି, ଦୁର୍ଗପତି ସହରାଂଚଳ କଟକଙ୍କ କାର୍ଯ୍ୟାଳୟରେ ଉପଲବ୍ଧ। ଆବେଦନକାରୀ ଫର୍ମ ଏ ପୂରଣ କରି ଜିଲ୍ଲା ଗୃହରକ୍ଷୀ ମୁଖ୍ୟ କାର୍ଯ୍ୟାଳୟ କଟକ ସହରାଂଚଳରେ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି।

ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ଉଦ୍‌ଯାପିତ



କର୍ଲାମୁଣ୍ଡା,୧୨।୩ (ପ୍ରଦୀପ କୁମାର ସାହୁ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ସା ସଭାପତିତ୍ୱ କରିଥିଲେ। ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣ ଲତା ସାହୁ ମୁଖ୍ୟ ଅତିଥି, ଭାରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରୋହିତ କୁମାର ରଣା ମୁଖ୍ୟ ବକ୍ତା ଓ କର୍ଲାମୁଣ୍ଡା ଖ ଯୋନ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ଏବିଇଓ ଗୋପମଣୀ ସାହୁ, ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବିଚାରକ ଭାବେ କେସିଙ୍ଗା ବ୍ଲକ ତୁଣ୍ଡଳା ସିଆର୍‌ସିସି ଗୋପାଳ ପଧାନ, କାଞ୍ଚେଲ ସିଆର୍‌ସିସି ଅଶୁତୋଷ ଭୋଇ ରହିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କୁନି ସାହୁ, ସମ୍ମାନିତ ଅତିଥି ଭାବେ ତହସିଲଦାର ଅରୁଣ ବର୍ଗେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

ଜିଲ୍ଲାସ୍ତରୀୟ ବିଶ୍ୱ କଳା ମୋତିଆ ସପ୍ତାହ



ସୁବର୍ଣ୍ଣପୁର,୧୨।୩(ସଂଚାର ବ୍ୟୁରୋ): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ଥାନୀୟ ସୁବର୍ଣ୍ଣପୁର ନର୍ସିଂ ସ୍କୁଲ ତାଲିମ ସଭା ଗୃହ ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ କଳା ମୋତିଆ ସପ୍ତାହ -୨୦୨୫ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡ଼ା ଗୋପାଳ ଚନ୍ଦ୍ର ମଲ୍ଲିକ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭା ରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଡିସି)ଡ଼ା ରମେଶ ଚନ୍ଦ୍ର ସ୍ୱାଇଁ, ଅଧ୍ୟକ୍ଷ ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କଳା ମୋତିଆ ର କାରଣ, ଲକ୍ଷଣ ଓ ଏହାର ସୁ-ସମାଧାନ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରି ସଚେତନତା ବାର୍ତ୍ତା ପ୍ରଦାନକରିଥିଲେ. ଏକ ସୁସ୍ଥ ସୁନ୍ଦର ସମାଜ ତଥା ଗ୍ଲୁକମା ମୁକ୍ତ ବିଶ୍ୱ ଗଠନ କରିବା ପାଇଁ ସମସ୍ତେ ଏକାଠି ହୋଇପାରିବା ଉପରେ ଅତିଥି ବୃନ୍ଦ ଆଲୋକପାତ କରିଥିଲେ. ଡ୍ରଇଂ ଓ କୁଇଜ୍ ପ୍ରତିଯୋଗୀ ୧୦ ଜଣ ଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ ସଭାରେ ନର୍ସିଂ ସ୍କୁଲ ର ଛାତ୍ର ଛାତ୍ରୀ, ନର୍ସିଂ ଅଫିସର, ସ୍ୱାସ୍ଥ୍ୟ ବିଭାଗ ର କର୍ମଚାରୀ ଅଧିକାରୀ ବୃନ୍ଦ ଏବଂ ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ସଭା ପରିଚାଳନା କରିଥିବାବେଳେ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ମନ୍ଦିର ପ୍ରତିଷ୍ଠା ପାଇଁ ୨୪ ପ୍ରହର ନାମଯଜ୍ଞ

ନର୍ଲା,୧୨।୩(ସଂଚାର ବ୍ୟୁରୋ): ନର୍ଲା ବ୍ଲକ ଅନ୍ତର୍ଗତ ରେଖପୁର ଗ୍ରାମରେ ବୁଧବାର ଠାରୁ ଆରମ୍ଭ ହୋଇଛି ଚବିଶ ପ୍ରହର ଅଖଣ୍ଡ ନାମ ଯଜ୍ଞ। ଗ୍ରାମର ଆବାଳବୃଦ୍ଧବନିତା ଏଥିରେ ସାମିଲ ହୋଇଛନ୍ତି। ତିନି ଦିନ ଧରି ଆୟୋଜିତ ହେବାକୁଥିବା ଏହି ନାମ ଯଜ୍ଞରେ କଳାହାଣ୍ଡି ସମେତ ପଡୋଶୀ ଜିଲ୍ଲା ମାନଙ୍କର ଅନେକ ସଂକିର୍ତ୍ତନ୍ୟ ମଣ୍ଡଳୀ ଯୋଗଦେବେ। ନବ ନିର୍ମିତ ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ଅବସରରେ ଆୟୋଜିତ ଉକ୍ତ ନାମ ଯଜ୍ଞର ମୁଖ୍ୟ କର୍ତ୍ତା ଭାବେ ଟର୍ଜିନ ଭୋଇ ଓ ତାଙ୍କ ଧର୍ମପତ୍ନୀ ବାସନ୍ତୀ ଭୋଇ ଦାଇତ୍ୱ ନିର୍ବାହ କରୁଛନ୍ତି। ଗାଁ ପୁରୋହିତ ଅର୍ଜୁନ ମିଶ୍ର ନାମ ଯଜ୍ଞର ପୂଜକ ଥିବାବେଳେ ଗଞ୍ଜାମ ଜିଲ୍ଲା ଛତ୍ରପୁରର ପଣ୍ଡିତ ମନୋଜ କୁମାର ସତପଥି ଏବଂ ସାଥି ପ୍ରତିଷ୍ଠା କାର୍ଯ୍ୟକ୍ରମର ପ୍ରତିଟି ପର୍ଯ୍ୟାୟ ସୂଚାରୁରୂପେ ସଂପାଦନ କରିଛନ୍ତି। ମାର୍ଚ୍ଚ ୭ରୁ ଚାଲିଥିବା ଏହି କାର୍ଯ୍ୟକ୍ରମ ୧୫ ତାରିଖ ହୋଲି ଉତ୍ସବ ଓ ଯମୁନା ସ୍ନାନ ସହ ସମାପନ ହେବ। ରାଧାକୃଷ୍ଣ ମନ୍ଦିର ନିର୍ମାଣ କମିଟି ସଭାପତି ଲୋହିତ ପ୍ରସାଦ ଭୋଇ, ସାଧାରଣ ସମ୍ପାଦକ ଲବିନ୍ଦ୍ର ସେଲମା, କୋଷାଧ୍ୟକ୍ଷ ମୋହନ ଭୋଇ, ମନ୍ଦିର ପ୍ରତିଷ୍ଠା ଏବଂ ପରିଚାଳନା କମିଟି ସଭାପତି ନାରାୟଣ ସେଲମା, ଉପସଭାପତି ଯୁଧିଷ୍ଠିର ଭୋଇ, ସମ୍ପାଦକ ଗୁଣମଣି ଭୋଇ, ଯୁଗ୍ମ ସଂପାଦକ ସତ୍ୟଧର୍ମ ଭୋଇ, କୋଷାଧ୍ୟକ୍ଷ କ୍ଷୀତିଶ ଚନ୍ଦ୍ର ପୋଡ଼, ଉପକୋଷାଧ୍ୟକ୍ଷ ଟିକେରାମ ଭୋଇଙ୍କ ସହ ଗ୍ରାମବାସୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି। ଏହି ନାମ ଯଜ୍ଞରେ ପ୍ରବଳ ଜନସମାଗମ ହେଉଥିବା ଦେଖିବାକୁ ମିଳୁଛି।

ବାରହା ଆକ୍ରମଣରେ ଦୁଇ ମହିଳା ଆହତ

ଗଞ୍ଜାମ,୧୨।୩(ସଂଚାର ବ୍ୟୁରୋ): ବାରହା ଆକ୍ରମଣରେ ଦୁଇ ମହିଳା ଆହତ। ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଖଣ୍ଡୁରୁ ଗ୍ରାମ ନିକଟରେ ଏହି ଘଟଣା ଘଟିଛି। ଚାଷ ଜମିକୁ ଯାଇଥିବା ବେଳେ ବାରହା ଆକ୍ରମଣ କରିଛି। ଆହତଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ବୁଧବାର ସକାଳେ ଚଢ଼ିଆପଡା ଗ୍ରାମର ବନିତା ସାହୁ ଏବଂ ଖଣ୍ଡୁରୁ ଗ୍ରାମର ସାବିତ୍ରୀ ସାହୁ ପରିବା ଆଣିବା ପାଇଁ ଚାଷ ଜମିକୁ ଯାଇଥିଲେ। ଏହି ସମୟରେ ତାଙ୍କୁ ଏକ ବାରହା ଆକ୍ରମଣ କରିଥିଲା। ଦୁହେଁ ପାଟି କରିବାରୁ ସ୍ଥାନୀୟ ଲୋକେ ଆସି ତାଙ୍କୁ ବଞ୍ଚାଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ପୋଲସରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସାବିତ୍ରୀଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେପଟେ ବନ ବିଭାଗକୁ ଖବର ଦିଆଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଘଟଣାସ୍ଥଳରେ ପହଞ୍ଚି ନାହିଁ।



୫ ରେଳ କର୍ମଚାରୀଙ୍କୁ ସୁରକ୍ଷା ପୁରସ୍କାର



ଖୋର୍ଦ୍ଧା,୧୨।୩(ସଂଚାର ବ୍ୟୁରୋ): ଖୋର୍ଦ୍ଧାରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ, ଏଚ୍.ଏସ୍. ବାଜୱା, କର୍ତ୍ତବ୍ୟ ସମୟରେ ଅନୁକରଣୀୟ ସତର୍କତା, ଟ୍ରେନଗୁଡ଼ିକର ସୁରକ୍ଷିତ ଏବଂ ଦକ୍ଷ ପରିଚାଳନା ସୁନିଶ୍ଚିତ କରିବା ପାଇଁ, ଡିଭିଜନର ପାଞ୍ଚ ଜଣ ରେଳ କର୍ମଚାରୀଙ୍କୁ ସୁରକ୍ଷା ପୁରସ୍କାରରେ ସମ୍ମାନିତ କରିଛନ୍ତି। ଏହି ସମ୍ବର୍ଦ୍ଧନା ସମାରୋହ ଡିଆରଏମ୍ କାର୍ଯ୍ୟାଳୟର ସଞ୍ଜିଳନୀ କକ୍ଷରେ ଆୟୋଜନ କରାଯାଇଥିଲା। ଏହି ଅବସରରେ, ଖୋର୍ଦ୍ଧାରୋଡ଼ର ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ, ନମୋନାରାୟଣ ମୀନା ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତଥିଲେଜୁ କଂପାନୀ ସେଠୀ, ଟ୍ରାକ ମେଣ୍ଟେନର/ହିନ୍ଦୋଳ, ପ୍ରମୋଦ କୁମାର ମଣ୍ଡଳ, ଟ୍ରାକ ମେଣ୍ଟେନର/ବୁଢ଼ାପଙ୍କ, ଅମରେଶ ବେହେରା, ଟିପିଏମ୍ (ବି)/ସଦାଶିବପୁର, ଶ୍ରୀ କୈଳାଶ ଚନ୍ଦ୍ର ବାରିକ, ସଂଟିଂ ମାଷ୍ଟର/ପୁରୀ ଏବଂ ଶକ୍ତି ପ୍ରସାଦ ସାହୁ, ଟିପିମ୍ (ଏ)/କାମାକ୍ଷାନଗର, ମଣ୍ଡଳ ରେଳ ପ୍ରବନ୍ଧକଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଶ୍ରୀ ଏଚ୍.ଏସ୍. ବାଜୱା, ଏହି ରେଳ କର୍ମଚାରୀଙ୍କ ଅବିସ୍ମରଣୀୟ ଉତ୍ସର୍ଗକୁ ପ୍ରଶଂସା କରିଥିଲେ ଏବଂ ସମସ୍ତ ରେଳ କର୍ମଚାରୀଙ୍କୁ କର୍ତ୍ତବ୍ୟ ପାଳନ କରିବା ସମୟରେ ସତର୍କ, ସଜାଗ ଏବଂ ସେମାନଙ୍କର ଦାୟିତ୍ୱ ପ୍ରତି ସମର୍ପିତ ରହିବାକୁ ଅନୁରୋଧ କରିଥିଲେ।

ଆବଶ୍ୟକତାଠାରୁ ଅଧିକ ଯାତ୍ରୀ ପରିବହନ କରୁଛି ବସ୍



ଦାରିଙ୍ଗବାଡ଼ି,୧୨।୩(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଦିନକୁ ଦିନ ପରିବହନ ବ୍ୟବସ୍ଥା ବିପର୍ଯ୍ୟୟ ହୋଇପଡ଼ିଛି। ଏକାଧିକ ଯାତ୍ରୀବାହୀ ବସ୍ ନିଜ ସାମର୍ଥ୍ୟଠାରୁ ଅଧିକ ଯାତ୍ରୀଙ୍କୁ ପରିବହନ କରୁଥିବା ନଜିର ରହିଛି। ଏଭଳି ଏକ ଭିଡିଓ ଏବେ ଭାଇରାଲ ହେବା ପରେ ପରିବହନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଲକ୍ଷ୍ମୀ ବସ୍‌ରେ ଯାତ୍ରୀ ଭିଡ଼ ଆବଶ୍ୟକତାଠାରୁ ଅଧିକ ଯାତ୍ରୀଙ୍କୁ ନେଉଥିବା ଭିଡିଓ ଭାଇରାଲ ହେଉଛି। ଯାହାକି ଜିଲା ଆଞ୍ଚଳିକ ପରିବହନ ବିଭାଗର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଯାତ୍ରୀବାହୀ ଅଟୋ ହେଉ କି ଯାତ୍ରୀବାହୀ ବସ୍ ସବୁଠି ନିଜ ସାମର୍ଥ ଅନୁସାରେ ଯାତ୍ରୀ ନେବା ପାଇଁ ନିୟମ ରହିଥିଲେ ମଧ୍ୟ ସେଥିପ୍ରତି ବିଭାଗ ଆଖିବୁଜି ଦେଇଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲାରେ ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜିଲାର ସମସ୍ତ ବିଭାଗକୁ ଡକାଇ ଫୁଲବାଣୀଠାରେ ଏହାର ମୁକାବିଲା ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ବିଭାଗ ପକ୍ଷରୁ ମିଳିତ ଭାବେ ବୈଠକ କରି ଏହାର ମୁକାବିଲା ପାଇଁ ପ୍ରସ୍ତୁତି କରାଯାଇଥିବା ବେଳେ ଦାରିଙ୍ଗବାଡ଼ି ଅଞ୍ଚଳରେ ଏହାର ପ୍ରଭାବ କୌଣସି ପ୍ରକାରେ ଦେଖିବାକୁ ମିଳୁନଥିବା ଅଭିଯୋଗ ହୋଇଛି।

ସ୍ଥାୟୀ ନିଯୁକ୍ତି ଓ ମାସିକ ପ୍ରୋତ୍ସାହନ ରାଶି ବୃଦ୍ଧି ଦାବିରେ ଗାଁ ସାଥୀଙ୍କ ଧାରଣା



ବିନିକା, ୧୨।୩(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି ଗାଁ ସାଥୀ । ଗାଁ ସାଥୀଙ୍କୁ ସ୍ଥାୟୀ ନିଯୁକ୍ତି ଓ ମାସିକ ପ୍ରୋତ୍ସାହନ ରାଶି ବୃଦ୍ଧି ଆଦି ଦାବି ନେଇ ଧାରଣାରେ ବସିଛନ୍ତି । ମୋହନ ସରକାର ବିରୋଧୀ ଦଳରେ ଥିବାବେଳେ ସରକାରକୁ ଆସିଲେ ଗାଁ ସାଥୀ ମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏବେ ସରକାରକୁ ଆସିବା ପରେ ନିଜ ପ୍ରତିଶ୍ରୁତି ଭୁଲି ଯାଇଛନ୍ତି ବୋଲି ଅଭିଯୋଗ କରିଛନ୍ତି ଏହି ଗାଁ ସାଥ